



ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୯ ଅକ୍ଟୋବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 29 OCTOBER 2020
Vol.No. 30 ■ No. 272 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA
A Fully +2 Science Residential College
Dibyasingpur, Udala,
Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission Starts from: Dt.19.03.2020 and Class Starts From:- 2nd April (Thursday)
ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।
*For better development of students are taught by highly and well experienced faculties.*
Contact No: 9437294587, 9438232419, 9437443950,


# କରୋନା ସଂକ୍ରମଣ ମଧ୍ୟରେ ସରିଲା ପ୍ରଥମ ପର୍ଯ୍ୟାୟ ଭୋଟିଂ

ପାଟନା,୨୮।୧୦ (ନି.ପ୍ର): ମହାମାରୀ କରୋନାର ଭୟ ମଧ୍ୟରେ ଆଜି ବିହାର ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ପାଇଁ ଭୋଟିଂ ଶେଷ ହୋଇଛି । ପ୍ରଥମ ପର୍ଯ୍ୟାୟରେ ୭୧ଟି ଆସନ ପାଇଁ ମତଦାନ ବେଶ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି । ନିର୍ବାଚନ କମିଶନ କରୋନା ସଂକ୍ରମଣକୁ ରୋକିବାପାଇଁ ଜାରି କରିଥିବା ଗାଇଡଲାଇନ ଅନୁଯାୟୀ ଭୋଟରମାନେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି । ଶେଷ ଖବର ସୁଦ୍ଧା ରାଜ୍ୟରେ ୫୩.୩୪% ଭୋଟିଂ ହୋଇଛି । ଆଉ କିଛି ସ୍ଥାନରେ ଧାର୍ଯ୍ୟ ସମୟ ପରେ ବି ଭୋଟିଂ ଚାଲିଥିବାରୁ ଭୋଟ ପ୍ରତିଶତ ବଢ଼ିବାର ସମ୍ଭାବନା ରହିଥିବାର ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ବଙ୍କା ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୫୯.୫୭% ଭୋଟିଂ ହୋଇଥିବାବେଳେ ମୁଙ୍ଗେରରେ ସବୁଠାରୁ କମ୍ ୪୭.୩୬% ଲୋକ ମତାଧିକାର ସାବ୍ୟସ୍ତ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ୧୬ଟି ଜିଲ୍ଲାର ୭୧ଟି ଆସନରେ ଭୋଟିଂ ଅନୁଷ୍ଠିତ ହୋଇଛି । ପ୍ରଥମ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଭୋଟିଂ ଅନୁଷ୍ଠିତ ହୋଇଛି । ପ୍ରଥମ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ମନ୍ତ୍ରୀମଣ୍ଡଳରେ ଥିବା ଆଠଜଣ ବରିଷ୍ଠ ମନ୍ତ୍ରୀ ଭାଗ୍ୟ ନିର୍ଦ୍ଧାରଣ କରିଛନ୍ତି ଭୋଟର । ଏବେ ସେମାନଙ୍କ ରାଜନୀତିକ ଭବିଷ୍ୟତ ଇଭିଏମରେ ସିଲ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟରେ ୧୬ଟି ଜିଲ୍ଲାର ୭୧ଟି ଆସନରେ ଭୋଟିଂ ଅନୁଷ୍ଠିତ ହୋଇଛି । ପ୍ରଥମ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ମନ୍ତ୍ରୀମଣ୍ଡଳରେ ଥିବା ଆଠଜଣ ବରିଷ୍ଠ ମନ୍ତ୍ରୀ ଭାଗ୍ୟ ନିର୍ଦ୍ଧାରଣ କରିଛନ୍ତି ଭୋଟର । ଏବେ ସେମାନଙ୍କ ରାଜନୀତିକ ଭବିଷ୍ୟତ ଇଭିଏମରେ ସିଲ ହୋଇଯାଇଛି । ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ସକାଳ ୭ଟାରୁ ଭୋଟିଂ ଆରମ୍ଭ ହୋଇ ୬ଟା ଯାଏ ଚାଲିଥିଲା । ତେବେ କିଛି ସ୍ଥାନରେ ଇଭିଏମ ତ୍ରୁଟି ଓ ଭୋଟରଙ୍କ ଲମ୍ବା ଲାଇନ୍ ଯୋଗୁଁ ଭୋଟିଂ ସମୟକୁ ବୃଦ୍ଧି କରାଯାଇଛି । ବିହାରରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ▶▶ପୃଷ୍ଠା ୭



## ଡିସେମ୍ବର ୩୧ ପୂର୍ବରୁ ବସିବ ବିଧାନସଭା ଶୀତକାଳୀନ ଅଧିବେଶନ

ଭୁବନେଶ୍ୱର,୨୮।୧୦ (ନି.ପ୍ର): ଆସନ୍ତା ଡିସେମ୍ବର ୩୧ ପୂର୍ବରୁ ଶୀତକାଳୀନ ଅଧିବେଶନ ଅନୁଷ୍ଠିତ ହେବ ବୋଲି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ବିଧାନସଭାର ନିୟମ ଅନୁଯାୟୀ ବର୍ଷକୁ ୬୦ ଦିନ ଗୃହ କାର୍ଯ୍ୟ ଚାଲିବା କଥା । କିନ୍ତୁ ତୃତୀୟ ଓ ଚତୁର୍ଥ ଅଧିବେଶନରେ ମୋଟ୍ ୨୦ ଦିନ ଗୃହ କାର୍ଯ୍ୟ ଚାଲିଥିଲା । ତେଣୁ ଡିସେମ୍ବର ପୂର୍ବରୁ ଆଉ ୪୦ ଦିନ ଗୃହ କାର୍ଯ୍ୟ ବସିବାକୁ ବାକି ରହିଛି । ହେଲେ କେବେ ଅଧିବେଶନ ବସିବ, ସେନେଇ ରାଜ୍ୟପାଳଙ୍କ ନିଷ୍ପତିକୁ ଅପେକ୍ଷା କରାଯାଇଛି । ରାଜ୍ୟପାଳଙ୍କ ନିଷ୍ପତି ପରେ ୪୦ ଦିନର କ୍ୟାଲେଣ୍ଡର ପ୍ରସ୍ତୁତ କରାଯିବ ବୋଲି ବାଚସ୍ପତି କହିଛନ୍ତି ।

## ସରକାରୀ ସଂଗଠନରେ ସୁଧାର ଆଣିବା ପାଇଁ ମତାମତ ଦେଇ ପାରିବେ ଜନସାଧାରଣ

ଭୁବନେଶ୍ୱର,୨୮।୧୦ (ନି.ପ୍ର): କେନ୍ଦ୍ର ସରକାରୀ ସଂଗଠନରେ ବ୍ୟବସ୍ଥିତ ଉନ୍ନତି ସମ୍ପର୍କରେ ପରାମର୍ଶ ଦେବା ପାଇଁ ଜନସାଧାରଣଙ୍କ ଲାଗି ମୁଖ୍ୟ ଭିଜିଲାନ୍ସ କମିଶନ ଇମେଲ ଓ ଫୋନ୍ ନମ୍ବର ଜାରି କରିଛନ୍ତି । ୧୪ ନଭେମ୍ବର ସୁଦ୍ଧା ନାଗରିକ ମାନେ ସେମାନଙ୍କ ପରାମର୍ଶଗୁଡିକ ସିଧାସଳଖ କେନ୍ଦ୍ରୀୟ ଭିଜିଲାନ୍ସ କମିଶନଙ୍କ ନିକଟକୁ ଇମେଲ - coord1-cvc@nic.in କିମ୍ବା ୦୧୧-୨୪୬୫୧୬୩୨ ଫୋନ୍ ମାଧ୍ୟମରେ ପଠାଇପାରିବେ ।

## ପୃଥକ୍ ପୃଥକ୍ ସ୍ଥାନରେ ମାଓବାଦୀ-ଯବାନ ଗୁଳି ବିନିମୟ

### ୩୨ ଡ଼ିଟୋନେଟର, ଗୋଟିଏ ଆଇଡି ବିସ୍ଫୋରକ, ୧୬ ରାଉଣ୍ଡ ଗୁଳି, ମାଗାଜିନ୍ ଜବତ



ମାଲକାନଗିରି,୨୮।୧୦ (ନି.ପ୍ର): ଚିତ୍ରକୋଣ୍ଡା ବ୍ଲକ୍ ସ୍ୱାଭିମାନ ଅଂଚଳର ପାପରମେଟେଲା ଥାନା ଅନ୍ତର୍ଗତ ଆନ୍ଧ୍ରସୀମାନ୍ତ ରାଲେଗେଡ଼ା ପଚାଂୟତ ଅଂଚଳରେ ଗତ ଦୁଇ ଦିନ ଧରି ଏସଓଜି ଓ ବିଏସଏଫ ଯବାନଙ୍କ ଦ୍ୱାରା ଚାଲିଥିବା ସର୍ଚ୍ଚ ଅପରେସନ ବେଳେ ଦୀର୍ଘ ସମୟ ଧରି ଦୁଇଟି ସ୍ଥାନରେ ଗୁଳି ବିନିମୟ ହୋଇଥିଲା । ଏଥିରେ ଉଭୟ ପକ୍ଷରୁ କେହି ମୃତାହତ ହୋଇନଥିଲେ ମଧ୍ୟ ବହୁ ▶▶ପୃଷ୍ଠା ୭

## ବିଦାୟ ନେଲା ମୌସୁମୀ

ଭୁବନେଶ୍ୱର,୨୮।୧୦ (ନି.ପ୍ର): ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ରାଜ୍ୟରୁ ବିଦାୟ ନେଇଛି ବୋଲି ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି । ୨୦୨୦ ମୌସୁମୀଋତୁ ରେ ଓଡ଼ିଶାରେ ୧ଜୁନ ରୁ ୨୮ଅକ୍ଟୋବର ମଧରେ ୧୩୦୨.୯ ମିମି ବର୍ଷା ରେକର୍ଡ କରାଯାଇଛି ଯାହା ସ୍ୱାଭିବକ ବର୍ଷା ୧୨୫୧.୨ ମିମି ଠାରୁ ୪ ପ୍ରତିଶତ ଅଧିକ । ଝାରସୁଗୁଡା, ଦେବଗଡ ଏବଂ ମାଲକାନଗିରି ଜିଲ୍ଲାରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ରେକର୍ଡ ହୋଇଥିବା ବେଳେ ବାକି ୨୭ ଜିଲ୍ଲାରେ ସ୍ୱାଭାବିକ ବର୍ଷା ରେକର୍ଡ ହୋଇଛି ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି । ବୁଧବାର ଦିନ ଓଡ଼ିଶା ସମେତ ସମଗ୍ର ଦେଶରୁ ଦକ୍ଷିଣ-ପଶ୍ଚିମ ମୌସୁମୀର ପ୍ରତ୍ୟାବର୍ତନ ହୋଇଯାଇଛି । ଅନ୍ୟପକ୍ଷରେ ଆଜିଠାରୁ କେରଳ, ତାମିଲନାଡୁ ଓ କର୍ଣ୍ଣାଟକ ଆଜି ରାଜ୍ୟରେ ଉତର-ପୂର୍ବ ମୌସୁମୀ ବାୟୁ ପ୍ରବେଶ କରିବା ସହ ଏସବୁ ରାଜ୍ୟରେ ବର୍ଷା ହେବାର ସମ୍ଭାବନା ରହିଛି । ଏବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ଗତ କିଛି ଦଶନ୍ଧିରେ ସବୁଠାରୁ ବିଳମ୍ବରେ ପ୍ରତ୍ୟାବର୍ତନ କରିଛି । ୨୦୧୦ରେ ମୌସୁମୀ ଅକ୍ଟୋବର ୨୬ରେ ପ୍ରତ୍ୟାବର୍ତନ କରିଥିବାବେଳେ ୨୦୧୧ରେ ଅକ୍ଟୋବର ୨୪,୨୦୧୩ରେ ଅକ୍ଟୋବର ୧୯ ଓ ୧୯୮୫ରେ ଅକ୍ଟୋବର ୧୭ରେ ପ୍ରତ୍ୟାବର୍ତନ କରିଥିଲା । ଉଲ୍ଲେଖ୍ୟଯୋଗ୍ୟ ଯେ ଗତ ଜୁନ ୧ରେ ଦକ୍ଷିଣ-ପଶ୍ଚିମ ମୌସୁମୀ କେରଳ ଛୁଇଁଥିଲା । ସେହିପରି ଜୁନ ୧୧ରେ ଏହା ଓଡ଼ିଶାରେ ପହଂଚିଥିଲା ।

## ମାନସଙ୍କ ପାଇଁ ଭୁବନେଶ୍ୱର ସାଂସଦ-କେନ୍ଦ୍ରମନ୍ତ୍ରୀଙ୍କ ମାରାଥନ୍ ପ୍ରଚାର




ବାଲେଶ୍ୱର,୨୮।୧୦ (ନି.ପ୍ର): ଭୁବନେଶ୍ୱର ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡ଼ଙ୍ଗୀ ଦ୍ୱିତୀୟଥର ପାଇଁ ବାଲେଶ୍ୱର ଆସି କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସହ ମିଶି ଦଳୀୟ ପ୍ରାର୍ଥୀ ମାନସ ଦତ୍ତଙ୍କ ନିମନ୍ତେ ଆଜି ମାରାଥନ୍ ପ୍ରଚାର କରିଛନ୍ତି । ସକାଳେ ବାଲେଶ୍ୱର ସହରର ସିନେମାଛକ, ଷ୍ଟେସନଛକ, ଫକୀରମୋହନ ଗୋଲେଇ ପ୍ରଭୃତି ଅଞ୍ଚଳରେ ଥିବା ଚା'ଖଟି ଓ ଜଳଖିଆ ଦୋକାନରେ ଉପସ୍ଥିତ ଥିବା ସାଧାରଣ ଲୋକଙ୍କ ସମେତ ଦୋକାନୀଙ୍କ ସହ ସେ ଆଲୋଚନା କରିଛନ୍ତି । ବିଶେଷ କରି ପୌରପାଳିକାର ବିଫଳତା ଯୋଗୁଁ ରାସ୍ତାପାର୍ଶ୍ୱ ଉଠାଦୋକାନୀ ସାମ୍ନା କରୁଥିବା ସମସ୍ୟା ଓ ଅବ୍ୟବସ୍ଥିତ ଡ୍ରେନେଜ ସିଷ୍ଟମ ପାଇଁ ସୃଷ୍ଟି ହୋଇଥିବା ପୋତିଗନ୍ଧମୟ ପରିବେଶ ସମ୍ପର୍କରେ ମନ୍ତ୍ରୀ ଓ ସାଂସଦ ଲୋକମାନଙ୍କ ଆଲୋଚନା କରିଥିଲେ । ଭେଣ୍ଡିଂ ଜୋନ୍ ପ୍ରତିଷ୍ଠା ଜନିତ ଅବହେଳା ଉଠାଦୋକାନୀଙ୍କ ପାଇଁ ମୁଖ୍ୟ ସମସ୍ୟା ହୋଇଥିବା ସେମାନେ କହିଥିଲେ । ସହରକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆସୁଥିବା ଶହ ଶହ କୋଟି ଟଙ୍କା କୁଆଡ଼େ ଗଲା, ତା'ର ହିସାବ ମାଗିବା ବେଳ ଏବେ ପହଞ୍ଚିଛି ବୋଲି ସେମାନେ ଲୋକଙ୍କୁ କହିଥିଲେ । ଏହି ଅବସରରେ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଏକ ଦୋକାନରେ ରୋଟି ସେକିଥିବା ଦେଖିବାକୁ ମିଳିଥିଲା । ପରେ ସାଂସଦ ଓ ମନ୍ତ୍ରୀ ସହଯୋଗୀ ତଥା ଦଳୀୟ କର୍ମୀଙ୍କ ସହ ସହରର ମିର୍ଜାପୋଖରୀ, ଗୋପାଳଗାଁ ପ୍ରଭୃତି ଅଞ୍ଚଳରେ ଡୋର କ୍ୟାମ୍ପେନିଂ ▶▶ପୃଷ୍ଠା ୭

## ରାଜଧାନୀର ୭୫% ଆକ୍ରାନ୍ତ ହୋମ୍ ଆଇସୋଲେସନ୍‌ରେ : ବିଏମସି କମିଶନର

ଭୁବନେଶ୍ୱର,୨୮।୧୦ (ନି.ପ୍ର): ଭୁବନେଶ୍ୱରରେ କରୋନା ସଂକ୍ରମଣ ହ୍ରାସ ପାଉଛି । ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ପ୍ରେମଚନ୍ଦ୍ର ଚୌଧୁରୀ ବୁଧବାର ଏକ ସାମ୍ବାଦିକ ସମ୍ମିଳନୀରେ ଏହା କହିଛନ୍ତି । ସେ କହିଛନ୍ତି ଯେ ବର୍ତମାନ ଭୁବନେଶ୍ୱରର୧୫ ଶହରୁ ୧୬ ଶହ ଅର୍ଥାତ୍ ପ୍ରାୟ ୭୫% ଆକ୍ରାନ୍ତ ହୋମ୍ ଆଇସୋଲେସନରେ ଅଛନ୍ତି । ହସ୍‌ପିଟାଲଗୁଡ଼ିକରେ ଏବେ ବେଡ୍ ଖାଲି ରହିଛି । ଭୁବନେଶ୍ୱରରେ ବିଭିନ୍ନ ହସ୍ପିଟାଲରେ ଶହେରୁ ଅଧିକ ଆଇସିୟୁ ବେଡ୍ ଖାଲି ଅଛି । ଦୈନିକ ୩୦ରୁ ୩୫ ରୋଗୀଙ୍କୁ ଫାଭିପିରାଭିର୍ ଦିଆଯାଉଛି ।

## ତିର୍ତୋଲ ଉପନିର୍ବାଚନ : ବିଜେଡିକୁ ଭୋଟ୍ ଦେବାକୁ ନିବେଦନ କଲେ ନବୀନ


ଭୁବନେଶ୍ୱର,୨୮।୧୦ (ନି.ପ୍ର): ତିର୍ତୋଲ ଉପ ନିର୍ବାଚନ ପାଇଁ ବୁଧବାର ଅପରାହ୍ନରେ ଡିଜିଟାଲ ପ୍ରଚାର କରିଛନ୍ତି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ତିର୍ତୋଲ ଉପ ନିର୍ବାଚନରେ ବିଜେଡି ର ପ୍ରାର୍ଥୀ ବିଜୟ ଶଙ୍କର ଦାସଙ୍କ ପାଇଁ ନବୀନ ଭୋଟ ଭିକ୍ଷା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମୁଁ ତିର୍ତୋଲ ଯାଇଥିଲେ ଆପଣମାନେ ବହୁ ସଂଖ୍ୟାରେ ଆସିଥାନ୍ତେ, କିନ୍ତୁ କରୋନା ପାଇଁ ମୁଁ ଆପଣଙ୍କ ସୁବିଧା ଓ ସୁରକ୍ଷାକୁ ଗୁରୁତ୍ୱ ଦେଇ ଆପଣଙ୍କ ପାଖକୁ ଯାଇପାରିଲିନି । କରୋନା ଦୂର ହେବା ପରେ ମୁଁ ତିର୍ତୋଲ ଯିବି ଓ ବିକାଶ କାମ ବୁଲି ଦେଖିବି । ବିଜେଡି ସହ ତିର୍ତୋଲବାସୀ ସବୁବେଳେ ରହି ଆସିଛନ୍ତି ଏଥର ବି ବିକାଶମୂଳକ କାମ ଆଗେଇ ନେବାକୁ ରହିବେ । ତିର୍ତୋଲର ବିକାଶ ପାଇଁ ଶଙ୍ଖ ଚିହ୍ନରେ ଭୋଟ ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେ ଆହୁରି କହିଛନ୍ତି ଯେ ଆପଣମାନଙ୍କ ଅଂଚଳରେ ବନ୍ୟା ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେଉଛୁ । ଯୁବକ ଯୁବତୀଙ୍କ ପାଇଁ ରୋଜଗାର ସୁଯୋଗ ସୃଷ୍ଟିକୁ ପ୍ରାଧାନ୍ୟ ଦେଉଛୁ । ତିର୍ତୋଲରେ ମିଶନ ଶକ୍ତି ମାମାନେ ଭଲ କାମ ▶▶ପୃଷ୍ଠା ୭



## ରାଜ୍ୟରେ ଆଉ ୧୨ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୧୨୮୪ ହେଲା

ଭୁବନେଶ୍ୱର,୨୮।୧୦ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୨ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୨୮୪ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଖୋର୍ଦ୍ଧା, ନୂଆପଡା, ଝାରସୁଗୁଡା ଜିଲ୍ଲାର ୨-୨ ଜଣ ରହିଥିବା ବେଳେ ପୁରୀ, ସୁନ୍ଦରଗଡ, ନବରଙ୍ଗପୁର, କଟକ ଓ ଗଂଜାମ ଜିଲ୍ଲାର ନ ଜଣେ ଜଣେ ମୃତ୍ୟୁବରଣ କରିଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଭୁବନେଶ୍ୱରର ୫୯ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ▶▶ପୃଷ୍ଠା ୭



# ପାରାଦୀପ ବନ୍ଦର ଓ ରିଫାଇନାରୀ ପକ୍ଷରୁ ସତର୍କତା ସଚେତନତା ପକ୍ଷ ଉଦ୍‌ଘାଟିତ

ପାରାଦ୍ୱୀପ,୨୮।୧୦ (ନି.ପ୍ର): କେନ୍ଦ୍ରୀୟ ସତର୍କତା କମିଶନଙ୍କ ନିର୍ଦ୍ଦେଶାନୁଯାୟୀ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ଅକ୍ଟୋବର ୨୭ତାରିଖରୁ ନଭେମ୍ବର ୨ତାରିଖ ପର୍ଯ୍ୟନ୍ତ ପାଳିତ ହେଉଅଛି । ଏହି ସପ୍ତାହ ବ୍ୟାପି କାର୍ଯ୍ୟକ୍ରମକୁ ପ୍ରଶାସନିକ ଭବନ ଠାରେ ପୂର୍ବାହ୍ନରେ ପାରାଦୀପ ବନ୍ଦରର ଅଧ୍ୟକ୍ଷ ରିଙ୍କେଶ ରଏ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କୋଭିଡ୍-୧୯ ଜନ ଆନ୍ଦୋଳନ ସଂପର୍କରେ ଶପଥପାଠ କରାଇଥିଲେ । ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବାକୁ ନିବେଦନ କରିଥିଲେ । ଏହି ଉଦ୍‌ଘାଟନୀ ସମାରୋହରେ ଯୋଗ ଦେଇଥିବା ବ୍ୟକ୍ତିମାନଙ୍କୁ କ୍ୟାପ୍, ସିଲଡ୍, ସାନିଟାଇଜର ଓ ମାସ୍କ ବଣ୍ଟନ କରିଥିଲେ । ବନ୍ଦର କର୍ମଚାରୀ ମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଏବଂ ସ୍ଥାନୀୟ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅନଲାଇନ୍ ମାଧ୍ୟମରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଛି । ବନ୍ଦରର ବିଭିନ୍ନ ବିଭାଗ ବନ୍ଦର ବ୍ୟବହାରକାରୀ ମାନଙ୍କୁ ସତର୍କତା ସଚେତନତା ସଂପର୍କରେ ସୂଚନା ଦେବାର କାର୍ଯ୍ୟକ୍ରମ ମଧ୍ୟ ରହିଛି ଏହି ସପ୍ତାହବ୍ୟାପି କାର୍ଯ୍ୟକ୍ରମ ମଧ୍ୟରେ । ସ୍ଥାନୀୟ ଅଂଚଳରେ ହୋଡିଙ୍ଗ୍ ଲଗାଇ ଜନସାଧାରଣଙ୍କୁ ମଧ୍ୟ ସଚେତନ କରାଯିବାର ବ୍ୟବସ୍ଥା ହୋଇଛି । ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ମାନଙ୍କୁ ଆସନ୍ତା ନଭେମ୍ବର ୨ତାରିଖ ଉଦ୍‌ଯାପନୀ ସମାରୋହରେ ପୁରସ୍କାର ବିତରଣ କରାଯିବ ବୋଲି ବନ୍ଦର ଲୋକ ସଂପର୍କ ବିଭାଗ ପକ୍ଷରୁ ପ୍ରେସ ଇସ୍ତାହାର ମାଧ୍ୟମରେ ସୂଚନା ଦିଆଯାଇଛି । ସେହିପରି ମଧ୍ୟ ପାରାଦୀପ ରିଫାଇନାରୀ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ଉଦ୍‌ଘାଟିତ ହୋଇଯାଇଛି । ନିର୍ବାହୀ ନିର୍ଦ୍ଦେଶକ ତଥା ରିଫାଇନାରୀ ମୁଖ୍ୟ ଟିଡିଭିଏସ୍ ଗୋପାଳକ୍ରିଷ୍ଣା ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ରିଫାଇନାରୀର ସମସ୍ତ ମୁଖ୍ୟ ସାଧାରଣ ପରିଚାଳକ ଓ ଅଧିକାରୀ ମାନଙ୍କୁ ସେ ଶପଥପାଠ କରାଇଥିଲେ । ପାରାଦୀପ ରିଫାଇନାରୀକୁ ଶ୍ରେଷ୍ଠତ୍ୱ ପ୍ରତିପାଦନ କରାଇବା ପାଇଁ ସେ ଆହ୍ୱାନ ଦେଇଥିଲେ । ଏହି ସପ୍ତାହ ପାଳନ ଅବସରରେ ସପ୍ତାହବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ପାରାଦୀପ ରିଫାଇନାରୀ ପକ୍ଷରୁ ପ୍ରେସ ଇସ୍ତାହାରରୁ ସୂଚନା ମିଳିଛି ।

## ଶ୍ରୀମନ୍ଦିରରେ କାର୍ତ୍ତିକ ନୀତି ଆରମ୍ଭ : ଶ୍ରୀଜୀଉଙ୍କ ରାଧାଦାମୋଦର ବେଶ ଅନୁଷ୍ଠିତ

ପୁରୀ,୨୮।୧୦ (ନି.ପ୍ର): ଆଜି ପବିତ୍ର ଆଶ୍ୱିନ ମାସ ଶୁକ୍ଳ ପକ୍ଷ ଏକାଦଶୀ ତିଥି । ପୁରୀ ଶ୍ରୀମନ୍ଦିରରେ ଆଜିଠୁ ଆରମ୍ଭ ହୋଇଛି ଶ୍ରୀଜୀଉ ମାନଙ୍କ କାର୍ତ୍ତିକ ନୀତି । ଏହି ତିଥିରେ ଶ୍ରୀଜୀଉମାନଙ୍କ ରାଧାଦାମୋଦର ବେଶ ଅନୁଷ୍ଠିତ ହୋଇଛି । ଏହି ଉପଲକ୍ଷେ ଭୋର୍ ୪ଟାରେ ଦ୍ୱାର ଫିଟା, ମଙ୍ଗଳ ଆଳତୀ, ମଇଲମ, ତଡ଼ପ ଲାଗି, ଅବକାଶ ଆଦି ନୀତି ସମ୍ପନ୍ନ ପରେ ଶ୍ରୀଜୀଉମାନଙ୍କ ରାଧାଦାମୋଦର ବେଶ ଅନୁଷ୍ଠିତ ହୋଇଛି । ତେବେ କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ସାଧାରଣ ଦର୍ଶନ ବନ୍ଦ ରହିଛି । ଏହି ବେଶ ମାସ ବ୍ୟାପୀ ଅନୁଷ୍ଠିତ ହେବ । ପରେ ପଚୁଁକରେ ୬ ଦିନ ଶ୍ରୀଜୀଉଙ୍କ ବିଭିନ୍ନ ବେଶ ଅନୁଷ୍ଠିତ ହେବ ଏବଂ ପଚୁଁକର ଷଷ୍ଠ ଦିବସରେ ଶ୍ରୀ ଶ୍ରୀବିଗ୍ରହ ମାନଙ୍କ ନାଗାର୍ଜ୍ଜୁନ ବେଶ ଅନୁଷ୍ଠିତ ହେବ । ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ନିର୍ଘଂଟ ପୂର୍ବରୁ ଚୂଡ଼ାନ୍ତ ସରିଛି । ସମସ୍ତ ସେବାୟତଙ୍କ ମଧ୍ୟରେ ସହଯୋଗ ରଖି ମହାପ୍ରଭୁଙ୍କ ନୀତିକାନ୍ତିକୁ ସୁରୁଖୁରୁରେ ସମ୍ପାଦନ କରାଯିବ ବୋଲି ଶ୍ରୀମନ୍ଦିର ନୀତି ପ୍ରଶାସକ କହିଛନ୍ତି ।

# ବର୍ଷାରେ ଧୋଇଯାଇଥିବା ରାସ୍ତା ହେଉନି ମରାମତି : ଦୁର୍ଘଟଣା ଅବସମ୍ଭାବୀ

ଜଳେଶ୍ୱର,୨୮।୧୦ (ନି.ପ୍ର): ଜଳେଶ୍ୱର ମ୍ୟୁନିସିପାଲଟିରୁ ରାଇବଣିଆ ଭାୟା ଗୁରୁଦାସପୁରର ଫଂଚୁଘଣ୍ଟାଠାରେ ଏକ ପୋଖରୀ ନିକଟରେ ଏକ ରାସ୍ତା ଧୋଇ ଯାଇଥିବାରୁ ଯେ କୌଣସି ମୁହୁର୍ତ୍ତରେ ଦୁର୍ଘଟଣା ଘଟିବା ସମ୍ଭାବନା ଦେଖା ଦେଇଛି । ଘଟଣାରୁ ପ୍ରକାଶ ଗତ ଅଗଷ୍ଟ ଓ ସେପ୍ଟେମ୍ବର ମାନରେ ହୋଇଥିବା ମୂଷଳ ଧାରେ ବର୍ଷା ଯୋଗୁଁ ମ୍ୟୁନିସିପାଲଟିର ଫଂଚୁଘଣ୍ଟା ଗ୍ରାମର ମନ୍ଦିର ନିକଟରେ ରାସ୍ତାର ଏକ ବଡ ଅଂଶ ବର୍ଷାରେ ଧୋଇ ଯାଇଛି । ରାସ୍ତାକଡରେ ଏକ ବଡ ଗଛ ପୋଖରୀକୁ ଓଲଟି ପଡିବାରୁ ରାସ୍ତାଟି ଧୋଇଯାଇଥିବା ପ୍ରକାଶ । ଏହି ରାସ୍ତାରେ ପ୍ରତିଦିନ ହଜାର ହଜାର ବାଇକ୍, କାର୍, ଟ୍ରାକ୍ଟର, ସାଇକେଲ ଯାତାୟାତ କରିଥାଏ । ଏହି ରାସ୍ତାଟି ସଂକିର୍ଣ୍ଣ ଓ ମୋଡ ହୋଇଥିବାର ଯେ କୌଣସି ସମୟରେ ଦୁର୍ଘଟଣା ଘଟିବାର ସମ୍ଭାବନା ଥିବାରୁ ଅତିଶୀଘ୍ର ମରାମତି କରିବାକୁ ଦାବି ହୋଇଛି । କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଉଛି ।

# ଜିଲ୍ଲାରେ ଜୀବିକା ମିଶନର ଦୁର୍ନୀତି : କ୍ୱାରେଣ୍ଟାଇନ୍ ଅର୍ଥ ଖାଇଗଲେ ବିଏଲସି, ମହିଳା ମଣ୍ଡଳଙ୍କୁ ମିଳିଲାନି ରନ୍ଧା ପ୍ରାପ୍ୟ



ଗୁଣୁପୁର,୨୮।୧୦ (ନି.ପ୍ର): ରାଜ୍ୟରେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ପ୍ରତି ଗାଁକୁ ରାସ୍ତା, ଗରିବ ଲୋକଙ୍କୁ ଘର, ବାର୍ଦ୍ଧକ୍ୟ ଭତ୍ତା ଓ ପାନୀୟ ଜଳ ସହ ସ୍ୱଚ୍ଛତା ରକ୍ଷା ପାଇଁ ପାଇଖାନା ର ସୁବିଧା ସୁଯୋଗ ଯୋଗାଇଦେବା ରେ ଦେଶ ରେ ଅଗ୍ରଣୀ ସ୍ଥାନ ଅଧିକାର କରିଛନ୍ତି । ରାଜ୍ୟରେ ମହିଳା ମାନଙ୍କୁ ସମ୍ମାନ ଓ ସ୍ୱାବଲମ୍ବୀ କରିବା ସହ ସେମାନଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବା ନେଇ ଡୁଙ୍ଗରା ପିଟି କୋଟି କୋଟି ଟଙ୍କା ଯୋଗାଉଛନ୍ତି । ହେଲେ ଦୁର୍ନୀତି ଖୋର ଅଧିକାରୀଙ୍କ ଯୋଗୁ ଆଜି ତାହା ସଠିକ୍ ଭାବେ ଲୋକ ବା ମହିଳାମାନଙ୍କ ପାଇଁ କାର୍ଯ୍ୟକାରି ହୋଇ ପାରୁନାହିଁ । ପୁଣି ଯେଉଁ ତିମିରକୁ ସେହି ତିମିର ହୋଇ ରହିଛନ୍ତି ମହିଳାମାନେ । ସୁଚନା ମୁତାବକ ରାୟଗଡା ଭଳି ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାର ଚନ୍ଦ୍ରପୁରୁ ବ୍ଲକରେ ଅଧିକାଂଶ ଲୋକ ଅଶିକ୍ଷିତ ହୋଇଥିବାରୁ ଏହାର ସୁଯୋଗ ନେଇ ହନୁମନ୍ତପୁରର ମା ମାଣିକେଶ୍ୱରୀ ମହିଳା ମଣ୍ଡଳ ତରଫରୁ କ୍ୱାରେଣ୍ଟାଇନ୍ କ୍ୟାମ୍ପରେ ଥିବା ପ୍ରବାସିଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଥିଲେ ମଧ୍ୟ ଦୀର୍ଘ ଦିନ ହେବ ଏହି ବ୍ଲକରେ ରାଜ କରୁଥିବା ବିଏଲସି ଶ୍ରୀ ଶ୍ରଣ ନିଜେ ଏହି ମହିଳା ମଣ୍ଡଳ ମାନଙ୍କୁ କ୍ୟାମ୍ପରେ ରନ୍ଧା ଖାଦ୍ୟ ଯୋଗାଇ ଦେବାକୁ କହିଥିଲେ । ସେମାନେ ଖାଦ୍ୟ ଯୋଗାଣ କରି କିଛି ଚାଉଳ ଓ କିଛି ଅର୍ଥ ମଧ୍ୟ ପାଇଥିଲେ । ଆଉ କିଛି ଅର୍ଥ ସେମାନଙ୍କ ବକେୟା ପାଇବାର ଅଛି । କିନ୍ତୁ ବିଏଲସି ସେମାନଙ୍କୁ ଆଜି ଆସ କାଲି ଆସ ବୋଲି କହି ଚାଲୁଥିଲେ ବି ସେମାନେ ବାରମ୍ବାର ହନୁମନ୍ତପୁରରୁ ଚନ୍ଦ୍ରପୁରୁ ଦୌଡି ଦୌଡି ନୟାନ୍ତ ହେଲେ ମଧ୍ୟ ଆଜିପର୍ଯ୍ୟ ବଳକା ଟଙ୍କା ପାଇପାରି ନଥିବା ଅଭିଯୋଗକାରୀଣି ପ୍ରକାଶ କରିଛନ୍ତୀ । କରଜ କରି ଖାଦ୍ୟ ଯୋଗାଇଥିଲା ମଧ୍ୟ ଟଙ୍କା ପାଇଁ ଚନ୍ଦ୍ରପୁରୁକୁ ଦୌଡି ବହୁତ ଟଙ୍କା ଖର୍ଚ୍ଚ ହେଲାଣି ବୋଲି ବିଡିଓ ଙ୍କ ପାଖକୁ ଅଭିଯୋଗ କରିବାକୁ ଆସିଥିବା ମହିଳା ପ୍ରମିଳା ପାତ୍ର, ପାର୍ବତୀ ଦଣ୍ଡସେନା, ଶଶୀ ପ୍ରଧାନୀ, ବିମଳା ଦଳେଇ, ସୈନ୍ଦ୍ରି ପ୍ରଧାନୀ, ଅନା ଦଣ୍ଡସେନା, କ୍ରିଷ୍ଟା କୁମାରୀ ଦଣ୍ଡସେନା ଓଗେର ଅଭିଯୋଗ କରିଥିଲେ । ପ୍ରକାଶ ଥାଉକି ବିଏଲସି କରୋନା ସମୟରେ ମହିଳା ମଣ୍ଡଳଙ୍କୁ ରନ୍ଧା ଦାୟିତ୍ୱ ନ ଦେଇ ନିଜ ପରିଚାଳନାରେ ତାଙ୍କର ଏମ୍ବିକେ ଓ କର୍ମଚାରୀ ମାନେ ସେତେବେଳେ ବିଜାପୁରୁ ପଞ୍ଚାୟତ ରେ କେତେକ ଗ୍ରାମରେ ରନ୍ଧା ଖାଦ୍ୟ ନ ଦେଇ ଖାଦ୍ୟ ଦେଲା ଭଳି କାଗଜ କଲମରେ ଦର୍ଶାଇ ବିଲ୍ କରିଥିବା ବେଳେ ମାସ୍ ମଧ୍ୟ ଦେଇନଥିବା ଲୋକମାନେ ଅଭିଯୋଗ କରିଥିଲେ ଡାଙ୍ଗସୋରଡାରେ ମଧ୍ୟ ସେତେବେଳେ ବିଏଲସି ନେତୃତ୍ୱରେ ଏମ୍ବିକେ ଅନୀୟମିତ ଭାବେ ମହିଳାମଣ୍ଡଳଙ୍କୁ ରୋଷେଇ ଦାୟିତ୍ୱ ନ ଦେଇ ନିଜେ ଅଳ୍ପ ରାନ୍ଧି ଅଧିକ ବିଲ୍ କରୁଥିବା ନେଇ ମହିଳା ମଣ୍ଡଳ ଓ ହିତାଧିକାରୀ ବିଏଲସିଙ୍କୁ ଘେରି ଅଡୁଆ ପରିସ୍ଥିତି ଘଟିଥିବା ନେଇ ସେତେବେଳେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ହେଲେ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନ କରିବା ଏବଂ ବିପିଏମ ନିଯୁକ୍ତି ନ ଦେଇ କାହା ସ୍ୱାର୍ଥରେ ଉପର ଅଧିକାରୀଙ୍କ ଦାୟିତ୍ୱ ଦେଇ ଦୀର୍ଘ ବର୍ଷ ଗୋଟିଏ ଯାଗାରେ ରଖିବା ନେଇ ନାନା କଳ୍ପନା ଜଳ୍ପନା ଚାଲୁଛି । ସରକାର ତୁରନ୍ତ ମହିଳା ମଣ୍ଡଳଙ୍କୁ ତାଙ୍କର ପ୍ରାପ୍ୟ ଟଙ୍କା ଦେବା ସହ ବିଏଲସିଙ୍କୁ ଅନ୍ୟତ୍ର ବଦଳି ପାଇଁ ସାଧାରଣରେ ଦାବି ହେଉଛି ।

## ଜୁଆ ଆଡ୍ଡା ଉପରେ ଚଢ଼ାଉ, ୬ ଜୁଆଡି ଗିରଫ



ଗୁଣପୁର,୨୮।୧୦ (ନି.ପ୍ର): ରାୟଗଡା ଜିଲ୍ଲା ଗୁଣପୁର ସହରର ବାଘୁଆ ମନ୍ଦିର ନିକଟସ୍ଥ ଏକ ଘରେ ଜୁଆ ଖେଳୁଥିବା ପୋଲିସ ବିଶେଷ ସୁତ୍ରରୁ ଖବର ପାଇଁ ଜୁଆ ଆଡ୍ଡ ଉପରେ ଚଢ଼ାଉ କରି ୬ ଜୁଆଡିଙ୍କୁ ଗିରଫ କରିବା ସହ ୧୬ହଜାର ଟଙ୍କା ଜବତ କରିଛି । ଏଥିସହ ୫ଟି ମୋବାଇଲ, ୪ଟି ବାଇକ ଜବତ କରଛି ପୋଲିସ । ଗିରଫ ଅଭିଯୁକ୍ତମାନେ ହେଲେ ଗୁଣପୁର ମୋତିନାଲ ନଗରର କେ.କିଶୋର କୁମାର, ପି.ସତିଶ କୁମାର, ରାଜୁ ଗୌଡ, ବଳିଆ ମହାନ୍ତି,ଜି,ଗିରିଷ ଓ ସୁନିଲ ପାତ୍ର ।ଏସଡିପିଓ ରାଜ କିଶୋର ଦାସଙ୍କ ନେତୃତ୍ୱରେ ଆଇଆଇସି ରଶ୍ମି ରଜ ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ପୋଲିସ ଅଧିକାରୀମାନେ ସାମିଲ ହୋଇ ଜୁଆ ଆଡ୍ଡା ଉପରେ ଚଢ଼ାଉ କରିଥିଲେ । ଏହି ଗିରଫ ଅଭିଯୁକ୍ତମାନଙ୍କ ନାମରେ ଏକ ମାମାଲାରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଖବରଦାତା ସମ୍ମଳନୀରେ ଆଇଆଇସି ସୂଚନା ଦେଇଛନ୍ତି ।

## ଭିଜିଲାନ୍ସ ଜାଲରେ ନନ୍ଦପୁର ସିଡ଼ିପିଓ

ଜୟପୁର,୨୮।୧୦ (ନି.ପ୍ର): ନିଜ କାର୍ଯ୍ୟାଳୟରେ ୧ ଲକ୍ଷ ୭୫ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ନନ୍ଦପୁର ସିଡ଼ିପିଓ ସ୍ୱିଗ୍ଧାରାଣୀ ମିଶ୍ର ଜୟପୁର ଭିଜିଲାନ୍ସ ଅଧିକାରୀଙ୍କ ହାତରେ ଧରାପଡିଛନ୍ତି । ଘଟଣାରେ ତାଙ୍କୁ ଗିରଫ କରିଛି ଭିଜିଲାନ୍ସ । ଅଙ୍ଗନବାଡ଼ି କେନ୍ଦ୍ରର କିସ୍ତି ବଂଟନ ବିଲ୍ କରିବା ପାଇଁ ସପ୍ଲାଇଙ୍କ ଠାରୁ ଟଙ୍କା ନେବା ବେଳେ ସେ ଧରା ପଡିଛନ୍ତି । ବକେୟା ବିଲ୍ କରାଇ ଦେବା ଓ ନବୀକରଣ କରାଇଦେବା ନିମନ୍ତେ ସେ ଲାଂଚ ବାବଦେ ଏହି ଟଙ୍କା ନେଉଥିବା ବେଳେ ଧରାପଡିଥିବା ସୂଚନା ମିଳିଛି । ତାଙ୍କ କାର୍ଯ୍ୟାଳୟ ଓ ସେମିଳିଗୁଡ଼ା ସ୍ଥିତ ବାସଭବନରେ ଚଢ଼ଉ ଜାରୀ ରହିଛି । ଏପରିକି ସମ୍ପୃକ୍ତ ସିଡ଼ିପିଓଙ୍କ ବିରୋଧରେ ଆୟ ବର୍ହିଭୂତ ସମ୍ପତି ଠୁଳ ମାମଲା ପୂର୍ବରୁ ରହିଥିବା ନେଇ ଜୟପୁର ଭିଜିଲାନ୍ସ ଏସପି ଶଶୀଶେଖର ମହାପାତ୍ର ସୂଚନା ଦେଇଛନ୍ତି ।

# ସାରସ୍ୱତ ପତ୍ରିକା 'ଶିବାନୀ' ଲୋକାର୍ପିତ




ଭଦ୍ରକ,୨୮।୧୦ (ହି.ସ): ସ୍ଥାନୀୟ ବାଇପାସ୍ ଜଗନ୍ନାଥ ମନ୍ଦିର ପରିସରରେ ପୂର୍ଣ୍ଣ ଚନ୍ଦ୍ର ବହଳୀଙ୍କ ସମ୍ପାଦନାରେ ପ୍ରକାଶିତ ଭିନ୍ନ ସ୍ୱାଦର ସମୃଦ୍ଧ ସାରସ୍ୱତ ପତ୍ରିକା 'ଶିବାନୀ' ଲୋକାର୍ପିତ ହୋଇ ଯାଇଛି । ଭାଗିରଥୀ ପାଠାଗାର ଓ ବଂଶୀ ବଲ୍ଲଭ ସାହିତ୍ୟ ସଂସ୍କୃତି ପରିଷଦ ଗରଦପୁର ସହଯୋଗରେ ଅନୁଷ୍ଠିତ ଲୋକାର୍ପଣ ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ପବିତ୍ର ପାଣିଗ୍ରାହୀ ପୌରୋହିତ୍ୟ କରିଥିଲେ । ମୁଖ୍ୟ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ବରେଣ୍ୟ ଅତିଥି ଭାବେ ବରିଷ୍ଠ ସାହିତ୍ୟିକା ରାଧାରାଣି ମହାପାତ୍ର, ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ସାହିତ୍ୟିକ ରବୀନ୍ଦ୍ର ବିହାରୀ, ଇଂ ଅଭୟ ସୂତାର, କାଳୀପଦ ପଣ୍ଡା, ଭରତ ଦାଶ, ସାମ୍ବାଦିକ ରବିନାରାୟଣ ଖିଲାର ପ୍ରମୁଖ ଯୋଗ ଦେଇ ଓଡ଼ିଆ ପତ୍ରପତ୍ରିକାର କ୍ରମ ବିକାଶ ଓ ଧାରା ତଥା ଏହାର ଭୂମିକା ସମ୍ପର୍କରେ ନିଜ ନିଜର ଅଭିବ୍ୟକ୍ତି ପ୍ରଦାନ କରି ଏଭଳି ଏକ ପତ୍ରିକା ଭଦ୍ରକରୁ ପ୍ରକାଶିତ ହେଉଥିବା ସମସ୍ତଙ୍କ ପାଇଁ ଗର୍ବର ବିଷୟ ବୋଲି ମତବ୍ୟକ୍ତ କରିଥିଲେ । ସାହିତ୍ୟ ଏକାଡେମୀ ସଦସ୍ୟା ଶୁଭଶ୍ରୀ ଲେଙ୍କା ପଠାଇଥିବା ଶୁଭେଚ୍ଛା ବାର୍ତ୍ତା ପଠନ କରାଯାଇଥିଲା । ଏହି ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀର ସାଧାରଣ ପରିଷଦ ସଦସ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଭଦ୍ରକ ଜିଲ୍ଲା ସଦସ୍ୟ ପବିତ୍ର ପାଣିଗ୍ରାହୀ, ବାଲେଶ୍ୱର ଜିଲ୍ଲା ସଦସ୍ୟ ଭରତ ଦାଶ, ସରକାରୀ ମନୋନୀତ ସଦସ୍ୟ କାଳୀପଦ ପଣ୍ଡାଙ୍କୁ ଶିବାନୀ ପରିବାର ପକ୍ଷରୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶିଶୁ କଣ୍ଠଶିଳ୍ପି ବଦ୍ରିନାରାଣ ମିଶ୍ରଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା । ଦିବ୍ୟ ସିଂ ଦାସଅଧିକାରୀ, ଲକ୍ଷ୍ମଣ ମହାନ୍ତି, ପ୍ରୋଦ୍ୟୋତନ ସୁଆର, ଗୌରାଙ୍ଗ ବାରିକ, କିଶୋର ପାଣିଗ୍ରାହୀ, ଶରତ ନାୟକ, ଅଭିଜିତ ନାୟକ, ଜଗବନ୍ଧୁ ମିଶ୍ର, ସୁଧାଂଶୁ ମହାନ୍ତି, ନିତ୍ୟାନନ୍ଦ ଦାସ, ନୀଳିମା ପଣ୍ଡା, ମନୋଜ ପଣ୍ଡା, ପ୍ରଭାତ ନଳିନୀ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ପ୍ରାରମ୍ଭରେ ପତ୍ରିକାର ସହସମ୍ପାଦକ ବିଜୟ ବହଳୀ ସ୍ୱାଗତ ଭାଷଣ, ରତିକାନ୍ତ ବେହେରା ଅତିଥି ପରିଚୟ, ପୂର୍ଣ୍ଣ ଚନ୍ଦ୍ର ବହଳୀ ପ୍ରାରମ୍ଭିକ ଭାଷଣ ଓ ନାଟ୍ୟଶ୍ରୀ ନିର୍ମଳ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ବରଣ୍ଡୁଆ ଶିବମୁନି ଯୋଗାଶ୍ରମର ଶିବମୁନି ମହାରାଜଙ୍କ ୧୩୬ତମ ଜୟନ୍ତୀ



ବାସୁଦେବପୁର,୨୮।୧୦ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବରଣ୍ଡୁଆ ଗ୍ରାମରେ ପ୍ରତିଷ୍ଠା ହୋଇଥିବା ଶିବମୁନି ଯୋଗାଶ୍ରମର ଶିବମୁନି ମହାରାଜଙ୍କର ୧୩୬ତମ ଜୟନ୍ତୀ ପାଳିତ ହୋଇଯାଇଛି । ଅଖିଳ ଭୂମଣ୍ଡଳୀୟ ସର୍ବ ଶିରୋମଣି ମୁନି ସମାଜ (ଓଡିଶା ପ୍ରାନ୍ତ) ର ସମସ୍ତ ମୁନି ଯୋଗ ଦେଇଥିଲେ । ଏହି ଜୟନ୍ତୀ ଉତ୍ସବରେ ସତ୍ୟପତାକାକୁ ରଙ୍ଗରାଗର ସଂପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉତ୍ତୋଳନ କରିଥିଲେ । କରୋନା ପାଇଁ ଏହି ସଭାରେ ସାମାଜିକ ଦୂରତା ରକ୍ଷା କରାଯିବା ସହିତ ଆତ୍ମଜ୍ଞାନ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ସଭାପତିତ୍ୱ କରିଥିଲେ ଆଶ୍ରମର ଯୋଗଶିକ୍ଷକ ମୁନିରତ୍ନ ଯୋଗୀ ବସନ୍ତ ମୁନି । ଏହି ଉତ୍ସବରେ ଯୋଗୀ ଶରତ ମୁନି, ଯୋଗୀ ସନାତନ ମୁନି, ଯୋଗୀ କାଶୀନାଥ ମୁନି ପ୍ରମୁଖ ଆଧ୍ୟାତ୍ମିକ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁନିରାଜ ରାମଚନ୍ଦ୍ର ମୁନି ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ମୁନି କୁମାରୀ କାଞ୍ଚନ, କାଶୀନାଥ ମୁନି, ଉପେନ୍ଦ୍ର ମୁନି ପ୍ରମୁଖ ଆଧ୍ୟାତ୍ମିକ ସଂଗୀତ ପରିବେଷଣ କରିଥିଲେ । ମୁନି ଗଜେନ୍ଦ୍ର ଦଳେଇ, ମୁନି ବୃନ୍ଦାବନ ସାହୁ, ମୁନି ସନାତନ ବାରିକ, ମୁନି ମୁକ୍ତିକାନ୍ତ ସାହୁ, ମୁନି ସନାତନ ମହାନ୍ତି, ମାଗୁଣି ମୁନି, ଖଗେନ୍ଦ୍ର ମୁନି ପ୍ରମୁଖ ଏହି ଉତ୍ସବରେ ଯୋଗ ଦେଇଥିଲେ । ଶେଷରେ ସମସ୍ତେ ପ୍ରସାଦ ସେବନ କରିଥିଲେ । ଆଗାମୀ ଦିନରେ ବରଣ୍ଡୁଆ ମୁନି ଆଶ୍ରମର ହାଟ ପୋଖରୀ ଠାରେ ପରିବେଶକୁ ସଫା ସୁତୁରା କରାଯାଇ ବୃକ୍ଷ ରୋପଣ କରାଯିବ ବୋଲି ସମସ୍ତ ମୁନି ମତପ୍ରକାଶ କରିଥିଲେ । ବାସୁଦେବପୁର ବ୍ଲକର ଏହି ବରଣ୍ଡୁଆ ମୁନି ସମାଜର ସୁନ୍ଦର ପରିବେଶ ଆଗାମି ଦିନରେ ନିଶ୍ଚିତ ସମସ୍ତଙ୍କ ହୃଦୟରେ ପ୍ରଭାବ ପକାଇବ ଏବଂ ଆଧ୍ୟାତ୍ମିକ ଚିନ୍ତାଧାରାରେ ସମସ୍ତେ ବାଟଚାଲିବା ପାଇଁ ନୂଆ ଦିଗଦର୍ଶନ ପାଇପାରିବେ ।

# ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶାଳୟରେ ଦୁର୍ନୀତି ନିବାରଣ ଶପଥ ପାଠ

ଭୁବନେଶ୍ୱର,୨୮।୧୦ (ନି.ପ୍ର): ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶାଳୟରେ ଦୁର୍ନୀତି ନିବାରଣ ଶପଥ ପାଠ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର କାର୍ଯ୍ୟାଳୟର ସମସ୍ତ ଅଧିକାରୀ, ଉପ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ କାର୍ଯ୍ୟରେ ସାଧୁତା ଓ ସଚ୍ଚୋଟତାର ସର୍ବୋଚ୍ଚ ମାନବକକୁ ଅନୁସରଣ କରିବା ଏବଂ ଦୁର୍ନୀତି ବିରୁଦ୍ଧରେ ସଂଗ୍ରାମକୁ ସମର୍ଥନ କରିବା ପାଇଁ ଶପଥ କରାଇଥିଲେ । ଆହୁରି ମଧ୍ୟ କର୍ମଚାରୀମାନେ ସମସ୍ତ କାର୍ଯ୍ୟ ସ୍ୱଚ୍ଛତାର ସହ ସମ୍ପାଦନ କରିବା, ଜନ ହିତରେ କାର୍ଯ୍ୟ କରିବା, ବ୍ୟକ୍ତିଗତ ଜୀବନରେ ସାଧୁତା ପ୍ରଦର୍ଶନ କରିବା ଏବଂ ଯେ କୌଣସି ଦୁର୍ନୀତି ସମ୍ପର୍କରେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବାର ଶପଥ ନେଇଥିଲେ । ସମ୍ପ୍ରତି ଚଳିତ ବର୍ଷ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନର ପ୍ରସଙ୍ଗ ରହିଛି ସତର୍କ ଭାରତ, ସମୃଦ୍ଧ ଭାରତ । ଏହି ପରିପ୍ରେକ୍ଷୀରେ ବିଭାଗୀୟ ଅତିରିକ୍ତ ନିର୍ଦ୍ଦେଶକ ବରଦା ପ୍ରସନ୍ନ ଦାସ କେନ୍ଦ୍ରୀୟ ସତର୍କତା ଆୟୋଗଙ୍କ ନିର୍ଦ୍ଦେଶନାମା ଅନୁସାରେ ରାଜ୍ୟ ସରକାରଙ୍କ ତରଫରୁ ଚଳିତ ମାସ ଅକ୍ଟୋବର ୨୭ରୁ ଆସନ୍ତା ନଭେମ୍ବର ମାସ ୨ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଥିବା ସମ୍ପର୍କରେ ବିଶଦ ସୂଚନା ପ୍ରଦାନ କରିଥିଲେ ।

# ପାରାଦ୍ୱୀପ ସମୁଦ୍ରରେ ବୁଡି ରହିଥିବା ଜାହାଜ ବ୍ଲାକ୍‌ରୋଜରେ ପିଟିହେଲା ମାଛଧରା ବୋଟ୍-୯ମତ୍ସ୍ୟଜୀବୀ ଉଦ୍ଧାର



ପାରାଦ୍ୱୀପ,୨୮।୧୦ (ନି.ପ୍ର): ପାରାଦ୍ୱୀପ ବନ୍ଦର ଆଙ୍କରେଜ୍ ଅଞ୍ଚଳରେ ୦୯.୦୯.୨୦୦୯ ଠାରୁ ସମୁଦ୍ରରେ ବୁଡି ରହିଥିବା ବ୍ଲାକରୋଜ୍ ଜାହାଜରେ ପିଟି ହୋଇ ଏକ ମାଛଧରା ବୋଟ୍ ଓଲଟି ପଡିବାରୁ ସେଥିରେ ଥିବା ମତ୍ସ୍ୟଜୀବୀ ମାନେ ବୁଡିଯାଇଥିଲେ । ଅନ୍ୟ ବୋଟ୍ ସହାୟତାରେ ସମସ୍ତ ୯ଜଣ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରାଯାଇଛି । ଘଟଣାରୁ ପ୍ରକାଶ ଯେ, ପାରାଦ୍ୱୀପ ସ୍ଥିତି ମାଛଧରା ବନ୍ଦରରୁ 'ମାଆ ମିନି' ନାମକ ଏକ ମାଛଧରା ବୋଟ୍ ସମୁଦ୍ରକୁ ମାଛ ଧରିବାକୁ ଯାଇଥିଲେ । ଏହି ବୋଟ୍‌ରେ ମୋଟ୍ ୯ଜଣ କର୍ମଚାରୀ ଥିଲେ । ମାଛ ଧରୁଥିବା ବେଳେ ବୋଟ୍ ପାରାଦ୍ୱୀପ ବନ୍ଦର ଆଙ୍କରେଜ ଏରିଆ ନିକଟରେ ବୁଡି ରହିଥିବା ଜାହାଜ ବ୍ଲାକ୍ ରୋଜ୍‌ରେ ଧକ୍କା ହୋଇ ଓଲଟି ପଡିଥିଲା । ସେଥିରେ ଥିବା ୯ଜଣ ମତ୍ସ୍ୟଜୀବୀ ଗଭୀର ସୁମଦ୍ରରେ ବୁଡିଯାଇଥିଲେ । ପାଖରେ ମାଛଧରୁଥିବା ଅନ୍ୟ ମାଛଧରା ବୋଟ୍ ସେମାନଙ୍କୁ ଉଦ୍ଧାର କରିଛନ୍ତି । ପ୍ରକାଶ ଥାଉକି ୦୯.୦୯.୨୦୦୯ ମସିହାରୁ ଆଇରନ ଓର୍ ବୋଝେଇ ସାରି ପାରାଦ୍ୱୀପ ବନ୍ଦରରୁ ବାହାରକୁ ଯାଉଥିବା ବେଳେ ଆଙ୍କରେଜ୍ ଏରିଆ ନିକଟରେ ଏହି ବ୍ଲାକ୍‌ରୋଜ୍ ଜାହାଜ ସମୁଦ୍ରରେ ବୁଡିଯାଇଥିଲା । ଯାହା ସେତେବେଳେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଯାଇଥିଲା । ଏହି ଜାହାଜରେ ଅପସାରଣ ନିମନ୍ତେ ମାନ୍ୟବର ଅଦାଲତ ତତ୍‌କାଳୀନ ଜଗତସିଂହପୁର ଜିଲ୍ଲାପାଳଙ୍କୁ ରିସିଭର ଭାବେ କାର୍ଯ୍ୟ କରିବାକୁ କହିଥିଲେ । ହେଲେ ଏ ପର୍ଯ୍ୟନ୍ତ ଅପସାରଣ ହୋଇପାରିନାହିଁ ବ୍ଲାକ୍‌ରୋଜ । ଜୁଆର ସମୟରେ ଜାହାଜ ଦେଖାଯାଉନଥିବାରୁ ଦୁର୍ଘଟଣା ବାରମ୍ବାର ଘଟୁଛି ।

# ଭଦ୍ରକରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ



ଭଦ୍ରକ,୨୮।୧୦ (ହି.ସ): ଭଦ୍ରକରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଡ. ଜ୍ଞାନ ଦାସ ସମାଜରୁ ଦୁର୍ନୀତି ବିଲୋପ ପାଇଁ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ । ଶାସନ କ୍ଷେତ୍ରରେ ସଂସ୍କାର ଅଣାଗଲେ ମଧ୍ୟ ଦୁର୍ନୀତି ନିବାରଣ ପାଇଁ ବ୍ୟାପକ ସଚେତନତା, ମାନବିକତା ଏବଂ ନିଜର କର୍ମପ୍ରତି ସଚ୍ଚୋଟତା ଓ ନୈତିକତା ଆବଶ୍ୟକତା ରହିଛି ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଶ୍ୟାମଭକ୍ତ ମିଶ୍ର(ସାଧାରଣ), ଅତିରିକ୍ତ ଜିଲ୍ଲାପାଳ ଅରୁଣ କୁମାର ମହାପାତ୍ର (ରାଜସ୍ୱ) ପ୍ରମୁଖ ଯୋଗ ଦେଇ ସମାଜରୁ ଦୁର୍ନୀତି ବିଲୋପ ପାଇଁ ବିଭିନ୍ନ ଦୃଢ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି କହିଥିଲେ । ଦୁର୍ନୀତି ଏକ ସାମାଜିକ ବ୍ୟାଧି । ଏହା ଦେଶ ବିକାଶରେ ବାଧକ ବୋଲି କହିବା ସହ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସମାଜର ସମସ୍ତ ଜନସାଧାରଣ ସଚେତନ ହେବାକୁ କହିଥିଲେ । ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଉଚିତ ବୋଲି କହିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା ଉତ୍ସବକୁ ପରିଚାଳନା କରିଥିଲେ । ସେହିପରି ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟରେ ମୁଖ୍ୟମାନେ ସେମାନଙ୍କ କାର୍ଯ୍ୟାଳୟର ଅନ୍ୟ ଅଧିକାରୀ, କର୍ମଚାରୀଙ୍କୁ ଶପଥ ପାଠ କରାଇଥିବା ବେଳେ ବ୍ଲକ ଓ ତହସିଲ ସ୍ତରରେ ମଧ୍ୟ ଶପଥ ପାଠ ଉତ୍ସବ କାର୍ଯ୍ୟାଳୟ ମୁଖ୍ୟଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା ।

## ମଦ ସହ ବାଇକ ଜବଦ : ୧ ଗିରଫ




ନୀଳଗିରି ,୨୮।୧୦ (ନି.ପ୍ର): ମିତ୍ରପୁର ଅଂଚଳରେ ଜନୈକ ଯୁବକ ନିଜ ମୋଟରସାଇକେଲରେ ମହୁଲି ମଦ ନେଇ ଯାଉଥିବା ବେଳେ ନୀଳଗିରି ଅବକାରୀ ବିଭାଗ ମହୁଲି ମଦ ଗାଡି ଜବତ କରିବା ସହିତ ଯୁବକକୁ ଗିରଫ କରି କୋର୍ଟ ଚାଲଣ ସରିଛି । ଅଭିଯୁକ୍ତଙ୍କ ବିରୋଧରେ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ୫୩/ ୨୦ ଏକ ମାମଲା ରୁଜୁ କରାଯାଇଥିବା ଜଣାଯାଇଛି । ସୂଚନା ଅନୁଯାୟୀ ନୀଳଗିରି ଥାନା ଅଧିନସ୍ଥ କେନ୍ଦୁଖୁଂଟା ଗ୍ରାମର ଯଦୁନାଥ ବେହେରାଙ୍କ ପୁତ୍ର ପ୍ରଶାନ୍ତ(୨୫) ନିଜ ମୋଟରସାଇକେଲ ଓଡି୦୧ବି-୯୯୭୯ (ହିରୋହଣ୍ଡ ଗ୍ଲେମର ) ଗାଡିରେ ୩୦ ଲିଟର ମହୁଲି ମଦ ନେଇ ଯାଉଥିବା ବେଳେ ନୀଳଗିରି ଅବକାରୀ ସବଇନିସପେକ୍ଟର ଲକ୍ଷ୍ୟସାଧବ ପ୍ରଧାନଙ୍କ ନେତୃତ୍ୱରେ କନେଷ୍ଟବଳ ହୃଷିକେଶ ବାରିକ ଓ କର୍ମଚାରୀ ମାନେ ଅତର୍କିତ ଭାବେ ଚଢାଉ କରି ତାଙ୍କୁ ଗିରଫ କରିଥିଲେ ।

# ପର୍ଯ୍ୟଟନ କେନ୍ଦ୍ର ପଣ୍ଡିଚେରୀ




**ଇଉରୋପ ଓ ଭାରତୀୟ ସଂସ୍କୃତିର ମିଳନସ୍ଥଳ ପଣ୍ଡିଚେରୀର ଶାନ୍ତ ସୌନ୍ଦର୍ଯ୍ୟଭରା ପରିବେଶ ପର୍ଯ୍ୟଟକଙ୍କୁ ନିଜ ଆଡକୁ ଆକୃଷ୍ଟ କରିଥାଏ । ବିଭିନ୍ନତା ମଧ୍ୟରେ ଏକତା ପଣ୍ଡିଚେରୀର କୋଣ ଅନୁକୋଣରେ ନେଖିବାକୁ ମିଳିଥାଏ । ଏହି ପ୍ରାଚୀନ ସହରଟି ବହୁଦିନ ପର୍ଯ୍ୟନ୍ତ ଫ୍ରାନ୍ସ ଶାସକଙ୍କ ଅଧୀନରେ ରହିଥିବାରୁ ଏଠିକାର ଚର୍ଚ୍ଚ ଓ ପୁରୁଣା ସ୍ଥାନ ଗୁଡ଼ିକରେ ଫରାସୀ ସଂସ୍କୃତି ଓ ସଭ୍ୟତାର ଛାପ ଏବେ ମଧ୍ୟ ଦେଖିବାକୁ ମିଳେ । ସମୁଦ୍ର ପରିବେଷ୍ଟିତ ପଣ୍ଡଚେରୀ ଶ୍ରୀମା ଓ ଅରବିନ୍ଦଙ୍କ ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ମହତ୍ୱ ରଖିଛି । ଅରୋମହିମା ପ୍ରାପ୍ତ କରିଥିବା ଏହି ସ୍ଥାନଟିକୁ ଶାନ୍ତି ପୀଠ କହିଲେ ଭୁଲ ହେବ ନାହିଁ । ଜପଣ୍ଡିଚେରୀକୁ ନେଇ ପ୍ରସ୍ତୁତ ଏଥରର ପର୍ଯ୍ୟଟନ ଦର୍ପଣ ।**

**ଶ୍ରୀ ଅରବିନ୍ଦ ଆଶ୍ରମ :-** ୧୯୨୬ ନଭେମ୍ବର ୨୪ ତାରିଖରେ ଶ୍ରୀ ଅରବିନ୍ଦ ଏହି ଆଶ୍ରମର ପ୍ରତିଷ୍ଠା କରିଥିଲେ । ଏହାପରେ ସେ ଆଶ୍ରମର ସମସ୍ତ ଦାୟିତ୍ୱ ତାଙ୍କ ଶିକ୍ଷା ଶ୍ରୀମାଙ୍କ ହାତରେ ଦେଇଥିଲେ । ପଣ୍ଡିଚେରୀସ୍ଥିତ ଏହି ଆଶ୍ରମରେ ମାନବଧର୍ମକୁ ଗୁରୁତ୍ୱ ଦିଆଯାଇଥାଏ । ଯେ କେହି ଶ୍ରୀମା ଓ ଅବରବିନ୍ଦଙ୍କ ଦୀକ୍ଷା ନେଇ ପାରିବ । ଏଥିପାଇଁ କୌଣସି ନୟମ ସମୟର ପ୍ରତିବନ୍ଧ ପ୍ରାୟ ନାହିଁ । ପୁଷ୍ପସଜ୍ଜିତ ଏହି ଆଶ୍ରମ ମଧ୍ୟରେ ଶ୍ରୀମା ଓ ଅରବିନ୍ଦଙ୍କ ସମାଧିସ୍ଥଳ ରହିଛି । ଭକ୍ତମାନଙ୍କ ପାଇଁ ଆଶ୍ରମରେ ଲାଇବ୍ରେରୀ, ଗ୍ୟାଲେରୀ, ଗେଷ୍ଟହାଉସ୍, ଖେଳପଡିଆ ଓ ଭୋଜନାଳୟ ଇତ୍ୟାଦିର ବ୍ୟବସ୍ଥା କରାଯାଇଛି । ଏହି ଆଶ୍ରମର ହାତ ତିଆରି କାଗଜ କଳରେ ଘରର ସାଜସଜ୍ଜାର ବିଭିନ୍ନ ସାମଗ୍ରୀମାନ ପ୍ରସ୍ତୁତ କରି ବିକ୍ରି କରାଯାଇଥାଏ । ଆଶ୍ରମରେ ଆପଣ ହାତ ତିଆରି ଶାଢୀ, ପୋଷାକ ଓ ପ୍ରସାଧନ ସାମଗ୍ରୀମାନ ମଧ କିଣିପାରିବେ ।


**ମ୍ୟୁଜିୟମ :-** ପଣ୍ଡିଚେରୀର ଇତିହାସ ସଂକ୍ଷିପ୍ତରେ ଜାଣିବାକୁ ଇଚ୍ଛା କରୁଥିଲେ ପଣ୍ଡିଚେରୀ ମ୍ୟୁଜିୟମ ଯିବାକୁ ଭୁଲନ୍ତୁ ନାହିଁ । ଏହି ମ୍ୟୁଜିୟମରେ ଫ୍ରାନ୍ସ ଶାସନ ସମୟର ଆସବାବପତ୍ର ଠାରୁ ଆରମ୍ଭ କରି ଚୋଳ ପଲ୍ଲଭ ଓ ବିଜୟନଗର ସମୟର ବିଭିନ୍ନ ଜିନିଷକୁ ଯତ୍ନ ସହକାରେ ପ୍ରଦର୍ଶିତ କରାଯାଇଛି । ଟେରାକୋଟାର ସୁନ୍ଦର ମୂର୍ତ୍ତି, ଚିତ୍ରପଟ୍ଟ, ମାଟିମୂର୍ତ୍ତି, କାରୁକାର୍ଯ୍ୟପୂର୍ଣ୍ଣ ଦର୍ଷଣ ଇତ୍ୟାଦି ଏଠାରେ ସ୍ଥାନ ପାଇଛି ।

**ଅରୋଭିଲୋ :-** ପଣ୍ଡିଚୋରୀର ଉତ୍ତରରେ ୧୨ କିମି ଦୂରରେ ଦେଖିବାକୁ ମିଳିଥାଏ ଅରୋଭିଲେ । ୧୯୬୮ ମସିହାରେ ଶ୍ରୀମା ଏହି ସହରଟିର ପ୍ରତିଷ୍ଠା କରିଥିଲେ । ଅରୋଭିଲେ କୌଣସି ନିର୍ଦ୍ଦିଷ୍ଟ ଲୋକର ନୁହେଁ ଏହା ସମଗ୍ର ମାନବଜାତି ପାଇଁ ଉଦ୍ଦିଷ୍ଟ । ଏହି ସହରଟି ଦେଖିଲେ ବସୁଧୈବ କୁଟୁମ୍ବକମ୍ ଉକ୍ତିଟି ମନେପଡେ । ଏହି ଅରୋଭିଲେର ଦ୍ୱାର ସର୍ବଧର୍ମ ସମ୍ପ୍ରଦାୟର ଲୋକଙ୍କ ପାଇଁ ସବୁ ସମୟରେ ଖୋଲା ରହିଛି । ଏହାର ଠିକ୍ ମଧ ଭାଗରେ ରହିଛି ମାତୃ ମନ୍ଦିର ।


**ସମୁଦ୍ର ବେଳାଭୂମି :-** ପଣ୍ଡିଚୋରୀର ବିସ୍ତୃତ ବେଳାଭୂମି ସବୁ ସମୟରେ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ରହିଛି । ସହର ପ୍ରାନ୍ତରେ ଦୀର୍ଘ ୧୫୦୦ ମିଟର ପରିବ୍ୟାପ୍ତ ସମୁଦ୍ର ବେଳାଭୂମି କୋଳାହଳ ମଧ୍ୟରେ ଆପଣଙ୍କୁ କ୍ଷଣିକ ଶାନ୍ତି ଆଣିଦେବ । ପଣ୍ଡିଚୋରୀରୁ ଗାଡ଼ିରେ ଗଲେ ୧୦ ମିନିଟ୍ ବ୍ୟବଧାନରେ ରହିଛି । ସେରେନିଟି ବେଳାଭୂମି । ପରିଷ୍କାର ବେଳାଭୂମି ଓ ସ୍ୱଚ୍ଛ ପାଣି ପାଇଁ ବହୁ ଲୋକ ଏଠାକୁ ଯିବାକୁ ପସନ୍ଦ କରନ୍ତି । ଆପଣ କାରାଇକାଲ୍ ଓ ମାହେ ବେଳାଭୂମିକୁ ମଧ ଯାଇପାରନ୍ତି ।



**ବୋଟ୍ ହାଉସ୍ :-** ଏଠାରେ ଆପଣ ବୋଟିଂ କରିବାର ମଜା ମଧ୍ୟ ଉଠାଇ ପାରିବେ । ପଣ୍ଡିଚୋରୀରୁ ୮ କିମି. ବ୍ୟବଧାନରେ ରହିଛି ଚୁନାମ୍ବର ନଦୀ । ସବୁଜିମାରେ ଭରପୂର ଚୁନାମ୍ବର ନଦୀର ଚତୁପାର୍ଶ୍ୱ ବୋଟିଂ ପାଇଁ ବେଶ୍ ଭଲ ପରିବେଶ ସୃଷ୍ଟି କରିଥାଏ ।



**ବଟାନିକାଲ ଗାର୍ଡେନ :-** ଏହି ଗାର୍ଡେନ୍‌ଟି ୧୯୨୬ ମସିହାରେ ପ୍ରସ୍ତୁତ କରାଯାଇଥିଲା । ବର୍ତ୍ତମାନ ଏଠାରେ ୧୫୦୦ ଉର୍ଦ୍ଧ୍ୱ କିସମର





ଗଛ ଦେଖିବାକୁ ମିଳିବ । ପୁଷ୍ପ ବିହାର ଓ ଗାର୍ଡେନ ମଧ୍ୟରେ ପ୍ରସ୍ତୁତ କରାଯାଇଥିବା ଆକ୍ୱାରିୟମ ଏହି ବଟାନିକାଲ ଗାର୍ଡେନର ମୁଖ୍ୟ ଆକର୍ଷଣ । ଏହି ଆକ୍ୱାରିୟମରେ ଅନେକ ବିରଳ ପ୍ରଜାତିର ଅର୍ଣ୍ଣାମେଣ୍ଟାଲ ମାଛଗୁଡ଼ିକୁ ରଖାଯାଇଛି ।

**ମନ୍ଦିର :-** ପଣ୍ଡିଚୋରୀର ବିଭିନ୍ନତା ସବୁ ଧର୍ମାବଲମ୍ବୀଙ୍କୁ ଆକୃଷ୍ଟ କରିଥାଏ । ଫ୍ରାନ୍ସ ଶାସନ ସମୟରେ ନିର୍ମିତ ହୋଇଥିବା ଚର୍ଚ୍ଚ ଠାରୁ ଆରମ୍ଭ କରି ଚୋଳ ସମୟରେ ନିର୍ମିତ ହୋଇଥିବା ମନ୍ଦିର ଗୁଡ଼ିକର ଶୋଭା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ପଣ୍ଡିଚୋରୀରୁ ୧୦ କିମି. ଦୂରରେ ରହିଛି ଶ୍ରୀ ଗୋବିକଲାମ୍ବାଲ ତିରୁକାମେଶ୍ୱର ମନ୍ଦିର । ପ୍ରତିବର୍ଷ ମଇରୁ ଜୁନ୍ ମାସ ମଧ୍ୟରେ ଏଠାରେ ୧୦ ଦିନ ବ୍ୟାପୀ ଏକ ବିରାଟ ମହୋତ୍ସବର ଆୟୋଜନ କରାଯାଇଥାଏ ।

କରାଇକାଲ୍ ପର୍ଶ୍ଚିମରେ ୫ କିମି. ଦୂରରେ ରହିଛି ଥିରୁନଲ୍ଲାର ମନ୍ଦିର । ଏହି ଶୈବପୀଠରେ ଶନି



ଦେବତାଙ୍କର ପୂଜାର୍ଚ୍ଚନା ମଧ୍ୟ କରାଯାଇଥାଏ । ଗାନ୍ଧି ରୋଡର ଠିକ ପର୍ଶ୍ଚିମରେ ଦେଖିବାକୁ ମିଳିବ ଭରଦରାଜ୍ ମନ୍ଦିର । ୧୨ ଶତାବ୍ଦୀରେ ନିର୍ମିତ ହୋଇଥିବା ଏହି ମନ୍ଦିରଟିରେ ବିଷ୍ଣୁଙ୍କ ଆରାଧନା କରାଯାଇଥାଏ ।

**ଐତିହାସିକ କିର୍ତ୍ତୀସ୍ତମ୍ଭ :-** ପଣ୍ଡିଚେରୀର ସମୁଦ୍ର ବେଳାଭୂମି ପାଖରେ ଆପଣଙ୍କୁ ଦୁ ଇଟି ଐତିହାସିକ କିର୍ତ୍ତୀସ୍ତମ୍ଭ ଦେଖିବାକୁ ମିଳିବ । ପ୍ରଥମ ବିଶ୍ୱଯୁଦ୍ଧରେ ଶହୀଦ ହୋଇଥିବା ସୈନିକଙ୍କ ସ୍ମୃତିରେ ଫ୍ରାନ୍ସ ସରକାର ଏଠାରେ ଏକ ସୈନିକ ସ୍ମୃତିସ୍ତମ୍ଭ ନିର୍ମାଣ କରିଥିଲେ । ଏହାଛଡ଼ା ବେଳାଭୂମି ପାଖରେ ଜାତୀୟ ପିତା ମହାତ୍ମା ଗାନ୍ଧିଙ୍କ ଏକ ୪ ମିଟର ଉଚ୍ଚ ମୂର୍ତ୍ତି ମଧ୍ୟ ରହିଛି । ବେଳାଭୂମି ପାଖରେ ୧୫୦ ବର୍ଷ ପୁରୁଣା ଏକ ବତୀଘର ମଧ୍ୟ ରହିଛି । ଏହାର ଉଚ୍ଚତା ହାରାହାରି ୨୯ ମିଟର ହେବ ।

**ଦ ଷ୍ଟାଚ୍ୟୁ ଅଫ୍ ଡୁପ୍ଲେକ୍ସ :-** ୧୯୭୦ ମସିହାରେ ଫ୍ରାନସ ଶାସକ ଅମଳରେ ଏହି କିର୍ତ୍ତୀସ୍ତମ୍ଭଟିକୁ ନିର୍ମାଣ କରାଯାଇଥିଲା । ୧୭୫୪ ପର୍ଯ୍ୟନ୍ତ ପଣ୍ଡିଚୋରୀରେ ଫ୍ରାନକୋଏସ୍ ଡୁପ୍ଲେକ୍ସଙ୍କ ଶାସକ ଥିଲା । ଏହି ମହାନ ଶାସକଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ: ଫ୍ରାନସ ଓ ପଣ୍ଡିଚୋରୀରେ ତାଙ୍କର ଦୁଇଟି ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା ।

## ପାଣିରେ ଲେଡ୍ ସୂଚନା ଦେବ ସ୍ମାର୍ଟଫୋନ୍

ବୈଜ୍ଞାନିକ ଦଳ ସ୍ମାର୍ଟଫୋନ୍ ଏବଂ ଇଙ୍କଜେଟ୍ ପ୍ରିଣ୍ଟର ଦ୍ୱାରା ପ୍ରସ୍ତୁତ ଏକ ଲେନ୍ସ କୁ ବ୍ୟବହାର କରି ଏକ ପ୍ରଣାଳୀ ବିକଶିତ କରିଚନ୍ତି ଯାହା ପାଣିରେ ଲେଡ୍ ବା ସିସାର ସ୍ତରକୁ ମାପିବା । ଏହି ପ୍ରଣାଳିରେ ନାନୋ-କଲରମେଟ୍ରି (ରଙ୍ଗଦ୍ୱାରା ରାସାୟନିକ ବିଶ୍ଲେଷଣ) ଏବଂ ସ୍ମାର୍ଟଫୋନ୍ ମାଇକ୍ରୋସ୍କପି ପ୍ଲାଟଫର୍ମରେ ଡାର୍କଫିଲ୍ଡ ମାଇକ୍ରୋସ୍କୋପି ଦ୍ୱାରା ସଂଯୋଗ ହୋଇଛି । ଆମରିକାର ଆସୋସିଏଟ୍ ପ୍ରଫେସର ବୋ ଚୁଆନ ସିଙ୍ଗ ମତରେ ଏହି ପ୍ରଣାଳୀ ବେଶ୍ ଶସ୍ତା ଏବଂ ଜଳରେ ମହଜୁଦ୍ ଥିବା ସିସା ଯାହା ଛୋଟ ପିଲାଙ୍କ ତନ୍ତିକା ସମ୍ବନ୍ଧୀୟ ରୋଗର କାରଣ ହୋଇଥାଏ, ତାକୁ ଦୂର କରିବାରେ ସହାୟକ ହେବ ।

## ଲିପଷ୍ଟିକ୍ ବ୍ୟବହାର କରିବେ କେମିତି ?

ଆପଣଙ୍କ ପାଖରେ ମେକଅପ୍ ରିମୁଭର ନାହିଁ । ହେଲେ ଓଠରୁ ଲିପଷ୍ଟିକ୍ ଛଡ଼େଇବାକୁ ଚାହାନ୍ତି । ଏ କ୍ଷେତ୍ରରେ ଲିପବାମ୍ କାମରେ ଆସିବ । ଯେକୌଣସି ଲିପବାମ୍ ନେଇ ଓଠରେ ମସାଜ କରନ୍ତୁ । ଏହାପରେ ଏକ ଟିସୁ ପେପରରେ ଭଲ କରି ପୋଛି ଦିଅନ୍ତୁ । ପୋଛିବା ପରେ ପୁଣି ଥରେ ସେହିଭଳି କରନ୍ତୁ । ଦେଖିବେ ଅତି ସହଜରେ ଓଠରୁ ଲିପଷ୍ଟିକ୍ ଛାଡ଼ିଯିବ । ଆପଣଙ୍କ ପାଖରେ କାରାଲ ରାଙ୍ଗର ଲିପଷ୍ଟିକ୍ ନଥିଲେ, ପ୍ରଥମେ କମଳା ରଙ୍ଗର ଲିପଷ୍ଟିକ୍ ଲଗାଇ ତା ଉପରେ ଆପଣଙ୍କ ଚେହେରାକୁ ମାନୁଥିବା ଭଳି କୌଣସି ମଧମ ଶେଡର ଲିପଷ୍ଟିକ୍ ଲଗାଇ ଦିଅନ୍ତୁ । ଅଧିକ ସମୟରେ ଆମେ ଏମିତି ଲିପଷ୍ଟିକ୍ କିଣିଥାଉ ଯାହା ଅଧିକ ଫିକା ହୋଇଥାଏ । ଆମ ଡ୍ରତାକୁ ଖାପ ପଖାଇବାରୁ ରହି ନଷ୍ଟ ହୋଇଥାଏ । ଏବେ ଠାରୁ ଆଉ ନଷ୍ଟ କରନ୍ତୁ ନାହିଁ । ଫିକା ରଙ୍ଗର ଲିପଷ୍ଟକ୍ ଲଗାଇ ତା ଉପରେ ବ୍ରାଉନ୍ ରଙ୍ଗର ଲିପ୍ ଲାଇନରେ ହାଲକା ଏହା ଦେଖିବାକୁ ଖୁବ୍ ସୁନ୍ଦର ଲାଗିବ । ଆଉ ଆପଣଙ୍କ ଲିପଷ୍ଟିକ୍ ନଷ୍ଟ ହେବ ନାହିଁ ।

# ମଧୁର୍ ଜଳ ମାଛ ଚାଷ

୪୦୦ ମିଲି ସଫାକସ ଛଅମାସ ଅନ୍ତରରେ ପ୍ରୟୋଗ କରନ୍ତୁ।



ପୋଖରୀର ଏକ ହେକ୍ଟର ପ୍ରତି ୪୦୦୦ ଅଙ୍ଗୁଳିକା ଯାଆଁଳ କିମ୍ବା ବର୍ଷିକିଆ ଯାଆଁଳ ଛାଡ଼ନ୍ତୁ। ରୋହି, ଭାକୁର ଓ ମିରକାଳିର ଅନୁପାତ ୪୦:୩୦:୩୦ ରଖନ୍ତୁ। ଖାଦ୍ୟ ଦେବା ପାଇଁ ମୁଣା ବ୍ୟବହାର କରନ୍ତୁ। ଏହା ଦ୍ୱାରା ଖାଦ୍ୟ ଖାଇବାର ପ୍ରକ୍ରିୟା, ହାର ଓ ଅନୁପାତ ଜଣାପଡ଼େ। ନିୟମିତ ଜାଆଁଳ ସଂଗ୍ରହ କରି ବୃଦ୍ଧି ଓ ବଞ୍ଚିବା ହାର ଦେଖନ୍ତୁ। ଏହି ସମୟରେ ପୋଖରୀରେ ଜଳ ପରିଚାଳନା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ପାଣିରେ ଅମ୍ଳଜାନ ୭ ରୁ ୮.୫ ମଧ୍ୟରେ ରହିବା ଦରକାର। ଏଥିପାଇଁ ପିଏଚପେପର ବ୍ୟବହାର କରନ୍ତୁ। ଜଳର ଗୁଣ ପାଇଁ ତଳ ମାଟିରେ ଯତ୍ନ ନିଅନ୍ତୁ। ମଝିରେ ମଝିରେ କଳା ମାଟି ଓ ପଚାଶଢ଼ା ପଦାର୍ଥ କାଢ଼ିଦିଅନ୍ତୁ। ଚୂନ ପକାନ୍ତୁ। ରୋଗ ନିରାକରଣ ପାଇଁ ଏକର ପ୍ରତି

# ବିଦ୍ୟୁତ ସଞ୍ଚୟର ବାର୍ତ୍ତା ଦେଉଥିବା ହୋଟେଲ

ସହରର ଏକ ପଞ୍ଚତାରକା ହୋଟେଲ ସେରେଟନ୍ ରିସୋର୍ଟସ୍ ପ୍ରତି ମାସର ୨୮ ତାରିଖରେ ଏକ ଘଣ୍ଟା ରାତି ସାଢ଼େ ଆଠଟାରୁ ସାଢ଼େ ନ'ଟା ପର୍ଯ୍ୟନ୍ତ ବିଦ୍ୟୁତ ବ୍ୟବହାର ବନ୍ଦ କରି 'ଆର୍ଥ ଆୱାର' ଅଭିଯାନ ପରି ବିଦ୍ୟୁତ ସଞ୍ଚୟର ବାର୍ତ୍ତା ପ୍ରଦାନ କରୁଛି । କେବଳ ସେତିକି ନୁହେଁ ସେମାନେ ଆଖାପାଖର ବ୍ୟକ୍ତିମାନଙ୍କୁ ଏଭଳି କାର୍ଯ୍ୟରେ ସହଯୋଗ ତଥା କାର୍ଯ୍ୟକାରୀ କରିବାକୁ ମଧ୍ୟ ଅନୁରୋଧ କରିଛି । ଏହି ବିଦ୍ୟୁତ କାଟବେଳେ ହୋଟେଲରେ ରହିଥିବା ଅତିଥିମାନଙ୍କୁ ଟେରେସ୍ ଉପରେ ନିଃଶୁଳ୍କ କ୍ୟାଣ୍ଡେଲର ଲାଇଟ୍ ଡିନର ପାଇଁ ଆମନ୍ତ୍ରଣ କରାଯାଏ । ସେଠାରେ ଘଣ୍ଟାକ ପାଇଁ





ଅତିଥି ମାନେ ମହମବତୀ ଆଲୋକରେ ସୁସ୍ୱାଦୁ ଖାଦ୍ୟର ମଜା ଉଠାଇଥାନ୍ତି । ପରିବେଶ ସଂରକ୍ଷଣ ତଥା ବିଦ୍ୟୁତ ବଞ୍ଚାଅ ଅଭିଯାନକୁ 'ଆର୍ଥ ଆୱାର' ବା 'ପୃଥ୍ୱୀ ଘଣ୍ଟା' ନାମରେ ନାମିତ କରାଯାଇଛି । ୨୦୦୭ ମସିହାରେ ସିଡ୍‌ନୀ (ଅଷ୍ଟ୍ରେଲିଆ) ରେ ପ୍ରାୟ ଦୁଇ ଲକ୍ଷ ଲୋକ ଘଣ୍ଟାକ ପାଇଁ ବିଦ୍ୟୁତ ବ୍ୟବହାର ବନ୍ଦ କରି 'ଆର୍ଥ ଆୱାର' କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଭାରତ ସମେତ ୮୭ଟି ଦେଶର ପ୍ରାୟ ୪ ହଜାର ୧୦୦ଟି ସହର ଏହି ଅଭିଯାନରେ ସାମିଲ ହୋଇ ସାରିଛନ୍ତି ।

# ଘରକୁ ସୁବାସିତ ରଖିବାର ଉପାୟ



ସୁବାସିତ ଧୂପବତି ଲଗାଇ କିଛି ସମୟ ପାଇଁ ଘରର ଚତୁର୍ଦ୍ଦିଗକୁ ବାସ୍ନାରେ ମହକାଇ ହେବ । ଏବେ ବଜାରରେ ବିଭିନ୍ନ କମ୍ପାନୀର ରୁମ ସେଣ୍ଟମିଳୁଛି । ସେସବୁ ସ୍ୱାସ୍ଥ୍ୟ ପାଇଁ ହିତକର ନୁହେଁ ବୋଲି ବିଶେଷଜ୍ଞଙ୍କ ମତ । ତେବେ ସହଜ ଉପାୟରେ ଘରକୁ କିପରି ସୁବାସିତ ଅଧିକ ସମୟ ରଖିବେ ? ଶସ୍ତା ତଥା ପ୍ରଭାବବିହୀନ ଆରୋମ ।

କ୍ୟାଣ୍ଡେଲ ଲଗାଇଲେ ଏହା ମାନସିକ ଶାନ୍ତି ଦେବା ସହ ଚତୁର୍ଦ୍ଦିଗକୁ ମହକାଇଥାଏ । ଆଜିକାଲି ଲୋକେ ଏହାକୁ ସ୍ନାନାଗାରରେ ଉପଯୋଗ କରୁଥିବାର ଦେଖାଯାଉଛି । ଗୋଲାପ ଫୁଲ ହେଉ ଅବା ମଲ୍ଲୀ ଫୁଲ, ଏସବୁ ଶୁଖିବା ପରେ ତାହାକୁ ଏକ ବଡ଼ ପାତ୍ରରେ ରଖନ୍ତୁ । ପରେ ସେଥିରେ ପାଣି ଭର୍ତ୍ତି କରି ବଜାରରେ ମିଳୁଥିବା ଏସେନସିଆଲ ଅଏଲକୁ କିଛି ବୁନ୍ଦା ପକାନ୍ତୁ । ଦେଖିବବେ, ୨ଦିନ ପର୍ଯ୍ୟନ୍ତ ଘର ମହକିବ । ହର୍ବାଲ ଅଗରବତି ଘର ପାଇଁ ସର୍ବୋତ୍ତମ । ପଣ୍ଡିଚେରୀ ଓ କେରଳର ଲୋକେ ଏହାକୁ ସବୁଠୁ ଅଧିକ ଉପଯୋଗ କରନ୍ତି । ଆଜିକାଲି ଅନ ଲାଇନ ସାଇଟ ଓ ବଡ଼ବଡ଼ ସପିଂ ମଲରେ ଏସବୁ



ବିକ୍ରିହେଉଛି । ଅନେକ ବର୍ଷ ପୂର୍ବେ ଏଇ ଉପାୟରେ ଘରର ଚତୁର୍ଦ୍ଦିଗକୁ ମହକାଯାଉଥିଲା । ସେଓ ଚୋପା, କମଳା ଚୋପା, ଲେମ୍ବୁଚୋପା, ଡାଲଚିନି, ଲବଙ୍ଗ, ଗୁଜୁରାତି ଇତ୍ୟାଦିକୁ ଏକ ବଡ଼ କଡ଼େଇରେ ପାଣି ସହ ଫୁଟାଯାଉଥିଲା । ଏହାର ବାମ୍ପରେ ଚତୁର୍ଦ୍ଦିଗ ମହକିବା ସହ ପରେ ଏଇ ପାଣିକୁ ଥଣ୍ଡା କରାଯାଇ ତାହାକୁ ବିଭିନ୍ନ କୋଣରେ ସିଞ୍ଚନ କରାଯାଉଥିଲା । ଏହା ମଶାମାଛି ଘୁରେଇଦେବା ସହ ଏହା ପରିବେଶକୁ ମଧ ଶୁଦ୍ଧ କରିଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ୨+୨ ଆଲୋଚନାର ମହତ୍ତ୍ୱ...

ସାମ୍ପ୍ରତିକ ବିଶ୍ୱ ପରିସ୍ଥିତି ଦୃଷ୍ଟିରୁ ଭାରତ ଓ ଆମେରିକା ମଧ୍ୟରେ ଘନିଷ୍ଠ ସହଯୋଗ ସ୍ଥାପନ ଅଧିକ ଜରୁରି ହୋଇପଡ଼ିଛି । ଏହି ପରିପ୍ରେକ୍ଷୀରେ ନୂଆଦିଲ୍ଲୀଠାରେ ସଦ୍ୟ ଅନୁଷ୍ଠିତ ଭାରତ ଆମେରିକା- ୨+୨ ମନ୍ତ୍ରିସ୍ତରୀୟ ଆଲୋଚନା ବିଶେଷ ମହତ୍ତ୍ୱ ବହନ କରେ । ଏହି ଆଲୋଚନାରେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ. ଜୟଶଙ୍କର ନେତୃତ୍ୱ ନେଇଥିବାବେଳେ ଆମେରିକା ପକ୍ଷରୁ ସେ ଦେଶର ପ୍ରତିନିଧିତ୍ୱ କରିଛନ୍ତି ବୈଦେଶିକ ସଚିବ ମାଇକେଲ ପମ୍ପିଓ ଏବଂ ପ୍ରତିରକ୍ଷା ସଚିବ ମାର୍କ ଏସ୍ପାର । ଏହା ବ୍ୟତୀତ ଉଭୟ ଦେଶର ବହୁ ବରିଷ୍ଠ ପ୍ରତିନିଧିଙ୍କ ମଧ୍ୟରେ ହୋଇଥିବା ଆଲୋଚନା ପରସ୍ପରଙ୍କୁ ଅଧିକ ନିକଟତର କରାଇଛି । ବିଶ୍ୱର ଦୁଇ ବୃହତ୍ ଗଣତନ୍ତ୍ର ମଧ୍ୟରେ ଏଭଳି ୨+୨ ମନ୍ତ୍ରସ୍ତରୀୟ ଆଲୋଚନାର ଏହା ତୃତୀୟ ସଂସ୍କରଣ । ଇତିପୂର୍ବରୁ ଉଭୟ ପକ୍ଷ ବିଭିନ୍ନ ସମୟରେ ଏଭଳି ଆଲୋଚନାରେ ମିଳିତ ହୋଇସାରିଛନ୍ତି । ଭାରତ ଓ ଆମେରିକା ଗତ ପ୍ରାୟ ଦୁଇ ଦଶନ୍ଧି ମଧ୍ୟରେ ପରସ୍ପରର ଯେତିକି ନିକଟତର ହୋଇଛନ୍ତି ଅତୀତରେ କୌଣସି କାଳଖଣ୍ଡରେ ତାହା ଘଟିନଥିଲା । ଉଭୟ ରାଷ୍ଟ୍ର ମଧ୍ୟରେ ପ୍ରତିରକ୍ଷାଠାରୁ ସେଇ ଆଣବିକ ସହଯୋଗ, ଦ୍ୱିପାକ୍ଷିକ ବାଣିଜ୍ୟ କାରବାରଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ବିଜ୍ଞାନ, ଗବେଷଣା ମହାକାଶ ଆଦି ପ୍ରତ୍ୟେକ କ୍ଷେତ୍ରରେ ସଂପର୍କ ନିବିଡ଼ ହୋଇଛି । ଅନ୍ୟ ଭାଷାରେ କହିବାକୁ ଗଲେ, ଉଭୟ ରାଷ୍ଟ୍ର ପରସ୍ପର ଉପରେ ଆସ୍ଥା ଓ ବିଶ୍ୱାସ ସ୍ଥାପନ କରିଛନ୍ତି । ତେଣୁ କୂଟନୈତିକ ସଂପର୍କରେ ପରିଭାଷା ବଦଳିଛି । ଏହା ମଧ ଦୁଇ ଦେଶ ମଧ୍ୟରେ ସଂପର୍କ ବୃଦ୍ଧିର ଅନ୍ୟତମ କାରଣ ଯେ, ଏକବିଂଶ ଶତାବ୍ଦୀରେ ଭାରତ ବିଶ୍ୱର ଅନ୍ୟତମ ସମୃଦ୍ଧ ଓ ସମର୍ଥ ରାଷ୍ଟ୍ରଭାବେ ମୁଣ୍ଡ ଟେକିଛି । ସେଥିରେ ରହିଛି ଭାରତର ରାଜନୈତିକ ସ୍ଥିରତା, ଆର୍ଥିକ ଅଭିବୃଦ୍ଧି, ପ୍ରତିରକ୍ଷା ସାମର୍ଥ୍ୟ ତଥା ଗଣତାନ୍ତ୍ରିକ ମୂଲ୍ୟବୋଧ । ସେହିଭଳି ଆର୍ଥିକ ସଂସ୍କାର ସାଙ୍ଗକୁ ଘରୋଇକରଣ, ଜଗତୀକରଣ ଓ ଉଦାରୀକରଣ ଆଭିମୁଖ୍ୟ ଭାରତର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିଛି । ଏହାର ସୁଯୋଗ ନେଇ ଆମେରିକା ଭାରତ ସହ ପ୍ରତି କ୍ଷେତ୍ରରେ ସହଭାଗିତାର ହାତ ବଢ଼ାଇଛି । ତେବେ କେବଳ ଆର୍ଥିକ ଅବା କୂଟନୈତିକ ସହଯୋଗ ନୁହେଁ, କ୍ଷେତ୍ରୀୟ ଓ ବୈଶ୍ୱିକ ଶାନ୍ତି ଓ ସ୍ଥିରତା ରକ୍ଷାରେ ଭାରତ ଓ ଆମେରିକା ପରସ୍ପରର ପରିପୂରକ ସାଜିଛନ୍ତି । ଏକବିଂଶ ଶତାବ୍ଦୀ ବିଶ୍ୱକୁ ଏକ ନୂଆ ସଂକେତ ପ୍ରଦାନ କରିଛି ଓ ପୁରୁଣା ସଂପର୍କରେ ପରିଭାଷାକୁ ପରିବର୍ତ୍ତନ କରିଛି । କେବଳ ନିଜେ ପ୍ରଗତି କଲେ ବିଶ୍ୱ କିମ୍ବା କୌଣସି କ୍ଷେତ୍ରର ଅଭିବୃଦ୍ଧି ଓ ସ୍ଥିରତା କାଏମ ରହିବ ନାହିଁ । ତେଣୁ ଏହି କ୍ଷେତ୍ରୀୟ ଓ ବୈଶ୍ୱିକ ସ୍ଥିରତା ରକ୍ଷା ଦିଗରେ ଆମେରିକା ଭାରତ ଆଡ଼କୁ ହାତ ବଢ଼ାଇ ଥିବାବେଳେ ଭାରତ ଆମେରିକା ସହ ହାତ ମିଳାଇଛି । ଭାରତ ମହାସାଗର କ୍ଷେତ୍ର ହେଉ ଅଥବା ଦକ୍ଷିଣ ଚୀନ ସାଗର ବା ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର, ସେସବୁର ସ୍ଥିରତା ଉପରେ ବିଶ୍ୱ ଶାନ୍ତି ନିର୍ଭରଶୀଳ । ବିଶେଷକରି କରୋନା ମହାମାରୀ ଗତ ପ୍ରାୟ ଆଠ/ନଅ ମାସ ମଧ୍ୟରେ ସମସ୍ତଙ୍କୁ ଏହା ଚେତାଇ ଦେଇଛି- ପାରସ୍ପରିକ ସହଯୋଗ ବିନା କେବଳ ବିଶ୍ୱ ଶାନ୍ତି ନୁହେଁ, ମାନବ ସମାଜର ସ୍ଥିତି ସୁଦ୍ଧା ଅସମ୍ଭବ ବୋଲି ପ୍ରତୀୟମାନ ହୁଏ । ବିଶେଷକରି ଆର୍ଥିକ, ପ୍ରତିରକ୍ଷା ଆଦି କ୍ଷେତ୍ରରେ ଚୀନର ପ୍ରଚ୍ଛନ୍ନ ଅସହଯୋଗ ଭୂମିକା ଏସୀୟ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳକୁ ଆକ୍ରାନ୍ତ କରି ରଖିଛି । ସେହିଭଳି କରୋନା ମହାମାରୀର ଜନ୍ମଦାତା ଓ ପ୍ରସାରଣକାରୀ ରାଷ୍ଟ୍ର ଭାବେ ଚୀନର ବିବଦମାନ ଭୂମିକା ଓ ତଥ୍ୟ ସୂଚନା ଦିଗରେ ଅସହଯୋଗ ସେ ରାଷ୍ଟ୍ରର ଅଭିପ୍ରାୟକୁ ସନ୍ଦେହାଚ୍ଛନ୍ନ କରେ । ଅପରପକ୍ଷେ, ଭାରତ ସହ ସୀମା ବିବାଦ ଉତ୍ପନ୍ନ ଓ ଏହାକୁ ଯଥାସମ୍ଭବ ଜାରି ରଖିବା ବେଜିଂ କର୍ତ୍ତୃପକ୍ଷଙ୍କ ଆଭିମୁଖ୍ୟକୁ ସନ୍ଦେହାଚ୍ଛନ୍ନ କରେ । ଏପରିସ୍ଥଳେ ଭାରତ ଓ ଚୀନ ମଧ୍ୟରେ ସାମରିକ ବିବାଦ ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି । ଏହିସବୁ ଦୃଷ୍ଟିରୁ ଭାରତ-ଆମେରିକା ମଧ୍ୟରେ ୨+୨ ମନ୍ତ୍ରିସ୍ତରୀୟ କଥାବାର୍ତ୍ତା ଉଭୟ ରାଷ୍ଟ୍ରଙ୍କୁ ବିକଳ୍ପ ବଜାର, ନିବେଶ, ଉତ୍ପାଦନ ସହଯୋଗ, ପ୍ରତିରକ୍ଷା ସଂପର୍କ ରକ୍ଷା, ଆର୍ଥିକ ଓ ବାଣିଜ୍ୟିକ ଘନିଷ୍ଠତା ବୃଦ୍ଧି ଲାଗି ପଥ ପରିଷ୍କାର କରିଛି । ଏହା ସ୍ପଷ୍ଟ ଯେ, ଆମେରିକାରେ ଏବେ ରାଷ୍ଟ୍ରପତି ନିର୍ବାଚନ ହେବାକୁ ଯାଉଛି । ଭାରତ ସହ ସଂପର୍କ ବୃଦ୍ଧି ରାଷ୍ଟ୍ରପତି ଟ୍ରମ୍ପଙ୍କ ବିଜୟକୁ ସହାୟକ ହେବ । କାରଣ, ସେଠାରେ ବସବାସ କରୁଥିବା ଭାରତୀୟମାନେ କେବଳ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ସମର୍ଥନ ଜଣାଇବେ ନାହିଁ । ଅପରପକ୍ଷେ ଭାରତୀୟ ବଜାର ଓ ମାନବ ସମ୍ବଳ ବଜାର ଆମେରିକା ପାଇଁ ଏକାନ୍ତ ଜରୁରି । ଏହା ହିଁ ଅନ୍ୟ ରାଷ୍ଟ୍ରଙ୍କ ତୁଳନାରେ ଭାରତକୁ ଏବେ ସମଗ୍ର ବିଶ୍ୱରେ ଏକ ମହତ୍ତ୍ୱପୂର୍ଣ୍ଣ ଆସନରେ ଆସୀନ କରାଇଛି । ଆଫଗାନିସ୍ତାନରୁ ମାର୍କିନ ସୈନିକମାନଙ୍କ ଅପସାରଣ ପରେ ଏସୀୟ ନିରାପତ୍ତା ଓ ସ୍ଥିରତା ରକ୍ଷା ନିମନ୍ତେ ଭାରତ ଓ ଆମେରିକା ମଧ୍ୟରେ ଏଭଳି ସଂପର୍କ ବୃଦ୍ଧିର ବାତାବରଣ ବିଶ୍ୱଶାନ୍ତି ପାଇଁ ଏକାନ୍ତ କାମ୍ୟ ।

## ସଙ୍କୋଚତାକୁ ସମ୍ମାନ ଦିଆଯାଉ

**ଗୋପାଳ ମହାପାତ୍ର**



ଋଣ ପରିଶୋଧ ପ୍ରସଙ୍ଗରେ ସାଧୁତା ବା ଅନ୍ୟ ଅର୍ଥରେ ଋଣ ପରିଶୋଧ କରିବାର ମାନସିକତା ବୃଦ୍ଧି ପାଇଁ ଏବେ ପ୍ରୋତ୍ସାହନ ବ୍ୟବସ୍ଥା ଆରମ୍ଭ ହେବାକୁ ଯାଉଛି । ଏହା ଏକ ଐତିହାସିକ ପଦକ୍ଷେପ ନିଶ୍ଚୟ । କେନ୍ଦ୍ର ସରକାର ଏ ପ୍ରସଙ୍ଗରେ ସଙ୍କେତ ଦେଇ କହିଛନ୍ତି ଯେ କରୋନା ମହାମାରୀ କାରଣରୁ ଲାଗୁ କରାଯାଇଥିବା ମୋରେଟୋରିୟମ ବ୍ୟବସ୍ଥା ସମୟରେ ଯେଉଁ ଋଣଗ୍ରହୀତାମାନେ ନିଜର ଇଏମ୍‌ଆଇ କିସ୍ତିକୁ ସାଧୁତାର ସହିତ ପୈଠ କରିଛନ୍ତି ସେ ସମସ୍ତ ଋଣଗ୍ରହୀତାଙ୍କୁ ଦୀପାବଳୀ ପୂର୍ବରୁ କିଛି ବିଶେଷ ଆର୍ଥିକ ଲାଭ ପ୍ରଦାନ କରାଯିବ । ଋଣ ପରିଶୋଧ ପ୍ରସଙ୍ଗରେ ଏ ଯେଉଁ ପଦକ୍ଷେପ ନିଆଯାଉଛି ତାହା ଏକ ଉତ୍ତମ ପଦକ୍ଷେପ ବୋଲି କହିବାକୁ ହେବ ଓ ଋଣ ପରିଶୋଧକାରୀଙ୍କ ଉପରେ ଏହାର ସକାରାତ୍ମକ ପ୍ରଭାବ ମଧ ପଡ଼ିବ । ସାଧାରଣତଃ ଦେଖାଯାଇଥାଏ ଯେ ଋଣ ପରିଶୋଧ କରୁନଥିବା କ୍ଷେତ୍ରରେ ଋଣଛାଡ଼ ଏପରିକି ଗୋଟିଏ ଥରରେ ଦେୟ (ୱାନ ଟାଇମ୍ ସେଟଲମେଣ୍ଟ) ଭଳି ବ୍ୟବସ୍ଥା କରାଯାଇଥାଏ ଓ ଋଣ ପରିଶୋଧ କରୁଥିବା ଲୋକଙ୍କ କଥା ଏଡ଼ାଇ ଦିଆଯାଇଥାଏ । ଏବେ ଗୋଟିଏ ପଟେ କେନ୍ଦ୍ରସରକାର ନଭେମ୍ବର ୨ ପୂର୍ବରୁ ଯେଉଁ କିସ୍ତି ପ୍ରଦାନ କରିପାରିନାହାନ୍ତି ସେମାନଙ୍କ ଉପରେ ବ୍ୟାଙ୍କ ଲାଗୁ କରିଥିବା ଚକ୍ରବୃଦ୍ଧି ସୁଧକୁ ଛୋଟ ଚାଷୀଙ୍କ ପାଇଁ ଛାଡ଼ କରିବା କଥା କହିଥିବାବେଳେ ବ୍ୟାଙ୍କଗୁଡ଼ିକ ମଧ ଋଣ ସମ୍ବନ୍ଧୀୟ ଅତିରିକ୍ତ ପ୍ରାବଧାନକୁ ଗୁରୁତ୍ୱ ଦେଉଛନ୍ତି । ଗୋଟିଏ ସମୟରେ ଯେତେବେଳେ ମୋରେଟୋରିୟମ ଅର୍ଥାତ କିସ୍ତି ପ୍ରଦାନ କରିପାରିନଥିବା ଋଣୀଙ୍କୁ ଲାଭ ଦିଆଯାଉଛି ସେହି ସମୟରେ ମୋରେଟୋରିୟମ କାଳରେ ଋଣ ପୈଠ କରିଥିବା ଋଣୀଙ୍କୁ ଲାଭ ଦିଆଯିବା ଉଚିତ । ଏହି ଲାଭ ଏମିତି ହେବା ଉଚିତ ଯାହାର ଫାଇଦା ସମସ୍ତେ ପାଇପାରିବେ । ଅର୍ଥ ବିଶେଷଜ୍ଞମାନଙ୍କ ମତରେ ଗୋଟିଏ ଦୁଇଟି କିସ୍ତି ଛାଡ କରାଗଲେ ଏହି ପ୍ରୋତ୍ସାହନରୁ ଅଧିକ ଲାଭ ମିଳିବ ନାହିଁ । ପ୍ରୋତ୍ସାହନ ଏଭଳି ହେବା ଉଚିତ ଯାହାର ତତ୍କାଳିକ ପ୍ରଭାବ ପଡ଼ିବ ଏବଂ ସାଧୁତାର ସହିତ ଋଣ ପରିଶୋଧ କରୁଥିବା ଋଣୀଙ୍କ ଆଗ୍ରହ ମଧ ବଢ଼ିବ । ଋଣ କ୍ଷେତ୍ରରେ ସାଧୁତା ଅବଲମ୍ବନ କରାଯିବା ଓ ଋଣ ପୈଠ କ୍ଷେତ୍ରରେ ସାଧୁତା (ଠିକ୍ ସମୟରେ ଋଣ ପରିଶୋଧ)କୁ ପ୍ରୋତ୍ସାହିତ କରିବାପାଇଁ ପଦକ୍ଷେପ ନିଆଯିବା ଉଚିତ । ଏଥିରେ ଦ୍ୱିମତ ହେବାର ନାହିଁ ଯେ ସାଧୁତାର ସହ ଟିକସ ବା କର ପ୍ରଦାନ କରୁଥିବା କରଦାତାଙ୍କ ପାଇଁ ସରକାର କେତେକ ପଦକ୍ଷେପ ଗ୍ରହଣ କରିଛନ୍ତି । ସରକାର ଯେଉଁ ସବୁ ପଦକ୍ଷେପ ନେଇଛନ୍ତି ସେ ବାବଦରେ କରଦାତାମାନଙ୍କୁ ଅବଗତ କରାଇବା ପାଇଁ ପଦକ୍ଷେପ ନିଆଯିବା ମଧ ଦରକାର । ସରକାର ଏବେ ଏ ପ୍ରସଙ୍ଗରେ ଯେଉଁ ସବୁ ନୂଆ ଆଇନ ଆଣିଛନ୍ତି ତାହା ଆଇନଗତ ବୋଝକୁ କମ୍ କରିବ । 'ବିବାଦରେ ବିଶ୍ୱାସ' ଭଳି ଯୋଜନାରେ ଅଧିକାଂଶ ମାମଲାକୁ ଅଦାଲତ ବାହାରେ ତୁଟାଯିବା ପାଇଁ ନୂଆ ଆଇନର ବ୍ୟବସ୍ଥା ରହିଛି । ଟିକସ ସ୍ଲାବକୁ ମଧ ବର୍ତ୍ତମାନର ନୂଆ ଆଇନରେ ଯୁକ୍ତିସଂଗତ କରାଯାଇଛି । କଥା ହେଉଛି ଭାରତ ବର୍ଷ ବିଶ୍ୱର ସବୁଠାରୁ କମ୍ କର୍ପୋରେଟ ଟିକସ ବାଲା ଦେଶ ମଧ୍ୟରୁ ଗୋଟିଏ । ଉଲ୍ଲେଖଯୋଗ୍ୟ ଯେ ବିଗତ ୬ ବର୍ଷ ମଧ୍ୟରେ ଆୟକର ଯାଞ୍ଚ ମଧ କମିଛି । ଏହା କରଦାତାଙ୍କ ଉପରେ ସରକାରଙ୍କର ଭରସା ବୋଲି କହିବାକୁ ହେବ । ୨୦୧୨-୧୩ରେ ଆୟକର ଯାଞ୍ଚ ସଂଖ୍ୟା ୦.୦୯୪ ପ୍ରତିଶତ ଥିଲା । ୨୦୧୮-୧୯ ବେଳକୁ ଏହି ହାର ୦.୨୬ ପ୍ରତିଶତକୁ ଆସିଯାଇଥିଲା । ଜିଏସଟି କାରଣରୁ ଦେଶରେ ପାରଦର୍ଶୀ ତଥା ସଚ୍ଚୋଟ ବ୍ୟବସାୟିକ ବ୍ୟବସ୍ଥା ନିର୍ମିତ ହୋଇଥିବାବେଳେ ଉଦ୍ୟୋଗ ଜଗତ ଓ ବ୍ୟବସାୟୀମାନଙ୍କ ପରାମର୍ଶକୁ ଗ୍ରହଣ କରି ସରକାର ବ୍ୟବସ୍ଥାକୁ ମଧ ଅନେକ ଭାବେ ସୁଧାରିଛନ୍ତି । ଏହାର ଲାଭ ସଚ୍ଚୋଟ ବ୍ୟବସାୟୀମାନଙ୍କୁ ମିଳୁଛି । ଏହି ବ୍ୟବସ୍ଥା କାରଣରୁ ବ୍ୟବସାୟୀମାନଙ୍କୁ ଦେଶରେ ଯେ କୌଣସି ସ୍ଥାନରେ ବ୍ୟବସାୟ କରିବା ପାଇଁ ସୁବିଧା ମିଳିଛି । ଏବେ ଆୟକର ବ୍ୟବସ୍ଥାକୁ ପୂରା ସୁଧୁରାଯାଇ ପାରିଛି । ଏଥିରେ କରଦାତା ଚାର୍ଟର, ପରିଚୟ ରହିତ ଅପିଲ୍ ଏବଂ ପରିଚୟରହିତ ସମୀକ୍ଷା ଭଳି ବ୍ୟବସ୍ଥା ରହିଛି । କରଦାତା ଚାର୍ଟର ଲାଗୁ କରାଯିବା କାରଣରୁ ଆୟକର ବିଭାଗ ନିଜ ଦାୟିତ୍ୱ ପାଇଁ ଉତ୍ତରଦାୟୀ ହୋଇଛି ଏବଂ ବିଭାଗର କାର୍ଯ୍ୟରେ ସନ୍ତୁଷ୍ଟ ନହେଲେ କରଦାତା ପ୍ରତ୍ୟେକ ବିଭାଗ ପାଇଁ ଗଠନ କରାଯାଇଥିବା ବିଶେଷ ପ୍ରକୋଷ୍ଠରେ ଅଭିଯୋଗ କରିପାରିବେ । ଦେଖାଯାଉଛି ଯେ ଅନେକ ବ୍ୟକ୍ତି ବା ସଂସ୍ଥା ଭଲ ଆୟ କରୁଥିଲେ ମଧ ଆୟକର ପ୍ରଦାନ କରୁନାହାନ୍ତି କିନ୍ତୁ ସାଧୁ ସଚ୍ଚୋଟ ବ୍ୟକ୍ତିମାନେ କର ଦେଇ ଚାଲିଛନ୍ତି । ଦେଶର ଜନସଂଖ୍ୟା ୧୩୫ କୋଟି ପାଖାପାଖି ଥିବାବେଳେ ମାତ୍ର ଦେଢ଼କୋଟି ଲୋକ ଟିକସ ବା କର ପ୍ରଦାନ କରୁଛନ୍ତି । ୨୦୧୮ ମସିହାରେ ବଜେଟ୍ ଭାଷଣ ବେଳେ ତତ୍କାଳୀନ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ଏ କଥାକୁ ରେଖାଙ୍କିତ କରିଥିଲେ । ସେ କହିଥିଲେ ଯେ ବେତନଭୋଗୀ କରଦାତାମାନେ ଦେଉଥିବା ଆୟକର ବ୍ୟବସାୟ ଓ ଘରୋଇ ସଂସ୍ଥାଙ୍କ ଦ୍ୱାରା ପ୍ରଦତ୍ତ ଆୟକରର ପାଖାପାଖି ୩ ଗୁଣ । କଥା ହେଉଛି ବେତନଭୋଗୀ ବର୍ଗ ନିୟମାନୁସାରେ ନିଜ ବେତନ ଉପରେ ଆୟକର ଦେଇଥାନ୍ତି । ଏମାନଙ୍କର ଆୟ ସମ୍ପର୍କିତ ତଥ୍ୟ ଲୁଚାଇବାର ସୁବିଧା ନଥାଏ । କିନ୍ତୁ ଘରୋଇ ବ୍ୟବସାୟୀ ଓ ସଂସ୍ଥାମାନେ ସେମାନଙ୍କର ଆୟ ସମ୍ପର୍କରେ ଭୁଲ୍ ତଥ୍ୟ ପ୍ରଦାନ କରିଥାନ୍ତି । ଏଣୁ ଏ ବାବଦରେ ସରକାର ଓ ଆୟକର ବିଭାଗ ପଦକ୍ଷେପ ନେବା ଉଚିତ । ସରକାରଙ୍କୁ ଏମିତି କିଛି କରିବାକୁ ପଡ଼ିବ ଯାହାଦ୍ୱାରା କରଦାତାଙ୍କ ସଂଖ୍ୟା ବଢ଼ିବ ଓ ସେମାନେ ସେମାନଙ୍କ ଆୟ ସମ୍ପର୍କରେ ସଠିକ ତଥ୍ୟ ପ୍ରଦାନ କରିବେ । ଆୟକର କ୍ଷେତ୍ରରେ ସାଧୁତା (କର ପ୍ରଦାନ ପାଇଁ ମାନସିକତା) ବୃଦ୍ଧି ପାଇଁ ସରକାର ସମ୍ବନ୍ଧିତ ବ୍ୟବହାରିକ ଦିଗଗୁଡ଼ିକ ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେବା ଆବଶ୍ୟକ । ଆୟକର ବିଭାଗର ଅନଲାଇନ ବ୍ୟବସ୍ଥାକୁ ମଧ ଅଧିକ ସରଳ କରାଯିବାର ଆବଶ୍ୟକତା ରହିଛି । ସବୁ ସ୍ତରରେ ସାଧୁ ଏବଂ ସଚ୍ଚୋଟ କରଦାତାଙ୍କୁ କର (ଟିକସ) ପୈଠ ପାଇଁ ସୁବିଧା ଦେବା ସହ ସମ୍ମାନ ଦେବା ମଧ ଆବଶ୍ୟକ । ଟିକସ ସରଳୀକରଣରେ ମଧ ସଚ୍ଚୋଟତା ବଢ଼ିବାର ସମ୍ଭାବନା ଅଧିକ । ଦେଶର ସାଧୁ କରଦାତା ଲାଭାନ୍ୱିତ ହେଲେ ଦେଶର ଅର୍ଥବ୍ୟବସ୍ଥା ମଧ ଗତିଶୀଳ ହୋଇପାରିବ । ସରକାର ପ୍ରତ୍ୟକ୍ଷ କରର ସରଳୀକରଣ ବ୍ୟବସ୍ଥା ସମ୍ପର୍କରେ ଅଧିକ ପଦକ୍ଷେପ ନେଲେ ହିଁ ଅଧିକ କରଦାତା ସୃଷ୍ଟି ହୋଇପାରିବେ । ଏ କଥା ନିଃସନ୍ଦେହରେ କୁହାଯାଇପାରେ ଯେ ସରକାରଙ୍କ ସକାରାତ୍ମକ ପଦକ୍ଷେପ ସାଧୁ କରଦାତାଙ୍କୁ ଅଧିକ ବୋଝରୁ ବଞ୍ଚେଇପାରିବ ଏବଂ ଅଧିକ ରାଜସ୍ୱ ଆୟ ହୋଇପାରିବ । ସରକାର କରଦାତାଙ୍କୁ ସମ୍ମାନିତ ଓ ପ୍ରୋତ୍ସାହିତ କରିବାପାଇଁ ଆୟକର ବିଭାଗକୁ ପରାମର୍ଶ ଦେବା ଉଚିତ । ଏହା ହୋଇପାରିଲେ ସେମାନଙ୍କୁ ଆତ୍ମ ସନ୍ତୋଷ ମଧ ମିଳିବ, ସବୁଠୁ ବଡ଼ କଥା ହେଲା ଯେଉଁମାନେ ଠିକ ସମୟରେ ଋଣ ପରିଶୋଧ କରୁଛନ୍ତି, ଯେଉଁମାନେ ସାଧୁତାର ସହ ଆୟକର ପୈଠ କରୁଛନ୍ତି ସେମାନଙ୍କ ସଂଖ୍ୟା ବଢ଼ାଇବା ପାଇଁ ସରକାର ଏବଂ ବିଭାଗମାନେ ଯଥା ସମ୍ଭବ ପ୍ରୟାସ କରିବା ଉଚିତ ।


+ ରାମଚନ୍ଦ୍ରପୁର, ରଣପୁର,
ମୋ-୯୪୩୮୪୮୫୦୯୪


## ସେବା ଓ ସାହିତ୍ୟର ଅପୂର୍ବ ସମନ୍ୱୟ : ଭଗିନୀ ନିବେଦିତା

**ଅଂଶୁମାନ ମହାରଣା**



ଭାରତଭୂମି ଏପରି ଏକ କର୍ମଭୂମି, ଯାହା ବିଦେଶୀ ମାନଙ୍କ ପାଇଁ ସର୍ବଦା ଆକର୍ଷଣର କେନ୍ଦ୍ର ପାଲଟିଛି। ବିଦେଶୀ ମାନେ କେବଳ ଏଠାରେ ଥିବା ସଂସ୍କୃତିକୁ ପ୍ରଭାବିତ କରିନାହାନ୍ତି ବରଂ ସେମାନେ ଏଠାରେ ଥିବା ସଂସ୍କୃତି ଦ୍ୱାରା ମଧ ବହୁତ ପ୍ରଭାବିତ ହୋଇଛନ୍ତି। ଆନିବେସାନ୍ତଙ୍କ ଭଳି ବିଦେଶୀ ମହିଳା ଭାରତ ପ୍ରେମରେ ଉଦବୁଦ୍ଧ ହୋଇ ଭାରତର ସ୍ୱାଧୀନତା ସଂଗ୍ରାମ ପାଇଁ ଆଗେଇ ଆସିଛନ୍ତି। ଭାରତବର୍ଷକୁ ସେମାନେ କର୍ମଭୂମି ଭାବରେ ଆଦରି ନେବା ସହ ଭାରତବର୍ଷର ଜନସାଧାରଣଙ୍କ ସେବା ପାଇଁ ସେମାନଙ୍କର ସମଗ୍ର ଜୀବନକୁ ଉତ୍ସର୍ଗ କରିଥିଲେ। ସେମାନେ ବିଦେଶୀ ଶରୀରରେ ରହିଲେ ସତ କିନ୍ତୁ ମନ ଓ ପ୍ରାଣରେ ସର୍ବଦା ଭାରତୀୟ ହୋଇ ରହିଥିଲେ ଏବଂ ଭାରତୀୟତାର ରଙ୍ଗରେ ସମ୍ପୂର୍ଣ୍ଣ ରଙ୍ଗାୟିତ ହୋଇଥିଲେ। ଭାରତବର୍ଷ ପ୍ରତି ସଦା ସମର୍ପିତା ହୋଇ ରହିଥିବା ଏହି ବିଦେଶୀ ମହିଳା ମାନଙ୍କ ମଧ୍ୟରେ ଆଉ ଏକ ନାମ ବେଶ ପ୍ରମୁଖ ଭାବରେ ଉଚ୍ଚାରିତ ହୁଏ, ଭଗିନୀ ନିବେଦିତାଙ୍କର। ବିଶ୍ୱବିଜୟୀ ସ୍ୱାମୀ ବିବେକାନନ୍ଦଜୀଙ୍କ ଆଦର୍ଶ ଦ୍ୱାରା ବହୁଳ ଭାବରେ ପ୍ରଭାବିତ ତଥା ଅନୁପ୍ରାଣିତ ହୋଇ ସୁଦୂର ଆୟରଲ୍ୟାଣ୍ଡରୁ ଭାରତକୁ ଚାଲି ଆସିଥିଲେ ଭଗିନୀ ନିବେଦିତା ଓରଫ ମାର୍ଗାରେଟ ଏଲିଜାବେଥ ନୋବେଲ। ସ୍ୱାମିଜୀଙ୍କ ଦ୍ୱାରା ଭଗିନୀ ନିବେଦିତା ନାମରେ ନାମିତ ହେଲେ ସତ କିନ୍ତୁ ସେ ଭାରତକୁ ଆସି ସମସ୍ତଙ୍କର ଭଉଣୀ ପାଲଟିଗଲେ। ଭଗିନୀ ନିବେଦିତା ଥିଲେ ବଳିଦାନ, ଉତ୍ସର୍ଗୀକୃତ ସେବା, କରୁଣା, ମାନବିକତା ଏବଂ ଦେଶପ୍ରେମର ଅନନ୍ୟ ଉଦାହରଣ। ଭଗିନୀ ନିବେଦିତା ନାମରେ ପରିଚିତ ମାର୍ଗାରେଟ ଏଲିଜାବେଥ ନୋବେଲ ୧୮୬୭ ମସିହା ଅକ୍ଟୋବର ୨୮ ତାରିଖ ଦିନ ଆୟରଲ୍ୟାଣ୍ଡରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିତା ସାମୁଏଲ ରିଚମଣ୍ଡ ନୋବେଲ ଜଣେ ଖ୍ରୀଷ୍ଟିଆନ ଧର୍ମଯାଜକ ଥିଲେ, ତେଣୁ ଝିଅ ମାର୍ଗାରେଟଙ୍କ ଉପରେ ତାଙ୍କ ପିତାଙ୍କ ଧାର୍ମିକ ବିଶ୍ୱାସ ଏବଂ ରୀତିନୀତି ଉପରେ ବିଶେଷ ପ୍ରଭାବ ପକାଇଥିଲା। ପିତାଙ୍କ ଠାରୁ ଗରିବ ଲୋକଙ୍କ ସେବା କରିବାର ଗୁଣ ପାଇଥିଲେ। ନିଜ ପିତାଙ୍କ ସହିତ ସମାନ ସେବା କାର୍ଯ୍ୟ କରିବା ପାଇଁ ଗରିବ ଲୋକଙ୍କ ପାଖକୁ ଯାଉଥିଲେ। ପ୍ରାରମ୍ଭିକ ଜୀବନରେ କଳା ଏବଂ ସଙ୍ଗୀତ ବିଷୟରେ ଭଲ ଜ୍ଞାନ ଆହରଣ କରିଥିବା ମାର୍ଗାରେଟ ନୋବେଲ ଶିକ୍ଷକତାକୁ ବୃତି ଭାବରେ ଗ୍ରହଣ କରିଥିଲେ। ମାର୍ଗାରେଟଙ୍କ ଜୀବନରେ ପରିବର୍ତ୍ତନ ହେଲା ୧୮୯୫ ମସିହାରେ, ଯେତେବେଳେ ସେ ଲଣ୍ଡନରେ ସ୍ୱାମୀ ବିବେକାନନ୍ଦଙ୍କୁ ସାକ୍ଷାତ କରିଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ଉଚ୍ଚ ମନୋଭାବ, ବୀରତ୍ୱର ଆଚରଣ ଏବଂ ସ୍ନେହପୂର୍ଣ୍ଣ ଆକର୍ଷଣ ମାର୍ଗାରେଟଙ୍କୁ ବିଶେଷ ଭାବରେ ପ୍ରଭାବିତ କରିଥିଲା ତଥା ତାଙ୍କ ମନରେ ଏହା ଜାଗ୍ରତ କରିଥିଲା ଯେ ଭାରତବର୍ଷ ହେଉଛି ତାଙ୍କର ପ୍ରକୃତ କର୍ମଭୂମି। ଏହାର ତିନିବର୍ଷ ପରେ ୨୮ ଜାନୁଆରୀ ୧୮୯୮ ମସିହାରେ ଭାରତରେ ଜାଗରଣ ଆଣିବାର ଧାର୍ମିକ କାର୍ଯ୍ୟ ନିମନ୍ତେ ତଥା ଭାରତକୁ ଭଲପାଇବା ଓ ଭାରତର ସେବା କରିବାର ଶପଥ ନେଇ ଭାରତ ଗଲେ ଏବଂ ସେଠାରେ ସେ ସ୍ୱାମୀ ବିବେକାନନ୍ଦଙ୍କ ଦ୍ୱାରା ଭଗିନୀ ନିବେଦିତା ନାମରେ ପରିଚିତ ହେଲେ।

ସ୍ୱାମୀ ବିବେକାନନ୍ଦ ୨୫ ମାର୍ଚ୍ଚ ୧୮୯୮ ରେ ମାର୍ଗାରେଟ ନୋବେଲଙ୍କୁ ଦୀକ୍ଷା ପ୍ରଦାନ କରି ତାଙ୍କୁ ଭଗବାନ ବୁଦ୍ଧଙ୍କ ଭଳି କରୁଣାର ପଥ ଅନୁସରଣ କରିବାକୁ ପ୍ରେରଣା ଦେଇଥିଲେ। ଦୀକ୍ଷା ପ୍ରଦାନ ସମୟରେ ସ୍ୱାମୀ ବିବେକାନନ୍ଦ ନିଜର ପ୍ରେରଣାପଦ ଶବ୍ଦ ମାଧ୍ୟମରେ ସେଇ ମହାନ ବ୍ୟକ୍ତିଙ୍କୁ ଅନୁସରଣ କରିବାକୁ ନିର୍ଦ୍ଦେଶ ଦେଲେ, ଯିଏ ୫୦୦ ଥର ଜନ୍ମ ନେଇଥିଲେ ଏବଂ ନିଜ ଜୀବନକୁ ଜନକଲ୍ୟାଣ ନିମନ୍ତେ ସମର୍ପି ଦେଇଥିଲେ ଏବଂ ପରେ ବୁଦ୍ଧତ୍ୱ ପ୍ରାପ୍ତ କରିଥିଲେ। ଭଗିନୀ ନିବେଦିତା କିଛି କ୍ଷଣ ସ୍ୱାମୀ ବିବେକାନନ୍ଦଙ୍କ ସହ ଭାରତ ଭ୍ରମଣ କରିବା ପରେ ଶେଷରେ କଲିକତାରେ ରହିଥିଲେ। ଭାରତକୁ ଆସି ଭଗିନୀ ନିବେଦିତା ଅଶିକ୍ଷିତ ଭାରତୀୟଙ୍କ ଦୁଃଖ ଦେଖିଥିଲେ ସତ କିନ୍ତୁ ସ୍ୱାମିଜୀଙ୍କ ସହ ଭାରତ ଭ୍ରମଣ ସମୟରେ ମହିଳାଙ୍କ ଦୁଃଖଦ ଅବସ୍ଥା ଦେଖି ଅତ୍ୟନ୍ତ ଦୁଃଖିତ ହୋଇଥିଲେ। ସେ କେବଳ ଅଶିକ୍ଷିତ ମହିଳାଙ୍କ ସହ ଯୋଗାଯୋଗ କରି ଭାଷା ଶିଖିଲେ ନାହିଁ ବରଂ ସେମାନଙ୍କୁ ଶିକ୍ଷା କ୍ଷେତ୍ରରେ ଜାଗ୍ରତ କରିବାକୁ ଚେଷ୍ଟା କଲେ। ତାଙ୍କ ଗୁରୁଙ୍କ ପ୍ରେରଣାରେ ସେ କଲିକତାରେ ଝିଅ ମାନଙ୍କ ପାଇଁ ଏକ ବାଳିକା ବିଦ୍ୟାଳୟ ଖୋଲିଥିଲେ। ପର୍ଦ୍ଦାପ୍ରଥା, ସତୀପ୍ରଥା ଭଳି ନାନାଦି ଅନ୍ଧବିଶ୍ୱାସରେ ବୁଡ଼ି ରହିଥିବା ଭାରତୀୟ ମହିଳା ମାନଙ୍କ ଦୁର୍ଦ୍ଦଶା ଦେଖି ସେ ବେଶ୍ ବ୍ୟାକୁଳିତ ହୋଇ ଉଠିଥିଲେ। ଏଥି ନିମନ୍ତେ ୧୯୦୭ ମସିହାରେ ନିବେଦିତା ବାଳିକା ବିଦ୍ୟାଳୟର ସ୍ଥାପନା କରିବା ସହ ଭାରତୀୟ ମହିଳାଙ୍କ ମଧ୍ୟରେ ଶିକ୍ଷାଗତ ତଥା ସାମାଜିକ ଜାଗରଣ ଆଣିବା କାର୍ଯ୍ୟ ଆରମ୍ଭ କରିଥିଲେ। ପରାଧୀନ ଭାରତରେ ଯେବେ ପ୍ଲେଗ ଭଳି ମହାମାରୀ ବ୍ୟାପିବା ସହିତ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହେଲା, ଭଗିନୀ ନିବେଦିତା ସେହି ସମୟରେ ପାଦରେ ଚାଲି ଚାଲି ଗାଁ କୁ ଗାଁ ବୁଲି ପୀଡ଼ିତ ମାନଙ୍କର ସେବା କରିବାକୁ ଲାଗିଲେ। ଭାରତୀୟ ବସ୍ତ୍ର ପରିଧାନ କରି ବନ୍ୟାଜଳ, ଗାଁ ର କାଦୁଅପାଣି, ମଇଳାକୁ ଖାତିର ନ କରି ପୀଡ଼ିତ ମାନଙ୍କର ଦୈନନ୍ଦିନ ସେବା ସହିତ ସେମାନଙ୍କର ଚିକିତ୍ସା ପାଇଁ ସମସ୍ତ ପ୍ରକାର ପ୍ରଚେଷ୍ଟା ଜାରି ରଖିଥିଲେ। ଦୈନିକ ୧୮ ଘଂଟା ପରିଶ୍ରମ କରି ମଧ କେବେ ହେଲେ ନିଜକୁ କ୍ଲାନ୍ତ ମଣୁ ନଥିବା ଭଗିନୀ ନିବେଦିତା ନିଜ କାର୍ଯ୍ୟ ମାଧ୍ୟମରେ ଭାରତୀୟ ମହିଳାଙ୍କ ମଧ୍ୟରେ ଏକ ନୂତନ ଆତ୍ମବିଶ୍ୱାସ ସୃଷ୍ଟି କରିଥିଲେ। ଭାରତର ସ୍ୱାଧୀନତା ସଂଗ୍ରାମ ପାଇଁ ମଧ ତାଙ୍କର ପରୋକ୍ଷରେ ଯୋଗଦାନ ଥିଲା। ବାସ୍ତବରେ ଭଗିନୀ ନିବେଦିତାଙ୍କୁ ଜଣେ ମାତା ଭାବରେ ସମ୍ବୋଧନ କରିବାରେ କୌଣସି ଅତ୍ୟୁକ୍ତି ହେବ ନାହିଁ। କାହିଁକିନା ଯିଏ ତାଙ୍କ ସମ୍ପର୍କରେ ଆସୁଥିଲେ ତାଙ୍କର ଜୀବନକୁ ଆଲୋକିତ କରୁଥିଲେ। ହେଉ ସେ ସେବା ମାଧ୍ୟମରେ, ହେଉ ସେ ଜ୍ଞାନ ମାଧ୍ୟମରେ। କେବଳ ପ୍ରେରଣା ଏବଂ ସମର୍ଥନ ନୁହେଁ, ଆବଶ୍ୟକ ସମୟରେ ମଧ୍ୟମ ଅନେକ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ସମସ୍ତ ପ୍ରକାରର ସାହାଯ୍ୟ କରିଥିଲେ। ଭଗିନୀ ନିବେଦିତାଙ୍କୁ ଶ୍ରଦ୍ଧାଳି ଅର୍ପଣ କରୁଥିବା ସମୟରେ ମହାତ୍ମା ଗାନ୍ଧୀଙ୍କ ରାଜନୈତିକ ଗୁରୁ ଗୋପାଳକୃଷ୍ଣ ଗୋଖଲେ ଅତ୍ୟନ୍ତ ଭାବପ୍ରବଣ ହୋଇଥିଲେ। ଲଣ୍ଡନରେ ଡ଼ ଜଗଦୀଶ ଚନ୍ଦ୍ର ବସୁଙ୍କ ସହ ହୋଇଥିବା ଅନ୍ୟାୟକୁ ଭଗିନୀ ନିବେଦିତା ଦୃଢ ଭାବରେ ବିରୋଧ କରିଥିଲେ। ଭାରତୀୟ କଳାକାର ମାନଙ୍କୁ ସ୍ୱଦେଶୀ କଳା ବିକାଶ ପାଇଁ ପ୍ରେରଣା ଦେବା ସହିତ ନନ୍ଦଲାଲ ବୋଷ, ଅବନୀନ୍ଦ୍ର ନାଥ ଠାକୁର ଏହିପରି ଅନେକ ପ୍ରମୁଖ କଳାକାର ମାନଙ୍କୁ ପ୍ରାଚୀନ ଭାରତୀୟ କଳାର ପୁନର୍ଜୀବନ କାର୍ଯ୍ୟରେ ଭଗିନୀ ନିବେଦିତା ପୂର୍ଣ୍ଣ ସହଯୋଗ କରିଥିଲେ। ସୁବ୍ରହ୍ମଣ୍ୟମ ଭାରତୀଙ୍କ ବିଖ୍ୟାତ ଭାରତଭକ୍ତି ସ୍ତୋତ୍ରର ପ୍ରେରଣା ଭଗିନୀ ନିବେଦିତା ହିଁ ଥିଲେ। ଶ୍ରୀଅରବିନ୍ଦଙ୍କ କ୍ରାନ୍ତିକାରୀ ମାନଙ୍କୁ ସଂଗଠିତ କରିବା ଦିଗରେ ମଧ ଭଗିନୀ ନିବେଦିତାଙ୍କ ମାର୍ଗଦର୍ଶନ ଥିଲା। ଯୋଗୀ ଅରବିନ୍ଦଙ୍କ ଅନୁପସ୍ଥିତିରେ ବନ୍ଦେ ମାତରମ ର ସମ୍ପାଦନା କାର୍ଯ୍ୟ ମଧ ଭଗିନୀ ନିବେଦିତା କରିଥିଲେ। ଯେବେ କୌଣସି ବିଦେଶୀ ବିଦ୍ୱାନ ଭାରତ ତଥା ହିନ୍ଦୁତ୍ୱ ବିରୋଧରେ ଅପମାନ ଜନକ ମନ୍ତବ୍ୟ ପ୍ରଦାନ କରୁଥିଲେ, ଭଗିନୀ ନିବେଦିତା ଏହାର ଖଣ୍ଡନ ବହୁତ ଜୋରଦାର ଭାବରେ କରୁଥିଲେ। ହିନ୍ଦୁ ଜୀବନଶୈଳୀ ଅଧ୍ୟୟନ କରୁଥିବା ତାଙ୍କ ଦ୍ୱାରା ଲିଖିତ ପୁସ୍ତକ ଗୁଡ଼ିକ ବର୍ତ୍ତମାନର ପରିପ୍ରେକ୍ଷୀରେ ଅତ୍ୟନ୍ତ ପ୍ରାସଙ୍ଗିକ ଅଟେ। ଭଗିନୀ ନିବେଦିତାଙ୍କ ବ୍ୟକ୍ତିତ୍ୱର ଏକ ଆକର୍ଷଣୀୟ ବୈଶିଷ୍ଟ ଥିଲା ତାଙ୍କର ସାହିତ୍ୟିକ ଆସ୍ୱାଦନ। ସେ ମାଷ୍ଟର ବୟ ଆଏ ସାମ ହିମା ପରି ଶ୍ରେଷ୍ଠତମ କୃତି ରଚନା କରିଥିଲେ। ଏଥିରେ ସେ ସ୍ୱାମୀ ବିବେକାନନ୍ଦଙ୍କ ବିଷୟରେ ନିଜର ସ୍ମୃତିଚାରଣ କରିଛନ୍ତି। ତାଙ୍କର ଅନ୍ୟଗ୍ରନ୍ଥ ଗୁଡ଼ିକ ହେଲା ତୀର୍ଥଯାତ୍ରୀଙ୍କ ଡ଼ାଏରୀ, କାଳୀମାତା, କେଦାରନାଥ ଓ ବଦ୍ରିନାଥ ଇତ୍ୟାଦି। ଏହି ଗ୍ରନ୍ଥ ଗୁଡ଼ିକରେ ସେ ପାଶ୍ଚାତ୍ୟ ଦେଶରେ ଭାରତ ଏବଂ ଭାରତ ଦର୍ଶନର ମହାନତା ସମ୍ପର୍କରେ ପ୍ରତିପାଦନ କରିଥିଲେ। ହିନ୍ଦୁ ଧର୍ମ, ଦର୍ଶନ ଏବଂ ସଂସ୍କୃତି ଉପରେ ଆଧାର କରି ଜନ ସଚେତନତା ସୃଷ୍ଟି କରିବା, ମହିଳା ମାନଙ୍କୁ ଜାଗ୍ରତ କରିବା, ସେମାନଙ୍କର ଶିକ୍ଷାଗତ ତଥା ସାମାଜିକ ଉନ୍ନତି ନିମନ୍ତେ ଭଗିନୀ ନିବେଦିତାଙ୍କର ମୂଳ ଲକ୍ଷ୍ୟ ଥିଲା। ସେ ୟୁରୋପରୁ ଆସିଥିଲେ। ସେତେବେଳେ ୟୁରୋପରୁ ବହୁତ ଲୋକ ବିଭିନ୍ନ ଉଦ୍ଦେଶ୍ୟ ନେଇ ଭାରତକୁ ଆସୁଥିଲେ। ହଉ ସେ ବଣିଜ ନାମରେ ଲୁଣ୍ଠନ କରିବାକୁ, ହଉ ସେ କୂଟନୀତିକୁ ଅସ୍ତ୍ର କରି ଶାସନ କରିବାକୁ ତ ଆଉ କିଏ ଆସୁଥିଲେ ସଭ୍ୟ କରିବା ନାମରେ ସରଳ ହିନ୍ଦୁ ମାନଙ୍କୁ ଖ୍ରୀଷ୍ଟିଆନ କରିବାକୁ। କିନ୍ତୁ ସେ (ଭଗିନୀ ନିବେଦିତା) ଥିଲେ ସେସବୁର ଅତୁଳନୀୟ ବ୍ୟତିକ୍ରମ। ଜଣେ ଖ୍ରୀଷ୍ଟିଆନ ଧର୍ମଯାଜକଙ୍କ ଝିଅ ହୋଇଥିବାରୁ ସେ ଖ୍ରୀଷ୍ଟଧର୍ମକୁ ଭଲ ଭାବରେ ଅଧ୍ୟୟନ କରିଥିଲେ ଏବଂ ହିନ୍ଦୁମାନେ ନିଜକୁ ନିକୃଷ୍ଟ ମନେ କରୁଥବା ବେଳେ ଭଗିନୀ ନିବେଦିତା ହିନ୍ଦୁଧର୍ମର ତୁଳନାତ୍ମକ ମହାନତାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରାଇଥିଲେ। ନିଜ ଇତିହାସକୁ ଭୁଲିଯାଇ ଯେଉଁ ଭାରତୀୟ ମାନେ ନିଜ ଝିଅ/ଭଉଣୀ ମାନଙ୍କୁ ପରଦା ଘୋଡ଼ାଇ ଘରେ ରଖି ଶିକ୍ଷାଲାଭରୁ ବଂଚିତ କରୁଥିଲେ ସେଇମାନଙ୍କ ପାଇଁ କଲିକତାରେ ଦେଶର ପ୍ରଥମ ବାଳିକା ବିଦ୍ୟାଳୟ ସ୍ଥାପନ କଲେ। ପ୍ଲେଗ ବ୍ୟାପିଯାଇଥିବା ବେଳେ ବନ୍ୟା, ମରୁଡ଼ି, ହଇଜା ସମୟରେ ନିଜର ରୁଗଣ ଶରୀରକୁ ଖାତିର ନକରି ସେ ନିଜକୁ ସେବାପାଇଁ ସମର୍ପି ଦେଇଥିଲେ। ପାଶ୍ଚାତ୍ୟ ଦେଶମାନଙ୍କୁ ନିଜ ରଚନା ମାଧ୍ୟମରେ ସେ ଜଣାଇ ଦେଇଥିଲେ ଯେ ଧର୍ମ ଓ ରିଲିଜିଅନ ସମାନ ଜିନିଷ ନୁହେଁ। ବିଦେଶିନୀ ହୋଇ ମଧ ଭାରତବର୍ଷ ପ୍ରତି ତାଙ୍କର ଅତୁଳନୀୟ ତ୍ୟାଗ ପାଇଁ ସେ ପ୍ରତିଟି ଭାରତୀୟଙ୍କ ନିମନ୍ତେ ଏକାଧାରରେ ପାଲଟି ଯାଇଥିଲେ ଜନନୀ, ସେବିକା ଓ ସଖା। ଏହିପରି ମହାନ ବ୍ୟକ୍ତିତ୍ୱଙ୍କର ମହାପ୍ରୟାଣ ଘଟିଥିଲା ୧୩ ଅକ୍ଟୋବର ୧୯୧୧ ରେ ଦାର୍ଜିଲିଂ ଠାରେ। ତାଙ୍କର ଶେଷକୃତ୍ୟ ହିନ୍ଦୁ ରୀତିନୀତି ଅନୁଯାୟୀ ସମ୍ପନ୍ନ କରାଯାଇଥିଲା। ଭାରତଭୂମିକୁ ମନ, ପ୍ରାଣ ଓ ହୃଦୟରେ ନିଜର ଭୂମି ବୋଲି ବିବେଚନା କରୁଥିବା ଭଗିନୀ ନିବେଦିତା ଭାରତୀୟ ମାନଙ୍କ ଜୀବନରେ ନୂତନ ଜାଗରଣ ଆଣିଥିଲେ। ନିଜର ସମ୍ପୂର୍ଣ୍ଣ ଜୀବନକୁ ସେବା ନିମନ୍ତେ ସମର୍ପି ଦେଇଥବା ଭଗିନୀ ନିବେଦିତାଙ୍କ ନିକଟରେ ଭାରତବର୍ଷ ସର୍ବଦା ଋଣୀ ରହିବ। ସେଥିପାଇଁ ତ ଯଥାର୍ଥରେ କୁହାଯାଇଛି ନିବେଦିତା ଶାରଦାଶ୍ଚ ପ୍ରଣମ୍ୟ ମାତୃଦେବତା।


+ ମୋ: ୮୦୯୩୨୯୮୭୨୪


## କବିତା କୋଣାର୍କ

### ଖୋଜୁଥିଲି ଜହ୍ନରାତି...

**ବିନୟ କୁମାର ଦାସ**



ଖୋଜୁଥିଲି ଜହ୍ନରାତି ତାରାଙ୍କ ମିଳିତ ଗୀତି
ହସିଦେଲା ଆକାଶଟା ମୁରୁକି ମୁରୁକି
ଜୋଛନା ହେଲା ମୋ ସ୍ୱପ୍ନ ଅନ୍ଧକାରେ ହେଲି ମଗ୍ନ
ଓଦା ହେଲା ତନୁମନ ଶିଶିର ଝରିକି ॥୦॥

କେବେ ତୁମେ ନୀଳ ଜହ୍ନ ଦିଶ ଭାରି ଛନଛନ
କେବେ ବନି ଯାଅ ଏକ ଶରମି ଲତିକା
ତୁମକୁ ପଢିବା ପାଇଁ ହୁଏ କେତେ ହାଇଁପାଇଁ
ତୁମେ ତ କେବେ ବି ଥରେ ହୁଅନି ଗୀତିକା
ନା ଲେଖେଇ ଦିଅ ମୋତେ ନା ପାଖେଇ ନିଅ ମୋତେ
ଭଲ ପାଅ ନାହିଁ ବୋଲି କୁହ ବି ଠାରିକି
ଜହ୍ନ ହସୁଥାଏ ଖାଲି ମୁରୁକି ମୁରୁକି ॥ ୧ ॥

ଆଶାର ସଉଧ ମୋର ଭାଙ୍ଗି ଆଜି ଚୁରମାର
ତୁମେ କିନ୍ତୁ ନିର୍ବିକାର ତୁମ ମୁଲକରେ
ଦିଗ୍ ବଳୟ ସେ ପାଖରେ ମୋତେ ରଖି ଅନ୍ଧକାରେ
ରହିଅଛ ତୁମେ ଏବେ ଶୁଭ୍ର ଆଲୋକରେ
ସ୍ମୃତିର ସାଗରେ ବୁଡି ବିକଳେ ଛାଡୁଛି ରଡି
ମନ ବି ତ ଚାହୁଁ ନାହିଁ ଯାଏ ମୁଁ ଫେରିକି
ବରଂ ଜହ୍ନ ହସୁଥାଉ ମୁରୁକି ମୁରୁକି ॥୨॥
॥ ୦ ॥


+ ଅଂଗାରଗଡିଆ, ବାଲେଶ୍ୱର-୧
ମୋ- ୭୯୭୮୮୬୦୩୬୩


## କବିତା କୋଣାର୍କ

### ରାବଣର ଅନ୍ୱେଷଣେ...



**ସୁଦର୍ଶନ ମହାପାତ୍ର**

ଆତ୍ମତୃପ୍ତି ସିନା ମିଳଇ ଆମକୁ
ମିଛ ରାବଣକୁ ପୋଡ଼ି
ଆମରି ଭିତରେ ରାବଣ ଜୀଇଁଛି
ଅସୁମାରି ରୂପଧରି ।

ଧନ, ମାନ ପାଇଁ ଚାଟୁକା ସାଜି
କ୍ଷମତାର ପଦଲେହୀ
ସ୍ୱାର୍ଥ ସାଧନ କରନ୍ତି ଆପଣା
ବିବେକକୁ ବନ୍ଧାଦେଇ ।

କୂଟ ଚକ୍ରାନ୍ତରେ ସମ୍ପତ୍ତି ଲୋଭରେ
ଚୋରି କରେ ଖଣି, ପାଣି
ରାତିଏ ଭିତରେ ହାତୀଏ ଆଣଇ
ମାଟି ମା' କଳିଜା ଝୁଣି ।

ଅଭାବୀ ବିକ୍ରିର କବଳରେ ଚାଷୀ
ସାଜଇ ଆତ୍ମଘାତୀ
ନିରାଶା ଅନ୍ଧାରେ ବେକାର ଜୀବନ
ଛଟପଟ ଦିନରାତି ।

ଛଳ ବଳ କରି କାଢ଼ି ନେଇଛି ଯେ
ଅଭାବୀ ମୁହଁରୁ ହସ
ହଡ଼ପ କରିଛି ଦୀନ ଦୁଃଖୀଙ୍କର
ମୁଣ୍ଡ ଗୁଂଜିବାର ବାସ !

ମୌଳବାଦର ଲୋମଶ ହାତରେ
ମଣିଷପଣିଆ ଦଳି
ସରଳ ପରାଣେ ଘୃଣାର ଗରଳ
ଦେଉଅଛି ଯିଏ ଢାଳି !

ଯାହାର କପଟ ଚାତୁରୀ ପାଇଁକି
କେତେ ସ୍ୱପ୍ନ ଯାଏ ମରି
ଫୁଟିବା ଆଗରୁ ଆଶାର କୁସୁମ
ଆପେ ଆପେ ଯାଏ ଝରି !

ମରଣ ତ୍ରାସରେ କମ୍ପେ ଯା' ପାଇଁ
ନିରୀହଙ୍କ ପ୍ରାଣସତ୍ତା
ତାଙ୍କରି ଭିତରେ ରାବଣ ଖୋଜିବା
ନୁହଁଇ କି ବୁଦ୍ଧିମତା ?

ଦୃଢ଼ ସଂକଳରେ ବନ୍ଧା ଯେବେ ମନ
ରାବଣ ପୋଡ଼ିବା ପାଇଁ
କ୍ଷମତାରେ ଅନ୍ଧ ଆଟୋପରେ ତେବେ
ବାଟଭୁଲ କାହିଁପାଇଁ ?

ଆପଣାର ସ୍ୱାର୍ଥ, ଅହଂକାର ଯେବେ
ପାରିବ ସମାଧ କରି
ହୃଦ ବେଦିକାରେ ବିବେକର ହୋମ
ଅନଳ ଉଠିବ ଜଳି ।

ପିତୁଳାକୁ ନୁହେଁ ସେଦିନ ଦେଖିବ
ଅସଲ ରାବଣ ପୋଡ଼ି
ଜୀବନ ତୁମର ସ୍ୱସ୍ତିମୟ ହେବ
ସ୍ନଗଧ ସୁରଭି ଢାଳି ।


+ କୁଞ୍ଜବିହାରୀ ଲେନ, କଟକ


### ମନ ବିହଙ୍ଗ...

**ସିଦ୍ଧେଶ୍ୱର ତ୍ରିପାଠୀ**

ଏଇତ ଜୀବନ ଛୋଟଆ ସପନ
ଖୁଦ ଅଠାକାଠି ବସା
ଛୋଟ ଛୋଟ ଆଖି କିଛିବାଟ ଯାଏଁ
ରଖିଥାଏ ସିନା ଆଶା ।

କେବେ ଯାଏ ଉଡ଼ି କେବେଯାଏ ପଡ଼ି
ଆକାଶ ମାପିବି କାହିଁ
କାହାସାଙ୍ଗେ କେବେ
ସମାନ ହେବାମୋ
ଲୋଡ଼ାନାହିଁ ଲୋଡ଼ାନାହିଁ ।

ଝଡ଼ିଯିବ ପର ଭାଙ୍ଗିଯିବ ନୀଡ଼
ଲିଭିବ ମୋ ପରିଚୟ
ଏ କିଛି ମୁହୂର୍ତ୍ତ ଏ ଛୋଟ ଅରଣ୍ୟେ
ହେଇଯାଉ ସୁଖ ମୟ ।

ମୁଁ ତ ନଥିବି ଥିବ ମୋ ସ୍ମୃତି
ଟିକେ ଖରା ଟିକେ ଛାଇ
ଅକାଳେ ସକାଳେ ସୁମରି ଉଠିବେ
ଏ ବନ ପାହାଡ଼ ନଈ ।


+ ଖୋର୍ଦ୍ଧା

ଅକ୍ଷୟ କୁମାର ରାଉତ

## ଶହୀଦ ସଂଗ୍ରାମୀ – ଜୟୀ ରାଜଗୁରୁ

ଯେଉଁ ଦେଶର କ୍ଷିତ୍, ଆପ୍, ତେଜ, ମରୁତ୍ ଓ ବ୍ୟୋମରେ ଜୟୀ କୃଷ୍ଣ ରାଜଗୁରୁଙ୍କ ଶରୀର ଗଠିତ ହୋଇଅଛି। ଯେଉଁ ଦେଶ ତାଙ୍କର ଜିହ୍ୱାରେ ଅଙ୍କନ କରିଛି ଜନ୍ମମାଟିର ଭାଷା, ଯେଉଁ ଦେଶର ଇତିହାସରୁ ସେ ପ୍ରେରଣା ଲାଭ କରିଛନ୍ତି, ସେହି ମାତୃଭୂମି, ସ୍ୱଦେଶକୁ ଦୁର୍ଗତି ଓ ଦୁର୍ଦ୍ଦଶାରୁ ରକ୍ଷା କରିବା ତାଙ୍କ ପାଇଁ ଦୃଢ଼ ସଂକଳ୍ପ, ତାଙ୍କର ଦେଶପ୍ରେମ, ସାହସ ଓ ତ୍ୟାଗ ଓଡିଶା ଇତିହାସରେ ବିରଳ। ଜୟୀ କୃଷ୍ଣ ରାଜଗୁରୁ ଅବିଭକ୍ତ ପୁରୀ ଜିଲ୍ଲାର ବୀରହରେକୃଷ୍ଣପୁର ଶାସନରେ ଏକ କୁଳୀନ ବ୍ରାହ୍ମଣ ବଂଶରେ ୧୭୩୯ ମସିହା ଅକ୍ଟୋବର ମାସ ୨୯ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ବୋଲି ସ୍ଥିର କରାଯାଇଛି। ତାଙ୍କର ପିତାଙ୍କ ନାମ ଚନ୍ଦ୍ରଶେଖର ରାଜଗୁରୁ (ଚାନ୍ଦ ମହାପାତ୍ର) ଏବଂ ମାତାଙ୍କର ନାମ ହାରାମଣି ଦେବୀ।

ବାଲ୍ୟକାଳରୁ ଜୟୀକୃଷ୍ଣ ଗୁରୁଣ୍ଡି ଗୁରୁଣ୍ଡି ଗୋଟିଏ ଘୋଡାର ବେଲ୍ଟକୁ ଧରି ଘୋଡା ଉପରକୁ ଉଠିବାକୁ ଚେଷ୍ଟା କରୁଥିଲେ। ଏହି ଦୃଶ୍ୟ ପିତା ଚାନ୍ଦ ରାଜଗୁରୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ସେହିଦିନଠାରୁ ସେ ଘୋଡା ଉପରେ ଖେଳୁଥିବା ଦେଖାଯାଉଥିଲା। ପିଲାଦିନରୁ ଏହି ସାହାସ ତାଙ୍କର ଜଣାପଡୁଥିଲା। ନଅବର୍ଷରେ ଜୟୀକୃଷ୍ଣଙ୍କର ବ୍ରତୋପନୟନ, ପରେ ସଂସ୍କୃତ ଟୋଲ୍‌ରେ ବାଲ୍ୟଶିକ୍ଷା ଗ୍ରହଣ କରିଥିଲେ। ସେ ଗୋବର୍ଦ୍ଧନ ପାଠ ଓ ଏମାର ମଠରୁ ଧର୍ମଶାସ୍ତ୍ର, ନୀତିଶାସ୍ତ୍ର ଶିକ୍ଷା କରିଥିଲେ। ସେ ମଲ୍ଲଯୁଦ୍ଧ, ତରବାରି ଚାଳନା, କୁସ୍ତି ପ୍ରଭୃତି ପାଇକ ଆଖଡାରୁ ଶିକ୍ଷା କରିଥିଲେ। ପିତାଙ୍କ ମୃତ୍ୟୁ ପରେ ଜୟକୃଷ୍ଣ ବିବାହ କରିନଥିଲେ। କାଶୀରେ ଜୟକୃଷ୍ଣ ଜଣେ ସାଧକଙ୍କଠାରୁ 'ଦଶ ମହାବିଦ୍ୟା' ଓ 'ଧୂମାବତୀ' ସାଧନା ଶିକ୍ଷା କରି ସିଦ୍ଧି ଲାଭ କରିଥିଲେ। ଖୋର୍ଦ୍ଧା ରାଜାଙ୍କର ରାଜଗୁରୁ ତଥା ପ୍ରଧାନମନ୍ତ୍ରୀ ଭାବେ ଯୋଗଦେଲେ। ମା'ଙ୍କ ଉପଦେଶରେ ସେ ଦେଶ, ଜଶ ଓ ଲୋକମାନଙ୍କର ସେବା କରିବାକୁ ଶପଥ ନେଲେ। ୧୭୯୦ ମସିହାରେ ପ୍ରଥମ ଦିବ୍ୟସିଂହ ଦେବଙ୍କ ମୃତ୍ୟୁ ପରେ ତାଙ୍କର ଭାଇ ଶ୍ୟାମସୁନ୍ଦର ଦେବ ଇଂରେଜମାନଙ୍କ ସହାୟତାରେ ସିଂହାସନରେ ବସିବାକୁ ଚେଷ୍ଟା କଲେ। ମାତ୍ର ଜୟୀକୃଷ୍ଣ ଦିବ୍ୟସିଂହ ଦେବଙ୍କ ନାବାଳକ ପୁତ୍ର ଦ୍ୱିତୀୟ ମୁକୁନ୍ଦ ଦେବଙ୍କୁ ରାଜସିଂହାସନରେ ଅଭିଷିକ୍ତ କରାଇଥିଲେ। ଜୟୀ ରାଜଗୁରୁ ଡମପଡା ଆକ୍ରମଣ କରି ବାଙ୍କି ରାଜାଙ୍କ ଭାଇ ବାସୁଦେବ ଭ୍ରମରବରଙ୍କୁ ମାରି ଡମପଡା ଦଖଲ କଲେ। ଏହି ସମୟ ମଧ୍ୟରେ ବ୍ରିଟିଶ ଶାସକମାନେ ବଙ୍ଗଳା ଓ ମାନ୍ଦ୍ରାଜ ଅଧିକାର କରିସାରିଥାନ୍ତି। ଇଂରେଜମାନେ ମରହଟ୍ଟାମାନଙ୍କୁ ବିଦା କରି ଓଡିଶାକୁ ଦଖଲ କରିବାକୁ ଯୋଜନା ପ୍ରସ୍ତୁତ କଲେ। ଇଂରେଜ ସେନାଧକ୍ଷ କର୍ଣ୍ଣେଲ ହାର୍‌କୋଟ ଖୋର୍ଦ୍ଧା ରାଜାଙ୍କୁ ଏକ ପ୍ରସ୍ତାବ ଦେଲେ, ଯଦି ସେ ମରହଟ୍ଟାମାନଙ୍କୁ ସାହାଯ୍ୟ ନଦେଇ ଇଂରେଜମାନଙ୍କୁ ସାହାଯ୍ୟ କରିବେ ତେବେ ଓଡିଶା ଅଧିକାର ପରେ ଏକ ଲକ୍ଷ ଟଙ୍କା ଓ ସେ ହରାଇଥିବା ଚାରୋଟି ପ୍ରଗଣା ରାହାଙ୍ଗ, ସରାଇ, ଚବିଶକୁଦ, ଲେମ୍ବାଇକୁ ତାଙ୍କୁ ଫେରସ୍ତ ମିଳିବ। ତେଣୁ ରାଜା ଉକ୍ତ ପ୍ରସ୍ତାବରେ



ସମ୍ମତି ପ୍ରଦାନ କଲେ। ପ୍ରଥମ କିସ୍ତି ସ୍ୱରୂପ ଇଂରେଜମାନେ ରାଜଙ୍କ ନିକଟକୁ ଟ.୧୦,୦୦୦ ପଠାଇଥିଲେ।

କର୍ଣ୍ଣେଲ ହାର୍‌କୋର୍ଟ ୧୮୦୩ ମସିହା ସେପ୍ଟେମ୍ବର ମାସରେ ଓଡିଶା ଆସିଲେ। ମରହଟ୍ଟା ମାନଙ୍କ ତରଫରୁ ନିଯୁକ୍ତ ଫତେ ମହମ୍ମଦଙ୍କ ଦ୍ୱାରା ଇଂରେଜମାନେ ପୁରୀରେ ପହଞ୍ଚି ମରହଟ୍ଟା ସୈନ୍ୟମାନଙ୍କୁ ବଶୀଭୂତ କରି ପୁରୀ ଦଖଲ କଲେ। ପୁରୀ ଜଗନ୍ନାଥ ମନ୍ଦିରର ଦାୟିତ୍ୱ ହିନ୍ଦୁ ସିପାହୀମାନଙ୍କ ହାତରେ ଦେଇ କର୍ଣ୍ଣେଲ ହାର୍‌କୋର୍ଟ କଟକ ଯାତ୍ରା କରିବା ବାଟରେ ଅହମ୍ମଦପୁର ଓ ଦାଣ୍ଡମୁକୁନ୍ଦପୁରରେ ମରହଟ୍ଟାମାନଙ୍କ ସହିତ ଯୁଦ୍ଧ କରି ତାଙ୍କୁ ପରାସ୍ତ କଲେ। କର୍ଣ୍ଣେଲ ହାର୍‌କୋର୍ଟ ବାରଙ୍ଗ ଦେଇ କଟକରେ ପହଁଚି ଅକ୍ଟୋବର ମାସ ୮ ତାରିଖରୁ ୧୪ ତାରିଖ ମଧ୍ୟରେ ମରହଟ୍ଟା ମାନଙ୍କୁ ପରାସ୍ତ କରି ବାରବାଟୀ ଦୁର୍ଗ ଦଖଲ କଲେ। ଓଡିଶା ଅଧିକାର ପରେ ଇଂରେଜମାନେ ଚାରୋଟି ପ୍ରଗଣା ଖୋର୍ଦ୍ଧା ରାଜାଙ୍କୁ ଦେବାକୁ ରାଜି ହେଲେ ନାହିଁ। କେବଳ ଜୟ ରାଜଗୁରୁଙ୍କୁ ପ୍ରାପ୍ୟ ନବେ ହଜାରରୁ ଚାଳିଶ ହଜାର ଟଙ୍କା ଦେଇଥିଲେ। ଇଂରେଜମାନଙ୍କର କୌଣସି ଚୁକ୍ତିପତ୍ରରେ ରାଜା ଓ ଜୟରାଜଗୁରୁ ସ୍ୱାକ୍ଷର ଦେଲେ ନାହିଁ କି ଇଂରେଜମାନଙ୍କ ଆଦେଶ ମାନିଲେନାହିଁ। କିନ୍ତୁ ଦ୍ୱିତୀୟ ମୁକୁନ୍ଦ ଦେବ ୧୮୦୪ ମସିହା ଅଗଷ୍ଟ ମାସ ୨ ତାରିଖରେ ଚୁକ୍ତି ପତ୍ରରେ ସ୍ୱାକ୍ଷର ଦେଲେ। ରାଜା ଇଂରେଜମାନଙ୍କୁ ରାଜସ୍ୱ ଦେଲେ ନାହିଁ, ଫଳସ୍ୱରୂପ ଇଂରେଜମାନେ ଜୟ ରାଜଗୁରୁଙ୍କୁ ଦାୟୀ କରି ତାଙ୍କୁ ରାଜଗୁରୁ ପଦରୁ ହଟାଇବା ପାଇଁ ଚକ୍ରାନ୍ତ କରି ଗୋଲାମ ଅମିନ ନାମକ କର୍ମଚାରୀଙ୍କୁ ପରାମର୍ଶଦାତା ଭାବେ ଏକତରଫା ନିଯୁକ୍ତ ଦେଇ ରାଜ ଦରବାରକୁ ପଠାଇଲେ।

ଜୟୀ ରାଜଗୁରୁ ଇଂରେଜମାନଙ୍କର ଚକ୍ରାନ୍ତ ବୁଝିପାରି ମାତୃଭୂମିର ସୁରକ୍ଷା ପାଇଁ ଇଂରେଜ ମାନଙ୍କ ବିରୁଦ୍ଧରେ ଯୁଦ୍ଧ ପାଇଁ ରାଜାଙ୍କର ଅନୁମତି ଲୋଡିଲେ। ରାଜାଙ୍କ ଅନୁମତି ପରେ ଜୟ ରାଜଗୁରୁ କୁଜଙ୍ଗ, କନିକା, ଖୋରଧା ମଧ୍ୟରେ ଏକ ତ୍ରିପାକ୍ଷିକ ମେଣ୍ଟ ଗଠିତ କଲେ। ଏଥିରେ ହରିଶପୁର, ମରିଚପୁର ଓ ବିଷ୍ଣୁପୁରର ଜମିଦାରମମାନେ ଯୋଗଦେଲେ। କୁଜଙ୍ଗର ଦୁର୍ଦ୍ଧଶ ନୌବାହିନୀର ସୈନ୍ୟମାନେ ନିଜର ମାତୃଭୂମିକୁ ରକ୍ଷା କରିବା ପାଇଁ କୌଣସି ବିଦେଶୀମାନଙ୍କୁ କଳିଙ୍ଗ ସାଗର (ବଙ୍ଗୋପସାଗର)ରେ ପୂରାଇ ଦେଉନଥିଲେ। ଏହି ମାତୃଭକ୍ତ କୁଜଙ୍ଗବାସୀ ବହୁ ସଂଖ୍ୟାରେ ଜୟ ରାଜଗୁରୁଙ୍କ ସୈନ୍ୟବାହିନୀରେ ଯୋଗଦେଲେ। ପ୍ରଥମେ ଜୟ ରାଜଗୁରୁ ଇଂରେଜମାନଙ୍କୁ ହଟାଇବାକୁ ସୈନ୍ୟ ସଂଖ୍ୟା ବୃଦ୍ଧି କଲେ। ତାପରେ ପାଇକମାନଙ୍କୁ ଯୁଦ୍ଧ ବିଦ୍ୟା ଶିକ୍ଷା ଦେବାପାଇଁ ମରହଟ୍ଟା ସର୍ଦ୍ଦାରମାନଙ୍କୁ ନିଯୁକ୍ତି କରାଗଲା। ଇଂରେଜମାନଙ୍କଠାରୁ ଆଣିଥିବା ୪୦ ହଜାର ଟଙ୍କାରେ ରାଜ୍ୟ ସୁରକ୍ଷା ପାଇଁ ରାସ୍ତାଘାଟ ମରାମତି କରାଇଲେ ଓ ବାକି ଟଙ୍କାରେ ପାଇକମାନଙ୍କ ପାଉଣା ବାବଦରେ ଖର୍ଚ୍ଚକଲେ। ଖୋରଧା ଦୁର୍ଗର ବାହାର ଓ ଭିତର ପଟେ ସୈନ୍ୟ, ତୋପ ରହିବାର ବ୍ୟବସ୍ଥା କଲେ। ପ୍ରତି ଘାଟି ଜାଗା ଯଥା ଡେଲାଙ୍ଗ, ତରଡୁଆ, ଗଙ୍ଗପଡା ପ୍ରଭୃତି ବିଭିନ୍ନ ସ୍ଥାନରେ ପାଇକ ବାହିନୀ ମୃତୟନ କଲେ। ଜୟ ରାଜଗୁରୁ ନିଜର ବାସଭବନଟିକୁ ବନ୍ଧା ଦେଇ ତା ବଦଳରେ ଏକ ଘୋଡ କିଣି ସେହି ଘୋଡାରେ ନାଗପୁର ଯାଇ ରଘୁଜୀ ଭୋନ୍‌ସଲାଙ୍କୁ ଭେଟିଲେ ଫଳରେ ଖୋରଧା ରାଜା ଓ ରଘୁଜୀ ଭୋନ୍‌ସଲାଙ୍କ ମଧ୍ୟରେ ଏକ ସାମ୍ମୁଖ୍ୟ ଗଠନ ପାଇଁ ବୁଝାବଣା ହୋଇଥିଲା। ଏହାପରେ ଜୟୀ ରାଜଗୁରୁ ଇଂରେଜମାନଙ୍କ ଅଧିକୃତ ଅଞ୍ଚଳରେ ରାଜାଙ୍କ କର୍ତ୍ତୃତ୍ୱ ବିସ୍ତାର କରି ଖଜଣା ଆଦାୟ କଲେ। ୧୮୦୪ ମସିହାରେ ଅକ୍ଟୋବର ମାସରେ ପାଇକମାନେ ପିପିଲିର ବହୁ ଇଂରେଜ ଅଧିନ ଗ୍ରାମ ଆକ୍ରମଣ କରି କ୍ଷୟକ୍ଷତି ଘଟାଇଲେ। ଇଂରେଜମାନେ ମହାନଦୀ ପଠାରେ ସୈନ୍ୟମାନଙ୍କ ସମରାଭ୍ୟାସ କରୁଥିଲେ। ଜୟୀ ରାଜଗୁରୁ ହଠାତ୍ ଇଂରେଜ ସୈନ୍ୟଙ୍କ ଉପରେ ଅତର୍କିତ ଆକ୍ରମଣ କରି ସେମାନଙ୍କୁ ନିରସ୍ତ୍ର କରିଦେଲେ। ରାଜାଜ୍ଞା ପାଇଁ ଜୟୀକୃଷ୍ଣ ଡେଲାଙ୍ଗ ଅଧିକୃତ କଲେ, ଇଂରଜ ସୈନ୍ୟମାନେ ଡେଲାଙ୍ଗ ଛାଡି ପଳାଇଲେ। କ୍ୟାପ୍‌ଟେନ୍ ହିକ୍ ଲ୍ୟାଣ୍ଡଙ୍କ ନେତୃତ୍ୱରେ ସୈନ୍ୟମାନେ ପିପିଲି ଦୁର୍ଗଠାରେ ପାଇକମାନଙ୍କୁ ଆକ୍ରମଣ କଲେ। ପିପିଲିରୁ ଫେରିବା ବାଟରେ ହିକ୍ ଲ୍ୟାଣ୍ଡ ପାଇକମାନଙ୍କ ଦ୍ୱାରା ପରାସ୍ତ ହେଲେ। ମୁସ୍ତଫା ଖାଁ ରାଜାଙ୍କ ଆଦେଶରେ ଟାଙ୍ଗିଆପଡା ଅଭିମୁଖେ ଯାତ୍ରା କଲେ। ସେ ମେଜର ଫ୍ଲେଚରଙ୍କ ଦ୍ୱାରା ପରାସ୍ତ ହେଲେ। ମେଜର ଫ୍ଲେଚର ନୟାଗଡ, ଖଣ୍ଡପଡା ଓ ରଣପୁର ରାଜାମାନଙ୍କ ସହାୟତାରେ ଖୋର୍ଦ୍ଧାର ଦକ୍ଷିଣରୁ ଆକ୍ରମଣ କଲେ। କର୍ଣ୍ଣେଲ ହାର୍‌କୋର୍ଟ ଓ ମେଲ୍‌ଭିଲେ ବାଙ୍କି ରାଜାଙ୍କ ସହାୟତାରେ ଖୋରଧା ଅଭିମୂଖେ ଯାତ୍ରା କଲେ। ଶୁଣାଯାଏ ଖୋର୍ଦ୍ଧାଗଡର ଅଧିଷ୍ଠାତ୍ରୀ ଦେବୀ ବରୁଣାଇ ଓ କରୁଣାଇ ଜୟୀ ରାଜଗୁରୁଙ୍କ ତନ୍ତ୍ର ସାଧନା ବଳରେ ସିଂହବାହନରେ ବସି ଯୁଦ୍ଧକଲେ। କିନ୍ତୁ କାଞ୍ଚିଦେବ୍ୟା ଇଂରେଜମାନଙ୍କୁ ଜଣାଇଲେ ଷଣ୍ଢ ବଳି ଦେଇ ତା ରକ୍ତରେ ଗୋଳା ବର୍ଷଣ କଲେ ଦେବୀ ଯୁଦ୍ଧ କ୍ଷେତ୍ରରୁ ପଳାୟନ କରିବେ। କର୍ଣ୍ଣେଲ୍ ଫ୍ଲେଚର ଗାଈର ମୁଣ୍ଡ କାଟି ତା ରକ୍ତରେ ଗୋଳା ବୁଡାଇ ଆକ୍ରମଣ କଲେ। ଦେବୀ ଯୁଦ୍ଧ କ୍ଷେତ୍ରରୁ ପଳାୟନ କଲେ। ଇଂରେଜମାନେ ଗଡକୁ ଚାରି ଦିଗରୁ ଆକ୍ରମଣ କରି ନଅର ଭିତରକୁ ଗୁଳି ବର୍ଷଣ କଲେ। ମେଜର ଫ୍ଲେଚର ଦୁର୍ଗ ଭିତରକୁ ପ୍ରବେଶ କରି ଜୟ ରାଜଗୁରୁଙ୍କ ଗୃହରେ ତାଲା ପକାଇ ଦେଲେ। ଦୁର୍ଗ ମଧ୍ୟରେ ଜୟୀ ରାଜଗୁରୁଙ୍କ ସହିତ ଇଂଜେମାନଙ୍କର ଘମାଘୋଟ ଯୁଦ୍ଧ ହେଲା। ଜୟ ରାଜଗୁରୁ ତାଙ୍କ ଗୃହରୁ ସୁନା କୁଲାଇ ଆଣିପାରିଲେ ନାହିଁ। ଫଳରେ ତାଙ୍କର ଧୂମାବତୀ ସାଧନା ବିଫଳ ହେଲା। ରାଜା ପୂର୍ବରୁ ଦୁର୍ଗ ଛାଡି କାଇପଦରଗଡର କାଶିଆ ଗୋହରି ଜଙ୍ଗଲରେ ଆତ୍ମଗୋପନ କରିଥିଲେ। ଜୟ ରାଜଗୁରୁ ଦୁର୍ଗରୁ ପଳାଇ ଯାଇ ସେଠାରେ ରାଜାଙ୍କୁ ଭେଟିଲେ।

୧୮୦୪ ମସିହା ଡିସେମ୍ବର ମାସରେ ଇଂରେଜ ଶାସନର ବିରୋଧାଚରଣ କରିଥିବାରୁ ଦ୍ୱିତୀୟ ମୁକୁନ୍ଦ ଦେବଙ୍କୁ ରାଜପଦରୁ ଇଂରେଜମାନେ ବହିଷ୍କାର କରିଥିଲେ। ଇଂରେଜମାନଙ୍କ ନିର୍ଦ୍ଦେଶରେ ଶ୍ରୀମନ୍ଦିରର କେତେକ କର୍ମଚାରୀ ପୂଜା ସମୟରେ ରାଜାଙ୍କ ନାମ ଉଚ୍ଚାରଣ କଲେ ନାହିଁ।

କମଳ ବଡଜେନା ନାମକ ବ୍ୟକ୍ତି ଷଡଯନ୍ତ୍ର କରି ଜୟ ରାଜଗୁରୁଙ୍କୁ ଇଂରେଜମାନଙ୍କୁ ଧରାଇ ଦେଲେ। କେହି କେହି ପିଣ୍ଡିକି ହରିଚନ୍ଦନଙ୍କୁ ଦାୟୀ କରିଥାଆନ୍ତି। ଇଂରେଜ ସୈନ୍ୟମାନେ ଜୟୀ ରାଜଗୁରୁଙ୍କୁ ମେଜର ଫ୍ଲେଚରଙ୍କ ପାଖକୁ ଆଣିଥିଲେ। ତାପରେ କର୍ଣ୍ଣେଲ ହାର୍‌କୋର୍ଟଙ୍କ ନିକଟକୁ ଜୟୀ ରାଜଗୁରୁଙ୍କୁ ପ୍ରେରଣ କରାଗଲା। ମେଦିନୀପୁରସ୍ଥିତ ବାଲିତୋଟା ଠାରେ ତାଙ୍କର ବିଚାର କରି ୧୮୦୬ ମସିହା ଡିସେମ୍ବର ୬ ତାରିଖରେ ଏକ ବରଗଛରେ ଇଂରେଜମାନେ ଫାଶୀ ଦଣ୍ଡରେ ଦଣ୍ଡିତ କରିଥିଲେ। କେହି କେହି କୁହନ୍ତି ଖୋର୍ଦ୍ଧାର ମଧ୍ୟସ୍ଥଳରେ ଏକ ବରଗଛରେ ଜୟୀ ରାଜଗୁରୁଙ୍କୁ ଚାରିଡାଳିଆ କରି ଫାଶୀ ଦିଆଯାଇଥିଲା।

ଇଂରେଜଙ୍କ ସହିତ ସଂଗଠିତ ସଂଗ୍ରାମରେ ଜୟୀ ରାଜଗୁରୁ ବ୍ୟର୍ଥ ହେଲେ ସତ, କିନ୍ତୁ ସେ ସବୁ ଦୋଷ ନିଜ ଉପରକୁ ନେଇ ଯେପରିଭାବେ ଚରିତ୍ରବତ୍ତା, ଦେଶଭକ୍ତି ଓ ମହାନ ସଂଗ୍ରାମ ଇତିହାସକୁ ଦୃଷ୍ଟାନ୍ତ ଦେଇଛନ୍ତି ତାହା ବିରଳ।


ପାରାଦ୍ୱୀପଗଡ, କୁଜଙ୍ଗ,
ଜଗତ୍‌ସିଂହପୁର
ମୋ.ନଂ. - ୯୯୩୭୬୯୧୪୭୫

## ଚୀନରେ ଲମ୍ବା ବେକବିଶିଷ୍ଟ ଡାଇନୋସର୍



ସରୀସୃପ ଭଳି ଲମ୍ବା ବେକବିଶିଷ୍ଟ ଏକ ଡାଇନୋସର୍ ଜୀବାଶ୍ମ ଦକ୍ଷିଣ ଚୀନ୍‌ରେ ନିର୍ମାଣ କାର୍ଯ୍ୟ ସମୟରେ ଆବିଷ୍କୃତ ହୋଇଛି । ଚୀନ୍‌ର ପାରମ୍ପରିକ ରାକ୍ଷସ ବୋଲି ଏହାକୁ କୁହାଯାଉଛି । ଏହାର ଲମ୍ବ ୪୯ ଫୁଟ (୧୫ ମିଟର) । ୧୬ କୋଟି ବର୍ଷ ପୂର୍ବେ ଜୁରାସିକ୍ କାଳର ଉତ୍ତରାର୍ଦ୍ଧରେ ତା'ର ଅସ୍ତିତ୍ୱ ଥିଲା । କିଜିଆଙ୍ଗ୍ ସହରରେ ନିର୍ମାଣ କାର୍ଯ୍ୟ ସମୟରେ ଖନନରୁ କର୍ମଚାରୀମାନେ ଏହାକୁ ଠାବ କରିଛନ୍ତି । ଡାଇନୋସର୍‌ର ସମ୍ପୂର୍ଣ୍ଣ ଲମ୍ବର ଅଧା ହେଉଛି ତା' ବେକ । ଏବେ ବି ଶରୀର ସହ ତା'ର ବେକ ଲାଗିରହିଛି, ଯାହା ଖୁବ୍ ଦୁର୍ଲ୍ଲଭ । ପ୍ରତ୍ନତତ୍ତ୍ୱ ବିଜ୍ଞାନୀମାନେ ତା' କଙ୍କାଳର ଗବେଷଣାରୁ ଜାଣିବାକୁ ପାଇଛନ୍ତି । ସେମାନେ ଏହାର ନାମ ଦେଇଛନ୍ତି କିଜିଆଙ୍ଗଲଙ୍ଗ୍, ଯାହାର ଅର୍ଥ କିଜିଆଙ୍ଗ୍‌ର ରାକ୍ଷସ । ଜୀବାଶ୍ମ ମିଳିଥିବା ସ୍ଥାନକୁ ନିର୍ମାଣ ଶ୍ରମିକମାନେ ୨୦୦୬ରେ ଆବିଷ୍କାର କରିଥିଲେ । ଅଲବର୍ଟା ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡି ଛାତ୍ର ଟାଟସୁଟୋ ମିୟାଶିତା କହନ୍ତି, କିଜିଆଙ୍ଗଲଙ୍ଗ୍‌କୁ ଦେଖିଲେ ଜଣାପଡେ, ଲମ୍ବା ବେକବିଶିଷ୍ଟ ଡାଇନୋସର୍ ଏସିଆରେ ଜୁରାସିକ୍ କାଳରେ ଖୁବ୍ ଉନ୍ନତ ଉପାୟରେ ବିକଶିତ ହୋଇଥିଲେ । ଏହି ପ୍ରଜାତି ଡାଇନୋସର୍‌ଙ୍କ ସମୂହ ମାମେନଚିସାଉରିଡ୍ସ ସହ ସମ୍ବନ୍ଧିତ । ବିଶ୍ୱର ଅନ୍ୟ ଡାଇନୋସର୍‌ଠାରୁ ଭିନ୍ନ ଏହି ପ୍ରଜାତିର ପଶୁକୁ ଚୀନ୍ ବ୍ୟତୀତ ଅନ୍ୟ କେଉଁଠି ଠାବ କରାଯାଇନାହିଁ ।

## ୩୦ ଫୁଟ ଭିତରେ ଦେଖିବାକୁ ମିଳନ୍ତି ସାମୁଦ୍ରିକ ସରୀସୃପ



ସମୁଦ୍ରର ଅତଳ ଗର୍ଭରେ ବହୁ ଦୁର୍ଲଭ ଓ ଐତିହ୍ୟ ସମ୍ପନ୍ନ ଭଗ୍ନାବଶେଷ ଦେଖିବାକୁ ମିଳେ । ସମୁଦ୍ର ଭିତରେ ପ୍ରବାଳ, ଗୁଳ୍ମ, ଉଦ୍ଭିଦ, ଗେଣ୍ଡା, ସାମୁକା, ମାଛ, ସାପ ଓ ବିଭିନ୍ନ ପ୍ରକାର ସାମୁଦ୍ରିକ ସରୀସୃପ ଦେଖାଯା'ନ୍ତି । ସେମାନଙ୍କ ସହିତ ନ ଲାଗିଲେ ସେମାନେ କାହାର କିଛି କ୍ଷତି କରନ୍ତି ନାହିଁ । ଯିଏ ଯାହା ବାଟରେ ଯିବା ଆସିବା କରୁଥିବା ଦେଖିବାକୁ ମିଳେ । ତେବେ କେବଳ ସାର୍କ ବା ତିମି ମାଛ ଥିଲେ ସେଭଳି ସ୍ଥାନରେ ସତର୍କତା ଅବଲମ୍ବନ କରି ବୁଡିବାକୁ ହୋଇଥାଏ । ସାମୁଦ୍ରିକ ସରୀସୃପଗୁଡିକ ପ୍ରାୟ ୨୦ରୁ ୩୦ ଫୁଟ ମଧ୍ୟରେ ଦେଖିବାକୁ ମିଳନ୍ତି । ସମୁଦ୍ରର ଗଭୀରତା ଯେତେ ତଳକୁ ତଳକୁ ଯାଏ ସେହି ପରିମାଣରେ ସାମୁଦ୍ରିକ ଜୀବଙ୍କ ସଂଖ୍ୟା ହ୍ରାସ ପାଇବା ସହିତ ଆଲୋକ ମଧ୍ୟ ସେହି ପରିମାଣରେହ୍ରାସ ପାଏ । ସମୁଦ୍ର ଗର୍ଭର ଅତଳ ଜଳରାଶିର ନିମ୍ନଭାଗ ଅନ୍ଧାକାରମୟ ହୋଇଥାଏ । ଜଳ ମଧ୍ୟରେ ଜଳ ବେଶି ଜୋର୍‌ରେ ଗତି କରୁଥିବାରୁ ବହୁ ଦୂରର ଶବ୍ଦ ଅକ୍ଳେଶରେ ଶୁଣାଯାଏ । ସ୍କୁବା ଡାଇଭିଂର ନିୟମ ଅନୁସାରେ ନିକଟରେ ଥାଆନ୍ତି । ଯଦି କାହାର କିଛି ଅସୁବିଧା ହୁଏ କିମ୍ବା ସିଲିଣ୍ଡର ପରିବର୍ତ୍ତନ କରିବାକୁ ପଡେ ତେବେ ତାହା ଅନ୍ୟ ଜଣେ ସ୍କୁବା ଡାଇଭରର ସହାୟତାରେ କରିବାକୁ ପଡିଥାଏ । ଓଡିଶାରେ ସ୍କୁା ଡାଇଭିଂ ପ୍ରଶିକ୍ଷଣ ପାଇଁ ନ୍ତର୍ଜାତିୟ ଖ୍ୟାତି ସମ୍ପନ୍ନ ସମୁଦ୍ର ବୁଡାଳି ସବିର ବକ୍ସ ପ୍ରତିଷ୍ଠା କରିଛନ୍ତି 'କଳିଙ୍ଗ ଡାଇଭର୍ସ ଫାଉଣ୍ଡେସନ୍' । ରୋପାଳପୁର, ଚନ୍ଦ୍ରଭାଗା, ଚିଲିକା, ରାମଚଣ୍ଡୀ ସମେତ କୁଶଭଦ୍ରା ନଦୀ, ମହାନଦୀ, ପିତାମହଲ ଡ୍ୟାମ୍‌ରେ ବିଭିନ୍ନ ସମୟରେ ଆୟୋଜିତ ଶିବିରଗୁଡିକରେ ସ୍କୁବା ଡାଇଭିଂ ପ୍ରଶିକ୍ଷଣ ଦିଆଯାଉଛି ।

## ପିଜୁଳିର ବିଭିନ୍ନ ଉପକାରିତା

♦ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବାରେ ପିଜୁଳି ସହାୟକ ହୋଇଥାଏ । ଏହା ରକ୍ତରେ କୋଲେଷ୍ଟେରୋଲ୍‌ର ମାତ୍ରାକୁ ହ୍ରାସ କରିବାରେ ସାହାର୍ଯ୍ୟ କରିଥାଏ ।

♦ ରକ୍ତରେ ଶର୍କରାର ମାତ୍ରା ହ୍ରାସ କରିବାରେ ପିଜୁଳିର ଭୂମିକା ରହିଛି । ତେଣୁ ଏହା ମଧୁମେହ ଭୋଗୁଥିବା ଲୋକଙ୍କ ପାଇଁ ଉପକାରୀ । ତେବେ ଏହି ରୋଗୀମାନେ ଅଧିକ ପାଚିଥିବା ପିଜୁଳି ଖାଇବାଠାରୁ ଦୂରେଇ ରହିବା ଭଲ ।

♦ ପିଜୁଳିରେ ଫାଇବର ବା ତନ୍ତୁଜାତୀୟ ଜିନିଷର ପରିମାଣ ଅଧିଗ ଥିବାରୁ ଏହା ଟାଇପ୍-୨ ଡାଇବେଟିସ୍‌ର ଆଶଙ୍କାକୁ କମାଇଥାଏ । ଏହାଛଡା ପିଜୁଳି ଖାଇଲେ କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୁଏ ।

♦ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ ପିଜୁଳିରେ କମଳ । ତୁଳନାରେ ଚାରି ଗୁଣ ଅଧିକ ଭିଟାମିନ୍ ସି ରହିଛି ।

♦ ପିଜୁଳି ଥାଇରଏଡ୍ ଭୋଗୁଥିବା ରୋଗୀଙ୍କ ପାଇଁ ମଧ ଉପକାରୀ ହୋଇଥାଏ ।

♦ ଯଦି ଆପଣ ନିଜ ମସ୍ତିଷ୍କକୁ ଅଧିକ ସକ୍ରିୟ କରିବାକୁ ଚାହାନ୍ତି ତେବେ ପିଜୁଳି ଖାଆନ୍ତୁ । ଏଥିରେ ଗ୍ରୁପ୍ 'ବି' ର ଭିଟାମିନ୍ ଅଧିକ ପରିମାଣରେ ରହିଛି । ଏଥିରେ ନିଆସିନ୍ ରହିଛି ଯାହାକି ଭିଟାମିନ୍ ବି ୩ ଭାବେ ଅଧିକ ଜଣାଶୁଣା । ଏହା ରକ୍ତ ସଞ୍ଚାଳନକୁ ଠିକ୍ କରିବା ସହିତ ମସ୍ତିଷ୍କକୁ କାର୍ଯ୍ୟକ୍ଷମ କରିଥାଏ । ଏହାଛଡା ଏଥିରେ ଭିଟାମିନ୍ ବି-୬ ରହିଛି । ଏହା ମସ୍ତିଷ୍କ ଓ ଶିରା ପ୍ରଶିରାକୁ ଅଧିକ ସକ୍ରିୟ କରିଥାଏ ।

♦ ପିଜୁଳିରେ ଫୋଲେଟ୍‌ର ପରିମାଣ ଅଧିକ ଥାଏ । ତେଣୁ ଏହା ମହିଳାଙ୍କ ପ୍ରଜନନ ସମସ୍ୟାକୁ ଦୂର କରିବାରେ ସହାୟକ ହୋଇଥାଏ ।



♦ ଏଥିରେ ଭିଟାମିନ୍ 'ଏ' ଥିବାରୁ ଏହା ଦୃଷ୍ଟିଶକ୍ତି ବୃଦ୍ଧି କରିବାରେ ମଧ ସହାୟକ ହୋଇଥାଏ ।

♦ ପିଜୁଳି ତ୍ୱଚା ପାଇଁ ମଧ ଉପକାରୀ । କାରଣ ଏଥିରେ ଥିବା କଷା ସ୍ୱାଦ, ଭିଟାମିନ୍

♦ ଇ ଓ ଆଣ୍ଟିଅକ୍ସିଡାଣ୍ଟ ଚର୍ମକୁ ପୋଷଣ ଯୋଗାଇଥାଏ । ଏଥିରେ ଥିବା ଭିଟାମିନ୍ ସି ତ୍ୱଚାଜନିତ ସମସ୍ୟା ଦୂର କରିଥାଏ ।

♦ ଟମାଟୋରେ ଥିବା ଲାଇକୋପିନ୍ ଚର୍ମକୁ ଅତିବାଇଗଣୀ ରଶ୍ମୀ ଠାରୁ ରକ୍ଷା କରିବା ସାଙ୍ଗକୁ କ୍ୟାନ୍‌ସର ଠାରୁ ମଧ ଦୂରେଇ ରଖେ ।

♦ ପିଜୁଳି ପତ୍ରରେ ଔଷଧୀୟ ଗୁଣ ଭରି ରହିଛି । ପିଜୁଳି ପତ୍ରର ରସ ପିଇବା ଦ୍ୱାରା ଥଣ୍ଡା ଓ କାଶରୁ ମୁକ୍ତି ମିଳିଥାଏ । ଏହାର କଷା ଗୁଣ ଗଳାରେ ବ୍ୟାପୁଥିବା ବ୍ୟାକ୍ଟେରିଆ



ଦୂର କରିଥାଏ, ଯାହା ଶ୍ୱାସଜନିତ ଯନ୍ତ୍ରଣା ଉପଶମ କରିବାରେ ସହାୟକ ହୋଇଥାଏ ।

**ସାମଗ୍ରୀ :**

ପିଜୁଳି ୧ କେଜି, ଚିନି ୬୦୦ ଗ୍ରାମ୍, ସାଇଟ୍ରିକ୍ ଏସିଡ୍ ୨ ଟେବଲ୍ ଚାମଚ, ସବୁଜ ଖାଇବା ରଙ୍ଗ ୪ ବୁନ୍ଦା ।

**ପ୍ରସ୍ତୁତି :**

ପିଜୁଳିକୁ ଧୋଇ ଉପର ଚୋପା ପତଳା କରି ଛଡେଇ ଛୋଟ ଛୋଟ ଖଣ୍ଡରେ କାଟନ୍ତୁ । ଏହା ପରେ ପ୍ରେସର କୁକରରେ ଅଧ କପ୍ ପାଣି ଦେଇ ପିଜୁଳିକୁ ଦୁଇଟି ହ୍ୱିସିଲ୍‌ରେ ସିଝାଇ ଦିଅନ୍ତୁ । ଥଣ୍ଡା ହୋଇଗଲା ପରେ ସେଇ ପାଣି ସହିତ ସିଝା ପିଜୁଳିକୁ ଭଲ କରି ଚକଟି ଦିଅନ୍ତୁ । ଏହାପରେ ଏକ ମଶାରି କପଡା ବା ଛାଣିବା ପାଇଁ ସେମିତି କିଛି ଜିନିଷ ସାହାଯ୍ୟରେ ଛାଣନ୍ତୁ ଯେମିତି ମଞ୍ଜୀଗୁଡିକ ଅଲଗା ହୋଇଯିବ । ଏହାପରେ ତଳ ମୋଟା ଥିବା ଏକ ପାତ୍ରରେ ଏହି ରସ ଏବଂ ଚିନି ଏକାଠି କରି ଘାଣ୍ଟନ୍ତୁ । ଭଲ କରି ବହଳିଆ ହୋଇ ଜାମ ଭଳି ହୋଇଆସିଲା ବେଳକୁ ସେଥିରେ ସାଇଟ୍ରିକ୍ ଏସିଡ୍ ଏବଂ ରଙ୍ଗ ମିଶାଇ ଭଲ କରି ଘାଣ୍ଟନ୍ତୁ । ଟିକେ ଥଣ୍ଡା ହୋଇଆସିଲେ ଏୟାର୍‌ଟାଇଟ୍ ଜାର୍‌ରେ ବନ୍ଦ କରନ୍ତୁ । ଏହି ଜାମ୍ ଫ୍ରିଜ୍‌ରେ ରଖିଲେ ପ୍ରାୟ ଛଅମାସ ପାଖାପାଖି ଭଲ ରହିବ ।

## କେଶ ଉପଚାରରେ ଭୃରୁଙ୍ଗ ପତ୍ର

ଭୃରୁଙ୍ଗ ପତ୍ର ବାଟି କେଶ ଓ କେଶ ମୂଳରେ ମାଲିସ କରନ୍ତୁ। ଅଧ ଘଣ୍ଟା ପରେ ଶୀତଳ ଜଳରେ ଧୋଇ ଦିଅନ୍ତୁ। ଏଥିରେ ଥିବା ଏଣ୍ଟିଅକ୍ସିଡାଣ୍ଟ୍ ତ୍ୱଚା ମୂଳକୁ ଆର୍ଦ୍ର ରଖେ। କେଶର ଶୁଷ୍କତା ଦୂର କରାଏ। ପନ୍ଦର କୋଡ଼ିଏଟି ଭୃରୁଙ୍ଗ ପତ୍ର ବାଟି, ଏକ ଚାମଚ ଅଲିଭତ ତେଲ ସହ ଫେଣ୍ଟି କେଶରେ ଲଗାନ୍ତୁ। ଘଣ୍ଟାଏ ପରେ ଧୋଇ ଦିଅନ୍ତୁ। କେଶ ମୂଳ ସଂକ୍ରମଣରୁ ରକ୍ଷା ମିଳିବା ସହ ରୁପି ସମସ୍ୟା ଦୂର ହୁଏ। କିଛି ସତେଜ ଭୃରୁଙ୍ଗ ପତ୍ର ନଡ଼ିଆ ତେଲ ସହ ଅଳ୍ପ ପାଣିରେ ଫୁଟାନ୍ତୁ। ପାଣି ସାମାନ୍ୟ କଳା ପଡ଼ି ଆସିଲେ ଥଣ୍ଡା କରି କେଶ ମୂଳରେ ମାଲିସ କରନ୍ତୁ। ଘଣ୍ଟାଏ ପରେ ଧୋଇ ଦିଅନ୍ତୁ। ସପ୍ତାହରେ ଦୁଇ-ତିନି ଥର ଏପରି କରନ୍ତୁ। ଅସମୟରେ କେଶ ପାଚିବା ସମସ୍ୟାରୁ ମୁକ୍ତି ପାଇବେ।

ଭୃରୁଙ୍ଗ ପତ୍ର ବାଟି, ଦୁଇ ଚାମଚ ଘିକୁଆଁରୀ ରସ ଭଲ ଭାବେ ଫେଣ୍ଟନ୍ତୁ। କେଶରେ ଲଗାଇ ଅଧ ଘଣ୍ଟା ପେର ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। କେଶର ଔଜ୍ଜ୍ୱଲ୍ୟ ବଢ଼ିବ।

# ଭଦ୍ରକ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର କାର୍ଯ୍ୟକାରିଣୀ ବୈଠକ

ଭଣ୍ଡାରିପୋଖରୀ,୨୮।୧୦ (ନି.ପ୍ର): ଭଦ୍ରକ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ଜିଲ୍ଲା ସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଭଣ୍ଡାରିପୋଖରୀସ୍ଥିତ ମାଳଦା ଶିଶୁ ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ଶୃଙ୍ଖଳା କମିଟି ଅଧ୍ୟକ୍ଷ ତଥା ଜିଲ୍ଲା ସଭାପତି ରବି ନାରାୟଣ ଖିଲାରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କଂଗ୍ରେସ ସଭାପତି ସୁବ୍ରତ ଦାସ, ମୁଖ୍ୟ ବକ୍ତା ଭାବେ ଭଲ ଖବର ର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମ୍ମାନୀୟ ଅତିଥି ଭାବେ ଯାଜପୁର ଜିଲ୍ଲା ସଭାପତି ହରିହର ସ୍ୱାଇଁ,ରାଜ୍ୟ ସଂଗଠନ ସମ୍ପାଦକ ଅପୂର୍ବ ରଞ୍ଜନ ବେହେରା, ଜିଲ୍ଲା ଉପଦେଷ୍ଟା ପ୍ରକାଶ ମହାପାତ୍ର,ଜିଲ୍ଲା ଉପସଭାପତି ରାଜେନ୍ଦ୍ର ଶତପଥି,ଉପ ସଭାପତି ସୁଧାକର ଦାସ, ଉପସଭାପତି ଦିପ୍ତୀରଞ୍ଜନ ନାୟକ,ଜିଲ୍ଲା ସଂଗଠନ ସମ୍ପାଦକ ଜଗବନ୍ଧୁ ବେହେରା, ସରୋଜ ସେଠି.କାଳିପଦ ରାୟ, ଭଣ୍ଡାରିପୋଖରୀ ବ୍ଲକ ସଭାପତି ଶ୍ୟାମସୁନ୍ଦର ମହାପାତ୍ର, ଧାମନଗର ବ୍ଲକ ସଭାପତି ଅନନ୍ତ ଜେନା, ସାମ୍ବାଦିକ କଳ୍ପନା ଜେନା, ସେକ ଜାଫର ଅଲି, ସନ୍ତୋଷ କୁମାର ଦାସ, ସୁଶାନ୍ତ ରାଉତ ପ୍ରମୁଖ ଯୋଗଦେଇ ସାମ୍ବାଦିକ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କୋଲକତା ଯାଦବ ମହାସଭା ର ସଭାପତି ହରେକୃଷ୍ଣ ପଲେଇ, ଇଂ ପ୍ରଦୀପ୍ତ ଖିଲାର, ସମାଜସେବୀ ସୁରଜ ସାହୁ, ସରପଞ୍ଚ ମନୋଜ ନାୟକ, ସମାଜସେବୀ କଳ୍ପନା ଜେନା, ସମାଜସେବୀ କୃଷ୍ଣଚନ୍ଦ୍ର ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ , ସାମ୍ବାଦିକ ସାଧନ ଧର, ଅତୀଶ ଦାସ, ସରୋଜ ସେଠି, ଜଗନ୍ନାଥ ବେହେରା, ମାନଗୋବିନ୍ଦ ଜେନା, ନବଘନ ଦାସ, ସ୍ୱାଧିନ ଦାସ, ପ୍ରଭାତ ଜେନା,ବିକାଶ ସାହୁ, ଗୌରାଙ୍ଗ ଦାସ, ମୃତ୍ୟୁଞ୍ଜୟ ସେନାପତି, ସଞ୍ଜିବ ମହାନ୍ତି, ପ୍ରଶାନ୍ତ ସାହୁ, ପ୍ରଶାନ୍ତ ଦ୍ୱିବେଦୀ, ଲୁଲୁ ମହାନ୍ତି, ମୁକ୍ତିକାନ୍ତ ନାୟକ., ବିବେକ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ, ଭଦ୍ରକ ଜିଲ୍ଲାର ସମସ୍ତ ସାମ୍ବାଦିକ ବନ୍ଧୁ ଏହି ବୈଠକରେ ଯୋଗ ଦେଇଥିବାରୁ ଜିଲ୍ଲା ସଭାପତି ତଥା ରାଜ୍ୟ ଶୃଙ୍ଖଳା କମିଟି ଅଧ୍ୟକ୍ଷ ଶ୍ରୀ ଖିଲାର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ, ଏହି କାର୍ଯ୍ୟକ୍ରମକୁ ବୁଦ୍ଧିଜୀବୀ ମହଲରୁ ପ୍ରଶଂସା କରାଯାଉଛି। ଆସନ୍ତା ଶୁକ୍ରବାର ୩୦ ତାରିଖରେ ରାଜ୍ୟସଭାପତି ବିଭୂତି ଭୂଷଣ କର ଙ୍କର ଭଦ୍ରକ ଗସ୍ତ ସମୟରେ ଜିଲ୍ଲାର ଏକ ପରିବର୍ଦ୍ଧିତ କମିଟି ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ ସଭାରେ ପ୍ରସ୍ତାବ ଦିଆଯାଇଥିବା କର୍ମକର୍ତ୍ତାଙ୍କ ନାମ ରାଜ୍ୟ ସଭାପତିଙ୍କ ଅନୁମୋଦନ କ୍ରମେ ଘୋଷଣା କରାଯିବ ବୋଲି ଜିଲ୍ଲା ସଭାପତି ଶ୍ରୀ ଖିଲାର ସୂଚନା ଦେଇଛନ୍ତି।

## ଜିଲ୍ଲାରେ ୪୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ

ନୂଆପଡା,୨୮।୧୦ (ନି.ପ୍ର): ନୂଆପଡା ଜିଲ୍ଲାରେ ମଙ୍ଗଳବାର ୪୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି । ସେମାନଙ୍କ ମଧ୍ୟରୁ ଖଡିଆଳରେ ୪ ଜଣ, ସିନାପାଲି ୬ ଜଣ, ବୋଡେନ ୩ ଜଣ, କୋମନା ୬, ନୂଆପଡା ୭ ଏବଂ ଖରିଆର ରୋଡରେ ୧୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଖଡିଆଳ ସହର ଏବଂ ଗ୍ରାମାଂଚଳରେ ୪ ଜଣ ଚିହ୍ନଟ ହୋଇଥିବା ବେଳେ ଖଡିଆଳ ବିଜ୍ଞାପିତ ଅଂଚଳ ପରିଷଦର ୧ ନଂ ୱାର୍ଡରେ ୨ ଜଣ ଏବଂ ତୁକଲା ଓ ଗଡ୍ରାମୁଣ୍ଡାରେ ଜଣେ ଲେଖାଏଁ ଚିହ୍ନଟ ହୋଇଥିବା ସୂଚନା ମିଳିଛି ।

# ବାପା ପାଣି ଆଣିବାକୁ ଯାଇଥିବା ବେଳେ ଚଳନ୍ତା ଟ୍ରେନ୍‌ରେ ରହିଯାଇଥିବା ପୁଅ ୪ଘଣ୍ଟାପରେ ଉଦ୍ଧାର



ଜଳେଶ୍ୱର,୨୮।୧୦ (ନି.ପ୍ର): ନୂଆ ଦିଲ୍ଲିରୁ ପାରାଦୀପ ଯାଉଥିବା ପାରାଦୀପ ଗଡ ଅଂଚଳର ଅନନ୍ତ କୁମାର ବେହେରା ପୁଅ ସୁଶାନ୍ତ (୧୧)କୁ ଧରି ଆନନ୍ଦ ବିହାର-ପୁରୀ ନୀଳାଚଳ ସୁପର ଫାଷ୍ଟ ଏକ ପ୍ରେସ୍‌ରେ ଆସୁଥିଲେ । ରାତ୍ରୀ ୪ଟାରେ ଟ୍ରେନ୍‌ଟି ହିଜିଲି ଷ୍ଟେସନରେ ପହଞ୍ଚିବାପରେ ବାପା ଅନନ୍ତ ପିଇବାପାଣି ଲାଗି ପ୍ଲାଟ୍‌ଫର୍ମରେ ଓହ୍ଲାଇଥିଲେ । ଇତିମଧ୍ୟରେ ଟ୍ରେନ୍‌ଟି ହିଜିଲି ଷ୍ଟେସନରୁ ଛାଡିଦେଇଥିବା ବେଳେ ବାପା ଅନନ୍ତ ଟ୍ରେକ୍‌କୁ ଉଠିପାରିନଥିଲେ । ପୁଅ ସୁଶାନ୍ତକୁ ଧରି ଟ୍ରେନ୍‌ଟି ଷ୍ଟେସନ ଛାଡି ଦେଇଥିବାରୁ ଅନନ୍ତ ରେଳବାଇ ପୁଲିସ୍ ଓ ଷ୍ଟେସନ ସୁପରିଟେଣ୍ଡେଣ୍ଟଙ୍କୁ ସବିଶେଷ ଜଣାଇଥିଲେ । ପରେ ଜଳେଶ୍ୱର ଷ୍ଟେସନରେ ଅଟକିବାକୁ ଥିବାରୁ ଖଡଗପୁର ରେଳ କର୍ତ୍ତୃପକ୍ଷ ଜଳେଶ୍ୱର ରେଳ ଷ୍ଟେସନ୍‌କୁ ଜଣାଇଥିଲେ । ଫଳରେ ଆର୍‌ପିଏଫ, ଜିଆର୍‌ପି ଓ ରେଳ କର୍ମଚାରୀ ସଂପୃକ୍ତ ବଗିକୁ ଯାଇ ଶୋଇପଡିଥିବା ପୁଅ ସୁଶାନ୍ତକୁ ଓହ୍ଲାଇଥିଲେ । ୪ ଘଣ୍ଟା ଧରି ସୁଶାନ୍ତ କନ୍ଦାକଟା କରୁଥିବା ବେଳେ ବାପା ଅନନ୍ତ ସଡକ ପଥରେ ଆସି ପହଞ୍ଚିଥିଲେ ଓ ଦୁହେଁ ଗାଁକୁ ଫେରିଥିବା ଜଣାଯାଇଛି ।

# 'ସମରାସ୍ତା'ସମ୍ବାଦପତ୍ରର ସମ୍ପାଦକଙ୍କ ବିୟୋଗରେ ଶୋକ

## 'ଓୟୁଡବ୍ଲ୍ୟୁଜେ'ପକ୍ଷରୁ ଶୋକସନ୍ତପ୍ତ ପରିବାରକୁ ଆର୍ଥିକ ସହାୟତା

ବାଲେଶ୍ୱର,୨୮।୧୦ (ନି.ପ୍ର): କରୋନାରେ ପ୍ରାଣ ହରାଇଥିବା 'ସମରାସ୍ତା' ସମ୍ବାଦପତ୍ରର ସମ୍ପାଦକ ସ୍ୱର୍ଗତ ରାଧେଶ୍ୟାମ ଶର୍ମାଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆଜି ଅନୁଷ୍ଠିତ ହୋଇଯାଇଛି। ସଦର ମହକୁମା ସାମ୍ବାଦିକ ପ୍ରକୋଷ୍ଠରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଯୁବସାମ୍ବାଦିକ ସନ୍ଦୀପ୍ତ ଦାସ ପୌରୋହିତ୍ୟ କରିଥିଲେ। ବାଲେଶ୍ୱରର ଭାରପ୍ରାପ୍ତ ଡିଆଇପିଆରଓ ଦୀପକ କୁମାର ସାହୁ, ବରିଷ୍ଠ ସାମ୍ବାଦିକ ଉଜ୍ଜ୍ୱଳ ଚନ୍ଦ୍ର କର, ଦେବବ୍ରତ ପାଣିଗ୍ରାହୀ, ଇନାୟତ ଅଲ୍ଲି ଖାଁ, ଆଜିମ୍ ବାଲେଶ୍ୱରୀ, ରବିରଂଜନ ଦାସ, ଅଧୀପ ଜେନା, ମାନସ ବିଶ୍ୱାଳ, ବ୍ରହ୍ମାନନ୍ଦ ସ୍ୱାଇଁ, ବାସୁଦେବ ରାଉଳ, ଉବାଚକ ମହାନ୍ତି, ସୁଶାନ୍ତ ଦାସଙ୍କ ସମେତଙ୍କ ସମେତ ବହୁ ସାମ୍ବାଦିକ ଯୋଗଦେଇ ସ୍ୱର୍ଗତ ଶ୍ରର୍ମାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ ସହ ତାଙ୍କର ଜୀବନାଦର୍ଶ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଜଣେ ମାର୍ଜିତ ତଥା ସଂସ୍କାରୀ ବ୍ୟକ୍ତିତ୍ୱ ଭାବେ ରାଧେଶ୍ୟାମଙ୍କ ଅବର୍ତ୍ତମାନ ବାଲେଶ୍ୱରର ସାମ୍ବାଦିକତା କ୍ଷେତ୍ରରେ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ଏହି ଶ୍ରଦ୍ଧାଞ୍ଜଳି ସଭାରେ ସମସ୍ତେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ଶର୍ମାଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନିରବ ପ୍ରାର୍ଥା ସହ ଦିବଂଗତ ଆତ୍ମା ପ୍ରତି ସମସ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସଭାପତି ଶ୍ରୀ କରଙ୍କ ଘୋଷଣା କ୍ରମେ ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ(ଓୟୁଡବ୍ଲ୍ୟୁଜେ) ପକ୍ଷରୁ ସ୍ୱର୍ଗତ ଶର୍ମାଙ୍କ ଶୋକସନ୍ତପ୍ତ ପରିବାରକୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସାମ୍ବାଦିକ ଗୟାଧର କର ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଲବାହୀ ଟ୍ରେନ ସମ୍ମୁଖକୁ ଡେଇଁ ଗୋଟିଏ ପରିବାରର ୩ଜଣଙ୍କ ଆତ୍ମହତ୍ୟା

ରାୟଗଡ଼ା,୨୮।୧୦ (ନି.ପ୍ର): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଟିକିରି ରେଳ ଷ୍ଟେସନ ଠାରୁ ୧୩/୧୪ କିମି ପୂର୍ବ ସିଙ୍ଗାରାମ୍ ରେଳ ଷ୍ଟେସନରେ ଗୋଟିଏ ପରିବାରର ୩ଜଣ ଆତ୍ମହତ୍ୟା କରିଥିବା ଘଟଣାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସୂଚନା ଅନୁସାରେ ଦଶମନ୍ତପୁର ବ୍ଲକ ଚିକାମ୍ ଗ୍ରାମର କେଶବ ସୁବୁଦ୍ଧି (୪୦) ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ ନିଜ ପରିବାର ସହ ଟିକିରି ଅଞ୍ଚଳର ପୋଡ଼ାପାଡି ଗ୍ରାମରେ ବାସ କରି ଆସୁଥିଲେ। ସୋମବାର ସକାଳ ପ୍ରାୟ ୯ ଟା ସମୟରେ କେଶବ ସୁବୁଦ୍ଧି ଏବଂ ଦୁଇ ସନ୍ତାନ ପୁଅ ସିନ୍ଧୁ (୫) ଓ ଝିଅ ଶ୍ରୀୟା (୧୨)କୁ ବୁଲିବାକୁ ଯିବା କହି ଡାକି ନେଇଥିଲେ। ଟ୍ରେନ ଆସିବା ବିଳମ୍ବ ହେବା ଯୋଗୁଁ ସୀଙ୍ଗାରାମ୍ ଷ୍ଟେସନରେ କିଛି ସମୟ ଅପେକ୍ଷା କରିଥିଲେ। ରାୟଗଡ଼ାରୁ କୋରାପୁଟ ଅଭିମୁଖେ ଯାଉଥିବା ଏକ ମାଲବାହୀ ଟ୍ରେନ ସମ୍ମୁଖକୁ ଡେଇଁ ଆତ୍ମ ହତ୍ୟା କରିଥିବା ଜଣା ପଡିଛି। ଝିଅ ଖସି ପଳାଉଥିବା ବେଳେ ତାଙ୍କୁ ଟାଣି ଆଣି ଟ୍ରେନ ସମ୍ମୁଖକୁ ଠେଲି ଆତ୍ମ ହତ୍ୟା କରିଥିବା ସେଇଠି ଥିବା କିଛି କର୍ମଚାରୀ କହିଛନ୍ତି। ଆତ୍ମହତ୍ୟା ନ କରିବାକୁ ବହୁତ ଚେଷ୍ଟା କରିବା ପରେ ମଧ ସେ ଶୁଣି ନ ଥିବା ନେଇ କିଛି ଦେଖିବା ଲୋକ କହିଛନ୍ତି । ଘଟଣା ସ୍ଥଳରେ ଲକ୍ଷ୍ମୀପୁର ଆରପିଏଫ ଓ ଲକ୍ଷ୍ମୀପୁର ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରି ଶବ ବ୍ୟବଚ୍ଛଦ ପାଇଁ ନେଇ ଥିଲେ। ପାରିବାରିକ କଳହ ଯୋଗୁ ଆତ୍ମ ହତ୍ୟା କରିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

# ସ୍ୱାଭିମାନ ଅଂଚଳରେ ମାଓବାଦୀ ବିରୋଧୀ ପ୍ରଜାମେଳି

ମାଲକାନଗିରି,୨୮।୧୦ (ନି.ପ୍ର): ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଂଚଳରେ ପୁଣି ଶୁଭିଲା ମାଓ ବିରୋଧୀ ସ୍ୱର । ୧୦ରୁ ଅଧିକ ଗ୍ରାମବାସୀ ମିଳିତ ଭାବେ ମାଓ ବିରୋଧୀ ନାରା ଦେଇଛନ୍ତି । ଗତକାଲି ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଂଚଳରେ ଥିବା ଖଜୁରିଗୁଡା ଠାରେ ମାଓବାଦୀ ଙ୍କୁ ବିରୋଧ କରି ହଜାର ହଜାର ଲୋକେ ଏକତ୍ରିତ ହୋଇଥିଲେ । ମାଓବାଦୀ ମାନେ ୨୦ ତାରିଖ ରାତିରେ ଖଜୁରୀଗୁଡାର ଦାସୁ ଖେମୁଡୁ କୁ ପୋଲିସ ସୂଚନା ଦାତା କହି ଗୁଳି କରି ହତ୍ୟା କରିଥିଲେ । ଘଟଣାକୁ ନେଇ ଏବେ ମାଓବାଦୀଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି ସ୍ୱାଭିମାନ ଅଂଚଳ ବାସୀ । ସ୍ୱାଭିମାନ ଅଂଚଳର ବିଭିନ୍ନ ସ୍ଥାନରେ ମାଓ ବିରୋଧୀ ପୋଷ୍ଟର ଲଗାଯାଇଥିବା ବେଳେ ଗତକାଲି ମାଓ ବିରୋଧୀ ମେଳି ହୋଇଥିଲା ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଶପଥ ପାଠ




ବାରିପଦା,୨୮।୧୦ (ନି.ପ୍ର): କେନ୍ଦ୍ର ଭିଜିଲାନ୍ସ ଆୟୋଗ ନିର୍ଦ୍ଦେଶ କ୍ରମେ ଦୁର୍ନୀତି ବିରୁଦ୍ଧରେ ସଚେତନତା ସୃଷ୍ଟି କରାଯିବା ମୁଖ୍ୟ ଉଦ୍ଦେଶ୍ୟ ନେଇ ଦେଶର ସମଗ୍ର ରାଜ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଚଳିତ ୨୭ ଅକ୍ଟୋବର ଠାରୁ ୦୨ ନଭେମ୍ବର ୨୦୨୦ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ମାଧମରେ ପାଳନ କରାଯାଉଅଛି। ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ତା.୨୭.୧୦.୨୦୨୦ ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ମୟୂରଭ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଫେସିଲିଟେସନ ସମ୍ମିଳନୀ କକ୍ଷରେ ଏକ ଶପଥ ପାଠ କାର୍ଯ୍ୟକ୍ରମ ଜିଲ୍ଲାପାଳ, ମୟୂରଭଞ୍ଜ ଶ୍ରୀ ବିନୀତ୍ ଭରଦ୍ୱାଜ୍, ଭା.ପ୍ର.ସେ. ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଅଛି। ଏଥିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ବିଭାଗ/ ଉପବିଭାଗ ର ଜିଲ୍ଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି, ଡେପ୍ୟୁଟି କଲେକ୍ଟର ସଂନ୍ଧ୍ୟାଳୀ ମାଝୀ, ସୁଶ୍ରୀତା ଟୁଡୁ, ଡିଆଇପିଆରଓ ରବୀନ୍ଦ୍ର କୁମାର ନାୟକ ଆସିଷ୍ଟାଣ୍ଡ କଲେକ୍ଟର ପରମାନନ୍ଦ ପୃଷ୍ଟି ଏବଂ ସଂପୃକ୍ତ ବିଭାଗ ପଦାଧିକାରୀ ଓ କର୍ମଚାରୀ ମାନଙ୍କ ଉପସ୍ଥିତିରେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ୍ ସାମୁହିକ ଶପଥପାଠ କରାଇଥିଲେ। ସମାଜର ପ୍ରତ୍ୟେକ ସ୍ତରରେ ମୂଲ୍ୟବୋଧ ଭିର୍ତ୍ତିକ ସେବା ଯୋଗାଇ ଦେବା ନିମନ୍ତେ ସତର୍କତା ଅବଲମ୍ବନ ପୂର୍ବକ ସମସ୍ତ କାର୍ଯ୍ୟରେ ପ୍ରତ୍ୟେକ ସରକାରୀ କର୍ମଚାରୀ ନିଜର କାର୍ଯ୍ୟକ୍ଷେତ୍ରରେ ସାଧୁତା ଓ ସ୍ୱଚ୍ଛତା ବଜାୟ ରଖି କାର୍ଯ୍ୟ ସମ୍ପାଦନ କରିବା ପାଇଁ ଶପଥ ନେଇଥିଲେ। ଦୁର୍ନୀତି ନିବାରଣ ସପ୍ତାହ ପାଳନର ପ୍ରଥମ ଦିବସରେ ଜିଲ୍ଲାର ବିଭିନ୍ନ ସରକାରୀ ବିଭାଗ/ ସାଧାରଣ ଉଦ୍ୟୋଗ ଆଦି କାର୍ଯ୍ୟାଳୟରେ ସଂପୃକ୍ତ ଅଧିକାରୀ ଓ କର୍ମଚାରୀ ମାନେ ଶପଥ ନେଇଥିଲେ।

# ଜଳିଗଲା ୩ ବଖରା ଘର ବହୁ ସମ୍ପତି ନଷ୍ଟ

ନୀଳଗିରି ,୨୮।୧୦ (ନି.ପ୍ର): ନୀଳଗିରି ବ୍ଲକ ଅଧିନସ୍ଥ ଗରିଡିହି ପଂଚାୟତ ଗରଡିହି ଗ୍ରାମର ରବିନ୍ଦ୍ର ସିଂଙ୍କ ୩ ଖବରା ଘର ବିଦ୍ୟୁତ ସର୍ଟସରକିଟ ଯୋଗୁଁ ପୋଡି ଲକ୍ଷାଧିକ ଟଙ୍କାର ସମ୍ପର୍ତି ଭସ୍ମିଭୁତ ହୋଇଯାଇଛି। ଏପରିକି ଚାଉଳ, ଧାନ, ଲୁଗାପଟା, ଆସବାବପତ୍ର, ଖଟ , ଟିଭି, ପିଲାଙ୍କ ବହି ଖାତା ପୋଡି ଯାଇଥିବା ଜଣାପଡିଛି। ଖବର ପାଇ ଗରିବ ରବିନ୍ଦ୍ରକୁ ସହଯୋଗ ପାଇଁ ନୀଳଗିରି ନିର୍ବାଚନ ମଣ୍ଡଳୀର ବିଜୁ ଛାତ୍ର ଜନତା ଦଳର ସଭା ପତି ଫ୍ରାନସିସ ବେକନ ସ ଙ୍କ ନେତୃତ୍ୱରେ ଏକ ଟିମ୍ ତାଙ୍କ ଘରେ ପହଂଚି ରହିବା ପାଇଁ ପଲିଥିନ, ପିଲାଙ୍କ ପାଇଁ ପୋଷାକ ଓ ଘରର ସମସ୍ତ ସଦସ୍ୟଙ୍କ ପାଇ କମଳ ଲୁଗା ସହିତ ୭ ଦିନର ଶୁଖିଲା ଓ ରନ୍ଧା ଖାଦ୍ୟ ପାଇଁ ଚୁଡା,ଚିନି,ଚାଉଳ , ଅଟା, ଆଳୁ,ପିଆଜ , ଅଦା ,ରସୁଣ ,ତେଲ ଓ ପନିପରିବା ସହିତ ରବିନ୍ଦ୍ରଙ୍କୁ ଅର୍ଥିକ ସହାୟତା କରିଛନ୍ତି। ଉକ୍ତ ଟିମରେ ଛାତ୍ର ବିଜେଡିର କାର୍ଯ୍ୟକର୍ତା ଶିବାଜି ସିଂ, ଶୁସାନ୍ତ ସିଂ, ବୈଦ୍ୟନାଥ ସିଂ, ସରୋଜ ସେଠୀ, ପ୍ରିତମ ସେଠୀ ପ୍ରମୁଖ ସହଯୋଗ କରିଥିଲେ। ଛାତ୍ର ସଭାପତି ଫ୍ରାନସସଙ୍କ ଏପରି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଥିବା ବେଳେ ଗରିବ ରବିନ୍ଦ୍ରକୁ ସରକାରୀ ନିୟମ ଅନୁଯାୟୀ ସମସ୍ତ ସହାୟତା ଯୋଗାଇ ଦେବାକୁ ସେ ଉକଖଣ୍ଡ ପ୍ରଶାସନ ନିକଟରେ ଦାବୀ କରିଥିବା ଜଣାପଡିଛି।

# ହାଇଜେନିକ୍ ମତ୍ସ୍ୟ ବିପଣନ (କିଓସ୍କ) କେନ୍ଦ୍ର ଜିଲ୍ଲାପାଳଙ୍କ ଦ୍ୱାରା ଉଦ୍‌ଘାଟିତ

## ଉପକୃତ ହେବେ ମତ୍ସ୍ୟଚାଷୀ, ମତ୍ସ୍ୟଜୀବୀ ଓ ମହିଳା ଏସ୍‌ଏଚ୍‌ଜି




ବାରିପଦା,୨୮।୧୦ (ନି.ପ୍ର): ସରକାରଙ୍କ ମତ୍ସ୍ୟଚାଷ ଯୋଜନାରେ ମୟୂରଭଞ୍ଜ ଜିଲ୍ଲା ମତ୍ସ୍ୟ ଚାଷ କ୍ଷେତ୍ରରେ ମତ୍ସ୍ୟ ଚାଷୀ, ମତ୍ସ୍ୟଜୀବୀ ମାନଙ୍କୁ ସ୍ୱାବଲମ୍ବୀ କରାଯିବା ଲକ୍ଷ୍ୟ ନେଇ ମତ୍ସ୍ୟଚାଷକୁ ପ୍ରତ୍ସାହିତ କରାଯାଉଅଛି। ଏ ଦିଗରେ ମୟୁରଭ ଜିଲ୍ଲା ପ୍ରସାଶନ ତତ୍ୱାବଧାନରେ ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ମତ୍ସ୍ୟ ଚାଷର ବିକାଶ ଏବଂ ଉତ୍ପାଦନ ବୃଦ୍ଧି ପାଇଁ ମତ୍ସ୍ୟ ଚାଷ ପୋଖରୀ ଉନ୍ନତି କରଣ ସହିତ ବୈଷୟୀକ ଜ୍ଞାନ ଦକ୍ଷତା ଉପଯୋଗରେ ମାଛ ଚାଷ ଏବଂ ବିକ୍ରୟ ବଟା ପାଇଁ ବିପଣନ ବ୍ୟବସ୍ଥା ଆଦି ଆନୁସଂଗିକ ଯୋଜନା କାର୍ଯ୍ୟକାରୀ କରାଯାଇଅଛି। କ୍ଷେତ୍ରରେ ଜିଲ୍ଲା ସଦର ମହକୁମା ବାରିପଦା ଠାରେ ଶିମିଳିପାଳ ଆକ୍ୱା ଫ୍ରେସ ମତ୍ସ୍ୟ କ୍ରୟ ବିକ୍ରୟ (ବିପଣନ) କେନ୍ଦ୍ର ତା.୨୬.୧୦.୨୦୨୦ ରିଖ ପୂର୍ବାହ୍ନରେ ଜିଲ୍ଲାମତ୍ସ୍ୟ ବିଭାଗ ପକ୍ଷରୁ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ମତ୍ସ୍ୟ ବିଭାଗ ତତ୍ୱାବଧାନରେ ପରିଚାଳିତ ଶିମିଳିପାଳ ଆକ୍ୱା ଫ୍ରେସ୍ ମାଛ ବିପଣନ କେନ୍ଦ୍ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ବିନୀତ୍ ଭରଦ୍ୱାଜ୍ ଭା.ପ୍ର.ସେ., ସମ୍ମାନିତ ଅତିଥିଭାବରେ ବାରିପଦା ଉପଜିଲ୍ଲାପାଳ ତଥା ପୌର ନିର୍ବାହୀ ଅଧିକାରୀ ପି.ଅନେଷ୍ୱା ରେଡ୍ଡୀ, ଭା.ପ୍ର.ସେ. ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ବାରିପଦା ବସ' କୁମାର ସେଠୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ମୟୂରଭ ସୁଦାମ ଚରଣ ସାହୁ ଓ ଅଙ୍କୁର ମଲ୍ଲୀକ୍, ଏସଡିପିଓ ବିକେ ହରି ପ୍ରସାଦ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହିତ ମତ୍ସ୍ୟ ବିପଣନ କେନ୍ଦ୍ରର ଆନୁସଂଗିକ ଭିତିଭୂମି ତଥା ବିକ୍ରୟ ପାଇଁ ଥିବା ବିଭିନ୍ନ ପ୍ରକରର ମାଛ ବୁଲି ଦେଖିଥିଲେ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ୍ ସରକାରଙ୍କ ମତ୍ସ୍ୟ ବିଭାଗ ଯୋଜନା / ଆଇଟିଡିଏ ଯୋଜନା ସହାୟତାରେ ମତ୍ସ୍ୟଚାଷ କ୍ଷେତ୍ରରେ ଜିଲ୍ଲାର ମତ୍ସ୍ୟଚାଷୀ ଓ ମତ୍ସ୍ୟଜୀବୀ ମାନଙ୍କ ଦ୍ୱାରା ଉତ୍ପାଦିତ ମାଛର କ୍ରୟ ବିକ୍ରୟ (ବିପଣନ) ସୁବିଧା ଉପଯୋଗ ପାଇଁ ଶିମିଳିପାଳ ଆକ୍ୱା ଫ୍ରେଂସ (ମତ୍ସ୍ୟ ବିପଣନ) କିଓସ୍କ କେନ୍ଦ୍ର କାର୍ଯ୍ୟକାରୀ କରାଯାଇଥିବା ଉଲ୍ଲେଖ କରିବା ସହ ଏହାଦ୍ୱାରା ଜିଲ୍ଲାର ମତ୍ସ୍ୟଚାଷୀ, ମତ୍ସ୍ୟଜୀବୀ ବିଶେଷ କରି ଜିଲ୍ଲାରେ ଥିବା ସରକାରୀ ପୋଖରୀ ଲିଜ୍‌ରେ ନେଇ ମତ୍ସ୍ୟଚାଷ କରୁଥିବା ମହିଳା ସ୍ୱୟଂସହାୟୀକା ଗୋଷ୍ଠୀ ବିଶେଷ ଉପକୃତ ହେବା ସହ ସ୍ୱାବଲମ୍ବୀ ହୋଇ ପାରିବେ ବୋଲି ପ୍ରକାଶ କରିଥିଲେ। ମତ୍ସ୍ୟ ବିଭାଗ ଯୋଜନାରେ ଶିମିଳିପାଳ ଆକ୍ୱା ଫ୍ରେସ(ହାଇଜେନିକ୍ ମାଛ) ବିପଣନ (କିଓସ୍କ) କେନ୍ଦ୍ରର ସୁପରିଚାଳନା ତଥା କ୍ରୟ ବିକ୍ରୟ ପାଇଁ ଆନୁସଂଗିକ ଉପକରଣ ଯଥା ମତ୍ସ୍ୟ ସଂରକ୍ଷଣ ଉପକରଣ (ବରଫ ଶୀତଳିକରଣ ଚ୍ୟାମ୍ବର ଏବଂ ମତ୍ସ୍ୟ ଚାଷୀମାନଙ୍କ ଠାରୁ ସିଧାସଳଖ ମାଛ ଆଣିବା ପାଇଁ ସତନ୍ତ୍ର ଭ୍ୟାନ୍ (ଗାଡି) ଇତ୍ୟାଦି ଆଇଟିଡିଏ ଯୋଜନାରେ ସହାୟତା ଯୋଗାଇ ଦେବାର ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲାପାଳ ସୂଚାଇଥିଲେ। ଶିମିଳିପାଳ ଆକ୍ୱା ଫ୍ରେସ୍ ମତ୍ସ୍ୟ ପିପଣନ ବ୍ୟବସ୍ଥା ମାଧମରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ବିଭିନ୍ନ ପ୍ରକାର ତଟକା ମାଛ, ଚିଲିକା କଙ୍କଡା, ଚିଙ୍ଗୁଡି, ଇଲିସି ଏବଂ ଦେଶୀ ମାଛ ସୁଲଭ ମୂଲ୍ୟରେ ଉପଲବ୍ଧ ହେବା ସହ ଖାଉଟୀ ମାନଙ୍କ ଚାହିଦା ପୂରଣ ହୋଇପାରିବ। ଜିଲ୍ଲା ମତ୍ସ୍ୟ ଅଧିକାରୀ ସୁରେନ୍ଦ୍ର କୁମାର ଘଡେଇଙ୍କ ପ୍ରତେକ୍ଷ୍ୟ ସଂଯେଜନାରେ କାର୍ଯ୍ୟକ୍ରମ ପ ର ି ଚ ା ଳ ନ । କରାଯାଇଥିବାବେଳେ ଜିଲ୍ଲାର ସହକାରୀ ମତ୍ସ୍ୟ ଅଧିକାରୀ / କର୍ମଚାରୀ ମାନେ ସହଯୋଗ କରିଥଲେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲାର ବଡସାହି ତଥା ବିଭିନ୍ନ ବ୍ଲକ ଅଂଚଳର ମତ୍ସ୍ୟ ଚାଷୀ ଓ ମହିଳାସ୍ୱୟଂ ସହାୟୀକା ଗୋଷ୍ଠୀର ସଦସ୍ୟା ମାନେ ଯୋଗ ଦେଇଥିଲେ।

# ଓକିଲଗୁଡା ପଥର ଖାଦାନ ବିସ୍ଫୋରଣ ମାମଲା, ଆଉ ତିନି ଜଣଙ୍କୁ ପୋଲିସ୍ ଗିରଫ କରିଛି




ଗୁଣୁପୁର,୨୮।୧୦ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣପୁର ଓକିଲଗୁଡ଼ା ପଥର ଖାଦାନ ବିସ୍ଫୋରଣ ମାମଲାରେ ଶୁକ୍ରବାର ଦିନ ଓକିଲଗୁଡ଼ା ପଥର ଖାଦାନରେ ବାରୁଦ ବିସ୍ଫୋରଣ ଘଟି ୩ ଜଣ ଶ୍ରମିକଙ୍କ ମୃତ୍ୟୁବରଣ ହେବା ପରେ ଘଟଣାର ଆରମ୍ଭ ହୋଇଛି କାର୍ଯ୍ୟାନୁଷ୍ଠାନ । ଗତ ଦିନରେ ରାୟଗଡ଼ା ଜିଲ୍ଲାପାଳ ଜଣେ ଆରଆଇ ଓ ଜଣେ ଏଆରଆଇଙ୍କୁ କାରଣ ସ୍ୱଷ୍ଟୀକରଣ ପାଇଁ ଆଦେଶ ଦେଇଥିବା ବେଳେ ଆଉ ଜଣେ ଏ ଆରଆଇଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିଲେ ଏବଂ ହସିଲଦାରଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟସରକାରଙ୍କୁ ସୁପାରିଶ କରିଥିଲେ । ପରେ ତହସିଲଦାରଙ୍କୁ ରାଜ୍ୟ ସରକାର ନିଲମ୍ବିତ କରିଥିଲେ । ଗତ ୨୦/୧୦/୨୦୨୦ ରିଖରେ ପୋଲିସ୍ ହରିଶ୍ଚନ୍ଦ୍ର ଗମାଙ୍ଗଙ୍କୁ ଗିରଫ କରିଥିଲା। ଅନ୍ୟମାନେ ଫେରାର ଥିବାରୁ ପୋଲିସ୍ ଏକ ଟିମ୍ ଆଇ ଆଇ ସି ରଶ୍ମିରଜ ପ୍ରଧାନଙ୍କ ନେତୃତ୍ୱରେ ଗଠନ କରାଯାଇଥିଲା। ପୋଲିସ୍ ସଫଳତା ପୂର୍ବକ ଆଜି ମୁଖ୍ୟ ଅଭିଯୁକ୍ତଙ୍କ ସହ ଅନ୍ୟ ୨ ଜଣଙ୍କୁ ଅର୍ଥାତ୍ ସମୁଦାୟ ୩ ଜଣଙ୍କୁ ଆଜି ପୋଲିସ୍ ଗିରଫ କରି କୋର୍ଟ ଚାଲାଣ କରିଥିବା ପ୍ରକାଶ କରିଛି। ମୁଖ୍ୟ ଅଭିଯୁକ୍ତ ତଥା ପ୍ରଦୀପ ଯୋଗୀ (୩୮) ଯାହାଙ୍କ ନାମରେ ଓକିଲଗୁଡ଼ା କୁଆରି ର ଟେଣ୍ଡର ପ୍ରାପ୍ତ ହୋଇଛି। ଏବଂ ତାଙ୍କ ଭାଇ ପ୍ରତାପ ଯୋଗୀ ଯିଏ ଖାଦାନ ର ସମସ୍ତ ବିଷୟ ବୁଝନ୍ତି ଏବଂ ତାଙ୍କ ପିତା ଘାସି ଯୋଗୀ ଯାହାଙ୍କ ନାମରେ ଖାଦାନର କ୍ରସର୍ ମେସିନ ଅଛି। ଏବଂ ଏହି ପରିବାର ସମସ୍ତ ବ୍ୟକ୍ତି ଗୋଟିଏ ପରିବାର ହୋଇଥିବାରୁ ତାଙ୍କର ଏହା ଏକ ପାରିବାରିକ ବ୍ୟାପାର ବୋଲି ମତ ପ୍ରକାଶ ପାଇଛି। ପୋଲିସ୍ ଏହି ତିନି ଅଭିଯୁକ୍ତଙ୍କୁ ଆଜି ୨୮୬/୩୨୬/ ୩୦୪/୨୦୧/୩ଏ / ଆଇ ପିସି / ଜଡ ସେକସନ୍ ୩/ ୪/୫ ଇଏସଆକ୍ଟ ୧୯୦୮ ରେ କୋର୍ଟ ଚାଲାଣ କରିଛି। ଏବଂ ଆଗକୁ ଆହୁରି ଅନୁସନ୍ଧାନ ଜାରୀ ରହିଥିବା ଗୁଣୁପୁର ଆଦର୍ଶ ଥାନା ଆଇଆଇସି ରଶ୍ମି ରଜ ପ୍ରଧାନ ପ୍ରକାଶ କରିଛନ୍ତି।

# ଶ୍ରୀଜଗନ୍ନାଥଙ୍କ ଧର୍ମଧାରାକୁ ଆପଣେଇ ନେଲେ ଆମେ ସମସ୍ତ ବିପଦରୁ ଉଦ୍ଧାର ପାଇବା : ଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ଜିଲ୍ଲା କାର୍ଯ୍ୟାଳୟ ଉଦ୍‌ଘାଟିତ




ଭଦ୍ରକ,୨୭।୧୦(ହି.ସ) : ଶ୍ରୀଜଗନ୍ନାଥଙ୍କ ଧର୍ମଧାରାକୁ ଆପଣେଇଲେ ଆମ୍ଭେ ସମସ୍ତ ବିପଦରୁ ଉଦ୍ଧାର ପାଇ ପାରିବା ବୋଲି ଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ଜିଲ୍ଲା କାର୍ଯ୍ୟାଳୟ ଉଦ୍‌ଘାଟନ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଭଦ୍ରକ ନୂଆ ବସ୍‌ଷ୍ଟାଣ୍ଡ ବିଜୟ କୁମାର ବେହେରାଙ୍କ ବାସଭବନ ନିକଟରେ ଏହି କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗିରଥୀ ନନ୍ଦଶର୍ମା ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଚାର ସମିତିର ଏକ ଜିଲ୍ଲାସ୍ତରୀୟ ଅଫିସ ଗୃହର ଆବଶ୍ୟକତାକୁ ଉପଲବ୍ଧି କରି ବହୁ ଦିନରୁ ଏକ କାର୍ଯ୍ୟାଳୟ କରାଯିବାକୁ ଚେଷ୍ଟା ଜାରି ରହିଥିଲା। ତେବେ ପ୍ରଚାର ସମିତିର ନିଜସ୍ୱ ଜାଗା ନ ଥିବାରୁ ପ୍ରାଥମିକ ପର୍ଯ୍ୟାୟରେ ଏକ ଅସ୍ଥାୟୀ ଘରେ ଏହି କାର୍ଯ୍ୟାଳୟକୁ ସ୍ଥାପନ କରାଯାଇଛି। ପରବର୍ତ୍ତୀ ସମୟରେ ଏହାର ଏକ ସ୍ଥାୟୀ କାର୍ଯ୍ୟାଳୟ କରାଯିବ ବୋଲି ପ୍ରଚାର ସମିତିର ମୁଖ୍ୟ ସଂଯୋଜକ ସେବକ ଶରତ କୁମାର ସାହୁ ପ୍ରକାଶ କରିଥିଲେ। ପୂର୍ବାହ୍ନରେ ଉକ୍ତ ଗୃହରେ ଶ୍ରୀଜଗନ୍ନାଥଙ୍କ ଷୋଡଶ ଉପଚାର ପୂଜା, ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପୂଜାପାଠ ପରେ ଗୃହ ପ୍ରବେଶ କରାଯାଇ ଏକ ସଭା କୋବିଡ୍ ଆଇନ ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଚାର ସମିତିର ସମସ୍ତ ସେବକ, ପ୍ରବଚକ, ପ୍ରବଚିକା ଯୋଗ ଦେଇ ଶ୍ରୀଜଗନ୍ନାଥଙ୍କ ତଥ୍ୟ ଓ ତତ୍ତ୍ୱ ଉପରେ ଆଲୋକପାତ କରି ଶ୍ରୀଜଗନ୍ନାଥ ହେଉଛନ୍ତି ଭାବ, ଭକ୍ତି ଓ ସମର୍ପିତ ପ୍ରାଣର ଦେବତା ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲା ପ୍ରଚାର ସମିତିର ପ୍ରବଚକ ଅଧାପକ ପୂର୍ଣ୍ଣଚନ୍ଦ୍ର ନାୟକ, ଲକ୍ଷ୍ମୀଧର ଶତପଥୀ, ଭଦ୍ରକ ଜିଲ୍ଲାର ପ୍ରବଚିକା ବିଶ୍ୱମୈତ୍ରୀ ନାୟକ, ତପସ୍ୱିନୀ ପାଢୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସଂଯୋଜକ ସେବକ ଶ୍ରୀ ସାହୁ ପବିତ୍ର ବିଜୟା ଦଶମୀର ଅଭିନନ୍ଦନ ଜଣାଇବା ସହ ଜଗନ୍ନାଥଙ୍କ ଠାରେ ସମସ୍ତଙ୍କ ମଙ୍ଗଳକାମନା କରିଥିଲେ। ସମିତିର ଉପଦେଷ୍ଟା ନିଶାକର ସାହୁ, ପଦ୍ମଲୋଚନ ମହାପାତ୍ର, କାଶୀନାଥ ପଣ୍ଡା, ବାବୁଲାଲ ଦାସ, ପ୍ରଶାନ୍ତ କୁମାର ଦେ, ନାରାୟଣ ଚନ୍ଦ୍ର ପ୍ରଧାନ, ସଦାନନ୍ଦ ସାହୁ, ଲକ୍ଷ୍ମୀଧର ଖଟୁଆ, କମଳାକାନ୍ତ ମଲ୍ଲିକ, ହରିହର ଦାସ, ସନେଇ ଶିଅଳ, ବିଜୟ କୁମାର ବେହେରା, କମଳା ବେହେରା, ଗୋପବନ୍ଧୁ ବେହେରା ପ୍ରମୁଖ ବହୁ ସେବକ ଯୋଗ ଦେଇଥିଲେ।

# କେନ୍ଦ୍ର ସରକାରଙ୍କ ଶ୍ରମ ଆଇନକୁ ବିରୋଧ କରି ବିଏମ୍ଏସ୍ ପକ୍ଷରୁ ବିକ୍ଷୋଭ



ଭଦ୍ରକ,୨୮।୧୦ (ନି.ପ୍ର): କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ଶ୍ରମ ଆଇନ ବିରୋଧରେ ଭାରତୀୟ ମଜଦୁର ସଂଘ ଏବଂ ସଂଘ ଦ୍ୱାରା ପରିଚାଳିତ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଜିଲ୍ଲା ସଦର ମହକୁମା ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ କାର୍ଯ୍ୟବନ୍ଦ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭାରତୀୟ ମଜଦୁର ସଂଘର ଜିଲ୍ଲା ଶାଖା ପକ୍ଷରୁ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲା ସମ୍ପାଦକ ମୁକ୍ତିକାନ୍ତ ସାହୁ, ପରେଶନାଥ ଧଳଙ୍କ ନେତୃତ୍ୱରେ କମଳାକାନ୍ତ ସାହୁ, ଲକ୍ଷ୍ମୀପ୍ରିୟା ରାଉତ, ପଙ୍କଜିନୀ ସେଠୀ, ବାସନ୍ତୀ ଦାସ ପ୍ରମୁଖଙ୍କ ଦ୍ୱାରା ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ବେଳେ ଧାମରା ବନ୍ଦର କର୍ମଚାରୀ ସଂଘ ପକ୍ଷରୁ ସମ୍ପାଦକ ପ୍ରଫୁଲ୍ଲ ସେଠୀ, ବିଏମ୍ଏସ୍ ଜିଲ୍ଲା ସଭାପତି ମନୋଜ ବସନ୍ତ ରାୟଙ୍କ ନେତୃତ୍ୱରେ ଧାମରା ବନ୍ଦର ମୁଖ୍ୟ ଫାଟକ ଏବଂ ମନୋଜ ଲେଙ୍କା, ଚନ୍ଦ୍ରଶେଖର ଜେନା, ବିଜୟ ପ୍ରତାପ ଜେନା, ଲକ୍ଷ୍ମୀକାନ୍ତ ଦାସଙ୍କ ନେତୃତ୍ୱରେ ଧାମରା ଏଲ୍ଏନ୍‌ଜି ଟର୍ମିନାଲ ସମ୍ମୁଖରେ, ଧାମରା ବନ୍ଦର କର୍ମଚାରୀ ସଂଘ ରେଲୱେ ଶାଖା ପକ୍ଷରୁ ସଭାପତି ଶାନ୍ତନୁ ମହାପାତ୍ର, ବିଏମ୍ଏସ୍‌ର ଜିଲ୍ଲା ଉପସଭାପତି ବସନ୍ତ ରାଉତ, ରେଲୱେ ଶାଖାର ରଂଜନ ମହାନ୍ତି, ସରୋଜ ଜେନା, ଶଶୀକାନ୍ତ ସାହୁ, ହେମନ୍ତ ନାୟକ, ତାପସ ଘଡେଇ, ବିଚିତ୍ର ବାରିକ, ବିଶ୍ୱକର୍ମା ମଜଦୁର ସଂଘ ପକ୍ଷରୁ ନଳାଙ୍ଗ ସ୍ଥିତ ଦିଲିପ ବିଲ୍ଡକନ ଭଦ୍ରକ ସାଇଟ ଠାରେ ବିଜୟ ପାଣି, ସୁନିଲ ନାୟକ, ଜ୍ୟୋତିପ୍ରକାଶ ଦାସ, ବିଦ୍ୟାଧର ସେଠୀ, ପ୍ରଦୀପ ସାମଲ, ପ୍ରକାଶ ପାତ୍ର, ଆଶୁତୋଷ ପାଣି, ରତନ ପାଣି, ବିଜୟ କୁମାର ମିଶ୍ର, ଉତ୍କଳ ଫ୍ଲୋରମିଲ୍ ସଂଘ ପକ୍ଷରୁ ଚରମ୍ପା ଫ୍ଲୋରମିଲ ଠାରେ ଉଦୟ ବେହେରା, ନିର୍ମଳ ବେହେରା ପ୍ରମୁଖଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ସମସ୍ତ ବିକ୍ଷୋଭ ସ୍ଥଳରେ ପ୍ରଧାନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କର୍ତ୍ତୃପକ୍ଷଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଥିଲା। କେନ୍ଦ୍ର ସରକାର ନୂତନ ଶ୍ରମ ଆଇନରେ ୪ଟି ଶ୍ରମିକ କୋଡ ଯାହା ୨୯ଟି ଶ୍ରମ ନିୟମକୁ ରଦ୍ଦ କରି ପ୍ରସ୍ତୁତ କରାଯାଇଛି। ସେଥିରେ ଅନେକ ବିଷୟକୁ ଆଇନ ସମ୍ମତ ଦର୍ଶା ଯାଇଥିବା ବେଳେ ଅନେକ ବନ୍ଦ ଓ ନିୟନ୍ତ୍ରଣ ବିଷୟରେ ମାଲିକ, ଠିକାଦାର ଓ ଅନ୍ୟାନ୍ୟ ନିଯୁକ୍ତିଦାତାଙ୍କୁ ଶ୍ରମିକମାନଙ୍କୁ ଶୋଷଣ କରିବାର ରାସ୍ତା ପ୍ରଶସ୍ତ ହୋଇଛି। ଫଳରେ ଆଗାମୀ ଦିନରେ ଶ୍ରମିକ ଅସନ୍ତୋଷ ବୃଦ୍ଧି ହେବା ସ୍ୱାଭାବିକ। ତୁରନ୍ତ ଏହି ନୂତନ ଶ୍ରମ ଆଇନକୁ ବନ୍ଦ କରିବା ପାଇଁ ଦାବୀପତ୍ରରେ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି।

## ରାୟଗଡ଼ାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

ରାୟଗଡ଼ା ,୨୮।୧୦ (ନି.ପ୍ର): ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ମୁତାବକ ମଙ୍ଗଳବାର ରାୟଗଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଦୁର୍ନିତୀ ନିବାରଣ ସପ୍ତାହ ପାଳନ କରାଯାଇଛି। ଜିଲ୍ଲାପାଳ ପ୍ରମୋଦ କୁମାର ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟାଳୟରେ କାର୍ଯ୍ୟରତ ସମସ୍ତ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ଦୁର୍ନୀତି ବିରୋଧରେ ଶପଥପାଠ ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ପଣ୍ଡା, ଜିଲ୍ଲା ସୂଚନା ଅଧିକାରୀ ବସନ୍ତ କୁମାର ପ୍ରଧାନ ଓ ଯୋଜନା ଉପନିର୍ଦ୍ଦେଶକ ଭାସ୍କର ଚନ୍ଦ୍ର ଜେନା ଉପସ୍ଥିତ ରହି ଶପଥପାଠ କରିଛନ୍ତି। ସେହିପରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ ରାୟଗଡ଼ା ବ୍ଲକ କାର୍ଯ୍ୟାଳୟରେ ମଧ ଅନୁରୂପ ଭାବେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଇଛି।


## ମହାବାତ୍ୟା ସ୍ମାରକୀ ମକଡ୍ରିଲ ପ୍ରସ୍ତୁତି ବୈଠକ




ବାଲେଶ୍ୱର,୨୮।୧୦ (ନି.ପ୍ର): ୧୯୯୯ ମସିହାର ମହାବାତ୍ୟା କରାଳ ଚିତ୍ରକୁ ମନେ ପକାଇ ଓଡ଼ିଶାରେ ପ୍ରତିବର୍ଷ ଅକ୍ଟୋବର ମାସ୨୯ତାରିଖରେ ଏହାର ସ୍ମାରକୀ ଦିବସ ପାଳିତ ହୋଇଆସୁଛି। ବିଶେଷ କରି ବନ୍ୟା ବାତ୍ୟାଭଳି ପ୍ରାକୃତିକ ବିପର୍ଯ୍ୟୟରୁ ନିଜକୁ ଅନ୍ୟକୁ କିପରି ସୁରକ୍ଷିତ ରଖାଯାଇ ପାରିବ ସେ ସମ୍ପର୍କରେ ପ୍ରତିବର୍ଷ ସରକାରଙ୍କ ପକ୍ଷରୁ ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ମକଡ୍ରିଲ୍ ଆୟୋଜନ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ଉପ-ଜିଲ୍ଲାପାଳ ହରିଶ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ନୀଳଗିରି ବ୍ଲକ ଅଯୋଧ୍ୟା ଗ୍ରାମ ପଂଚାୟତର ଖସାପଡିଆ ଗ୍ରାମ ସୋନ ନଦୀ ତଟରେ ଆସନ୍ତା କାଲି ହେବାକୁ ଥିବା ବନ୍ୟା ଉଦ୍ଧାର ମକଡ୍ରିଲ ନିମନ୍ତେ ହୋଇଥିବା ବିଭିନ୍ନ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ମୁଖ୍ୟତଃ ବନ୍ୟା ଭଳି ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ କିଭଳି ପଦକ୍ଷେପ ନିଆଯାଇପାରିବ ସେ ସମ୍ପର୍କିତ ବିଭିନ୍ନ କୌଶଳ ପ୍ରଦର୍ଶିତ କରାଯିବା ସହିତ ଏ ସମ୍ପର୍କରେ ଅଭ୍ୟାସ ଏହି ମକଡ୍ରିଲରେ କରାଯିବ। ବାଲେଶ୍ୱର ଜିଲ୍ଲା ବିଭିନ୍ନ ସମୟରେ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ବେଳେ ଉପଯୁକ୍ତ ଯୋଜନା ଓ ପୂର୍ବ ପ୍ରସ୍ତୁତି ଦ୍ୱାରା ଧନଜୀବନର ସୁରକ୍ଷା ହୋଇପାରିବ ବୋଲି ଉପଜିଲ୍ଲାପାଳ ଶ୍ରୀ ଜେନା ମତବ୍ୟକ୍ତ କରିଥିଲେ। ମକଡ୍ରିଲ ସମୟରେ ଧନଜୀବନର ରକ୍ଷାକୁ କିଭଳି ପ୍ରାଧାନ୍ୟ ଦିଆଯିବ ସେ ସମ୍ବନ୍ଧିତ କୌଶଳ ପ୍ରଦର୍ଶନ କରାଯିବ। ଗର୍ଭବତୀ ମହିଳା, ଦିବ୍ୟାଙ୍ଗ ବ୍ୟକ୍ତି, ବୃଦ୍ଧ-ବୃଦ୍ଧା ଏବଂ ଶିଶୁମାନଙ୍କୁ ପ୍ରାଥମିକତା ଦେଇ ଉଦ୍ଧାର କାର୍ଯ୍ୟ ସମ୍ପନ୍ନ କରିବା ନିମନ୍ତେ ଗୁରୁତ୍ୱ ଦେବାକୁ ଅଂଶଗ୍ରହଣକାରୀମାନଙ୍କୁ ଏଥିରେ ତାଲିମ ପ୍ରଦାନ କରାଯିବ। ବୈଠକରେ ଏନଡିଆରଏଫ ଡେପୁଟୀ କମାଣ୍ଡଂଟ ବର୍ଦ୍ଧମାନ ମିଶ୍ରା ଯୋଗ ଦେଇ ନିଜର ଅନୁଭୂତି ବଖାଣିବା ସହ ବନ୍ୟା ସମୟରେ କିଭଳି ଭାବେ ସୂଚାରୁ ରୂପେ ଉଦ୍ଧାର କାର୍ଯ୍ୟକୁ ସମ୍ପନ୍ନ କରାଯିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ଜରୁରୀକାଳୀନ ଅଧିକାରୀ ତାପସ କୁମାର ସେଠୀ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁ, ଜିଲ୍ଲା ପ୍ରକଳ୍ପ ଅଧିକାରୀ, ଓସଡାମାର ଅବନୀକାନ୍ତ ଭୂୟାଁ, ଜିଲ୍ଲା ପ୍ରକଳ୍ପ ଅଧିକାରୀ, ୟୁ.ଏନ.ଡି.ପି. ଗୋପାଳ ବାରିକ ପ୍ରମୁଖ ମଂଚାସୀନ ଥିବା ବେଳେ ଅଗ୍ନିଶମ ବିଭାଗ ଅଧିକାରୀ ପୂରନ ସୋରେନ୍‌ଙ୍କ ସମେତ ବିଭିନ୍ନ ଏନ.ଜି.ଓ.ର ସମ୍ପାଦକମାନେ ବୈଠକରେ ଉପସ୍ଥିତ ରହି ନିଜ ନିଜର ମତାମତ ରଖିଥିଲେ। ଓସଡାମା ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶ୍ରୀ ଭୂୟାଁ ଏବଂ ଏନଡିଆରଏ 'ଇନସପେକ୍ଟର ମନୋରଞ୍ଜନ ମହାନ୍ତି ମକଡ୍ରିଲର ବିଭିନ୍ନ ଦିଗ, ଟେବୁଲ ଟପ ଏକ୍ସରସାଇଜ ଓ ବନ୍ୟା ସମୟରେ ସୂଚନା ପ୍ରଦାନ ଏବଂ ଉଦ୍ଧାର କାର୍ଯ୍ୟର ପରିଚାଳନା ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ।

## ପିଆଇବି ପକ୍ଷରୁ ଅଖଣ୍ଡ ଭାରତ ଗଠନରେ ସର୍ଦ୍ଦାର ପଟେଲଙ୍କ ଭୂମିକା ଶୀର୍ଷକ ୱେବିନାର ଅନୁଷ୍ଠିତ

♦ ଆଧୁନିକ ଅଖଣ୍ଡ ଭାରତର ସ୍ଥପତି ଥିଲେ ସର୍ଦ୍ଦାର ପଟେଲ
♦ ଯୁବପିଢ଼ି ଲୌହମାନବଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ




ଭୁବନେଶ୍ୱର ,୨୮।୧୦ (ନି.ପ୍ର): ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ (୩୧ ଅକ୍ଟୋବର)ର ଅବ୍ୟବହିତ ପୂର୍ବରୁ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି)ର ଓଡ଼ିଶା ଶାଖା ପକ୍ଷରୁ ନ୍ତଅଖଣ୍ଡ ଭାରତ ଗଠନରେ ସର୍ଦ୍ଦାର ପଟେଲଙ୍କ ଭୂମିକାନ୍ତ ଶୀର୍ଷକ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ସୂଚନା ପ୍ରସାରଣ ମନ୍ତ୍ରଣାଳୟର ଓଡ଼ିଶା ପ୍ରାନ୍ତ ଅତିରିକ୍ତ ମହାନିର୍ଦ୍ଦେଶକ ଶୈଳେଶ କୁମାର ମାଲବ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ୱେବିନାରରେ ମୁଖ୍ୟବକ୍ତା ଭାବେ ପୂର୍ବତନ ସାଂସଦ ତଥା ରାଜ୍ୟ ବିଜେପି ଉପସଭାପତି ବଳଭଦ୍ର ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ, ଲେଖକ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା ପ୍ରଫେସର. ପ୍ରଫୁଲ୍ଲ କୁମାର ମହାନ୍ତି, ବିଶିଷ୍ଟ ସାମ୍ବାଦିକ, ଲେଖକ ତଥା ସୁବାର୍ତ୍ତାର ସମ୍ପାଦକ ପ୍ରଦ୍ୟୁମ୍ନ ଶତପଥୀ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ୱେବିନାରର ଅଧକ୍ଷତା କରି ଶ୍ରୀ ମାଲବ୍ୟ ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହିତ ମହାନ ରାଷ୍ଟ୍ରନୀତିଜ୍ଞ ଲୌହ ମାନବ ସର୍ଦ୍ଦାର ପଟେଲଙ୍କ ଜୀବନାଦର୍ଶ ଉପରେ ସମ୍ୟକ ଆଲୋକପାତ କରିଥିଲେ। ଶ୍ରୀ ମାଲବ୍ୟ କହିଥିଲେ ଯେ ସର୍ଦ୍ଦାର ପଟେଲଙ୍କର ଅଖଣ୍ଡ ଭାରତ ଗଠନରେ ମହାନ ଯୋଗଦାନ ରହିଥିଲା। ତାଙ୍କ ବିଷୟରେ ଥରେ ମହାତ୍ମା ଗାନ୍ଧୀ କହିଥିଲେ ଯେ ଯେତେବଡ଼ ସମସ୍ୟା ହେଉ ପଛେ ତା'ର ସମାଧାନ କେବଳ ସର୍ଦ୍ଦାର ପଟେଲଙ୍କ ଦ୍ୱାରା ହୋଇପାରିବ। ସେ ଭାରତୀୟ ପ୍ରଶାସନିକ ସେବାର ସ୍ଥପତି ଥିଲେ, ଏହାକୁ ସେ ସ୍ୱଚ୍ଛତା, ପାରଦର୍ଶିତା ଓ ନିରପେକ୍ଷତାରେ ଆଧାରରେ ଗଠନ କରିଥିଲେ। ମୁଖ୍ୟ ବକ୍ତା ଶ୍ରୀ ମାଝୀ ଭାରତର ସାଂସ୍କୃତିକ ଓ ରାଜନୈତିକ ଅଖଣ୍ଡତାର ଇତିହାସ ଉପରେ ଆଲୋକପାତ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଭାରତର ସାଂସ୍କୃତିକ ଐକ୍ୟ ପଶ୍ଚିମରେ ଆଫଗାନିସ୍ତାନ ଠାରୁ ଆରମ୍ଭ କରି ପୂର୍ବରେ ଚୀନ ପର୍ଯ୍ୟନ୍ତ ଏବଂ ଦକ୍ଷିଣରେ ବାଲି ଦ୍ୱୀପ, ଇଣ୍ଡୋନେସିଆ ପର୍ଯ୍ୟନ୍ତ ବ୍ୟାପି ରହିଥିଲା। କିନ୍ତୁ ଏହି ଭାରତ ବର୍ଷକୁ ରାଜନୈତିକ ଏକତା ପ୍ରଦାନ କରିବା ଲାଗି ଇତିହାସର ମହାନ ଶାସକ ଅଶୋକ ଏବଂ ପରେ ମୋଗଲ ସମ୍ରାଟ ଆକବର ମଧ ସମର୍ଥ ହୋଇପାରିନଥିଲେ। ଯାହାଫଳରେ ବିଭାଜିତ ଭାରତ ବର୍ଷକୁ ବାଣିଜ୍ୟ କରିବା ଲାଗି ଆସିଥିବା ଇଂରେଜମାନେ ଏହାର ଲାଭ ଉଠାଇ ସମ୍ପୂର୍ଣ୍ଣ ଭାରତ ବର୍ଷରେ ସେମାନଙ୍କର ଉପନିବେଶବାଦକୁ ପ୍ରସାରିତ କରିଥିଲେ। ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଭାରତରେ ସ୍ୱାଧୀନତା ଆନ୍ଦୋଳନ ତୀବ୍ର ଆକାର ଧାରଣ କରିବା ପରେ ଇଂରେଜମାନେ ଭାରତକୁ ସ୍ୱାଧୀନତା ଦେବାକୁ ବାଧ ହୋଇଥିଲେ। ଏହାପରେ ଶହ ଶହ ଦେଶୀୟ, ଗଡ଼ଜାତ ରାଜ୍ୟରେ ବିଖଣ୍ଡିତ ହୋଇ ରହିଥିବା ଭାରତକୁ ଗୋଟିଏ ଭୂଖଣ୍ଡରେ ପରିଣତ କରିବାର ଗୁରୁଦାୟିତ୍ୱ ଲୌହପୁରୁଷ ସର୍ଦ୍ଦାର ପଟେଲଙ୍କୁ ମିଳିଥିଲା, ଯାହାକୁ ସେ ସଠିକ ଭାବେ ନିର୍ବାହ କରିଥିଲେ। ତାଙ୍କର ସଫଳ ଉଦ୍ୟମ କ୍ରମେ ୫୬୨ଟି ଦେଶୀୟ ରାଜ୍ୟ ଅଖଣ୍ଡ ଭାରତରେ ସାମିଲ ହୋଇଥିଲା। ସେହିପରି ଓଡ଼ିଶାରେ ମଧ ୨୬ଟି ଦେଶୀୟ ରାଜ୍ୟ ମୂଳ ଭାରତ ଭୂଖଣ୍ଡ ସହ ମିଶିଥିଲେ। ବିଶେଷ କରି ଜୁନାଗଡ଼, ହାଇଦ୍ରାବାଦ ଭଳି ଦେଶୀୟ ରାଜ୍ୟକୁ ଭାରତରେ ମିଶାଇବା କ୍ଷେତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥିଲା। ସର୍ଦ୍ଦାର ପଟେଲ କଶ୍ମୀର ବ୍ୟାପାରରେ ସମ୍ପୃକ୍ତ ହୋଇଥିଲେ ଆଜି ଏହା ଏକ ସମସ୍ୟା ହୋଇ ରହିନଥାନ୍ତା। ତୁଳସୀ ଦୁଇ ପତ୍ରରୁ ବାସିଲା ପରି ସର୍ଦ୍ଦାର ପଟେଲ ପିଲାଦିନୁ ବେଶ ଦୃଢ଼ମନା ଥିଲେ। ତାଙ୍କର ବାଲ୍ୟ ଜୀବନ, ବିଲାତରେ ଓକିଲାତି, ସ୍ୱାଧୀନତା ଆନ୍ଦୋଳନରେ ଅଂଶଗ୍ରହଣ, ଅହମ୍ମଦାବାଦ ମହାନଗରର ପ୍ରଶାସକ ଦାୟିତ୍ୱ ନିର୍ବାହ, ଭାରତର ଉପପ୍ରଧାନମନ୍ତ୍ରୀ ଭାବେ ଗୃହ ମନ୍ତ୍ରଣାଳୟର ଗୁରୁଦାୟିତ୍ୱ ତୁଲାଇବା ଆଦି ଦେଶବାସୀ, ବିଶେଷ କରି ବର୍ତ୍ତମାନର ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ସ୍ରୋତ ବୋଲି ପୂର୍ବତନ ସାଂସଦ ଶ୍ରୀ ମାଝୀ କହିଥିଲେ। ସେ ଆହୁରି କହିଥିଲେ ଯେ ସ୍ୱାଧୀନତା ପରବର୍ତ୍ତୀ ଭାରତ ବର୍ଷରେ ସର୍ଦ୍ଦାର ପଟେଲଙ୍କୁ ଯେତିକି ସମ୍ମାନ ମିଳିବା କଥା ତାହା ମିଳିପାରିନାହିଁ। ଅଖଣ୍ଡ ଭାରତ ଗଠନରେ ତାଙ୍କର ଭୂମିକା ସମ୍ପର୍କରେ ବର୍ତ୍ତମାନର ପିଢ଼ିଙ୍କୁ ଅବଗତ କରାଇବା ହେବ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଳି। ସେହିପରି ଅନ୍ୟତମ ବକ୍ତା ପ୍ରଫେସର ମହାନ୍ତି ସର୍ଦ୍ଦାର ପଟେଲଙ୍କୁ ଆଧୁନିକ ଅଖଣ୍ଡ ଭାରତ ଏବଂ ଆଧୁନିକ ଭାରତୀୟ ପ୍ରଶାସନିକ ସେବାର ସ୍ଥପତି ଭାବେ ଅଭିହିତ କରିଥିଲେ। ସେ କହିଥିଲେ ଯେ ଭାରତର ବିଭାଜନ ସର୍ଦ୍ଦାର ପଟେଲଙ୍କୁ ଅଶେଷ ଯନ୍ତ୍ରଣା ଦେଇଥିଲା। ତଥାପି ସେ ଭାରତର ରାଜନୈତିକ ଐକ୍ୟ ପ୍ରତି ବଳିଷ୍ଠ ଯୋଗଦାନ ଦେଇଯାଇଛନ୍ତି। ସର୍ଦ୍ଦାର ପଟେଲଙ୍କୁ ଦୂରରେ ରଖାଯିବା ଯୋଗୁ କଶ୍ମୀର ପ୍ରସଙ୍ଗ ଆଜି ଏକ ସମସ୍ୟା ଭାବେ ଉଭା ହୋଇଛି। ପିଓକେ ଓ ଅକସାଇ ଚୀନ ଭାରତ ପାଇଁ ସମସ୍ୟା ସୃଷ୍ଟି କରୁଛନ୍ତି। ବର୍ତ୍ତମାନର ଯୁବପିଢ଼ି ସର୍ଦ୍ଦାର ପଟେଲଙ୍କ ରାଷ୍ଟ୍ର ଗଠନରେ ବଳିଷ୍ଠ ଯୋଗଦାନକୁ ସ୍ମରଣ କରିବା ସହିତ ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେବାକୁ ପ୍ରଫେସର ମହାନ୍ତି ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିବା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ଓଡ଼ିଶା ସହିତ ସର୍ଦ୍ଦାର ପଟେଲଙ୍କ ସମ୍ପର୍କର ଅବତାରଣା କରିଥିଲେ। ସେ କହିଥିଲେ ଯେ ସର୍ଦ୍ଦାର ପଟେଲ ଯେତେବେଳେ ବିଲାତକୁ ଓକିଲାତି ପଢ଼ିବା ପାଇଁ ଯାଇଥିଲେ ଓଡ଼ିଆ ମାଟିର ଅନ୍ୟତମ ସୁଯୋଗ୍ୟ ସନ୍ତାନ ବିଶ୍ୱନାଥ ମିଶ୍ର ତାଙ୍କର ସହପାଠୀ ଥିଲେ। ୧୯୩୭ ମସିହାରେ ସର୍ଦ୍ଦାର ପଟେଲ ଓଡ଼ିଶା ଆସି ଡେଲାଙ୍ଗର ବେରବୋଇ ଠାରେ ଏକ ଜନସଭାରେ ଉଦବୋଧନ ଦେଇଥିଲେ। ଏହି ଅବସରରେ ସେ ସାଧାରଣ ଜନତାଙ୍କ ପ୍ରତି ଗଡ଼ଜାତ ରାଜାମାନଙ୍କର ଅତ୍ୟାଚାରର ପ୍ରତିବାଦ କରିଥିଲେ। ସର୍ଦ୍ଦାର ପଟେଲ ଭାରତୀୟତାର ଯେଉଁ ଗର୍ବବୋଧ ଜାଗ୍ରତ କରିଥିଲେ ତାହା ବର୍ତ୍ତମାନ ପିଢ଼ି ନିକଟରେ ଦେଖିବାକୁ ମିଳୁନାହିଁ ବୋଲି ଶ୍ରୀ ଶତପଥୀ କହିଥିଲେ। ଏହି ୱେବିନାରକୁ ପତ୍ର ସୂଚନା କାର୍ଯ୍ୟାଳୟର ଗଣଯୋଗାଯୋଗ ଅଧିକାରୀ ପ୍ରଦୀପ ଚୌଧୁରୀ ପରିଚାଳନା କରିଥିବା ବେଳେ ପିଆଇବିର ଉପନିର୍ଦ୍ଦେଶକ ଗିରିଶ ଚନ୍ଦ୍ର ଦାଶ, ଆଂଚଳିକ ଜନସମ୍ପର୍କ କାର୍ଯ୍ୟାଳୟର ନିର୍ଦ୍ଦେଶକ ଅଖିଳ ଚନ୍ଦ୍ର ମିଶ୍ରଙ୍କ ସମେତ ସୂଚନା ପ୍ରସାରଣ ମନ୍ତ୍ରଣାଳୟର ଅଧିକାରୀ, କର୍ମଚାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ବୁଦ୍ଧିଜୀବୀମାନେ ଅଂଶଗ୍ରହଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### କରୋନା ସଂକ୍ରମଣ ମଧ୍ୟରେ...

ନଭେମ୍ବର ୩ ଓ ତୃତୀୟ ପର୍ଯ୍ୟାୟ ନଭେମ୍ବର ୭ରେ ରହିଛି। ନଭେମ୍ବର ୧୦ରେ ଗଣତି ସହ ଫଳାଫଳ ପ୍ରକାଶ ପାଇବ। ପ୍ରଥମ ପର୍ଯ୍ୟାୟରେ ନିର୍ବାଚନରେ ଆରଜେଡିର ୪୨ ପ୍ରାର୍ଥୀ, ଜେଡିୟରୁ ୩୫, ବିଜେପିର ୨୯, କଂଗ୍ରେସର ୨୧, ସିପିଆଇର ୮ଜଣ, ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା (ହାମ୍) ଓ ବିକାଶ ଇନସାନ ପାର୍ଟି (ଭିଆଇପି)ର ଜଣେ ପ୍ରାର୍ଥୀ ରହିଛନ୍ତି। ଏହି ୭୧ଟି ଆସନରେ ହଜାରରୁ ଅଧିକ ପ୍ରାର୍ଥୀ ରହିଥିବା ସୂଚନା ରହିଛି। ଏହି ବିଧାନସଭା ନିର୍ବାଚନରେ ମୁଖ୍ୟତଃ ଏନଡିଏ ଏବଂ ମହାମେଂଟ ମଧ୍ୟରେ ରହିଛି।

### ପୃଥକ୍ ପୃଥକ୍ ସ୍ଥାନରେ ...

ମାଓ ନେତା ଏହି ଗୁଳି ବିନିମୟ ସମୟରେ ଖସି ପଳାଇବାରେ ସକ୍ଷମ ହୋଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି । ଏମାନଙ୍କ ମଧରେ ମାଓନେତା ଅରୁଣା ଓ ଜଗନ ରହିଥିବା ସୂଚନା ମିଳିଛି । ଘଟଣାସ୍ଥଳରୁ ଯବାନ ମାନେ ୩୨ ଟି ଡ଼ିଟୋନେଟର, ଗୋଟିଏ ଆଇଡି ବିସ୍ଫୋରକ, ୧୬ ରାଉଣ୍ଡ ଗୁଳି, ଗୋଟିଏ ମାଗାଜିନ୍, ରେଡ଼ିଓ, ମାଓ ପୋଷାକ, ମାଓ ପତ୍ରିକା, ପୋଷ୍ଟର, ବ୍ୟାନର, କିଟ୍ ବ୍ୟାଗ୍ ଆଦି ଜବତ କରିଛନ୍ତି । ଏହି ଗୁଳି ବିନିମୟରେ ବହୁ ମାଓବାଦୀ ମୃତାହତ ହୋଇଥିବା ନେଇ ପୋଲିସ ଆଶଙ୍କା ପ୍ରକାଶ କରିଛି ।

### ମାନସଙ୍କ ପାଇଁ ଭୁବନେଶ୍ୱର...

କରିବା ସହ ପ୍ରାର୍ଥୀ ମାନସ ଦତ୍ତଙ୍କ ପାଇଁ ଭୋଟଭିକ୍ଷା କରିଥିଲେ। ପରେ ସେମାନେ ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାହାବଳପୁର ଓ ପଞ୍ଚୁପଡ଼ା ଅଞ୍ଚଳରେ ରୋଡ଼ ସୋ'ରେ ଯୋଗଦେବା ସହ ଏକାଧିକ ନିର୍ବାଚନୀ ସଭାରେ ଉଦବୋଧନ ଦେଇଥିଲେ। ୨୧ ବର୍ଷର ଶାସନ କାଳରେ ଜନସାଧାରଣଙ୍କୁ ମୌଳିକ ସେବା ପ୍ରଦାନରେ ବିଫଳ ହୋଇ ରାଜ୍ୟ ସରକାର କେବଳ କର୍ମୀ ତୋଷଣକୁ ଗୁରୁତ୍ୱ ଦେଇ ଆସିଛି ବୋଲି ସେମାନେ ଅଭିଭାଷଣରେ ପ୍ରକାଶ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ପ୍ରଭୃତି କ୍ଷେତ୍ରରେ ବିଫଳ ରାଜ୍ୟ ସରକାର କେନ୍ଦ୍ରର ଅନୁଦାନକୁ ହରିଲୁଟ୍ କରିଚାଲିଛି ବୋଲି ସେମାନେ ଆରୋପ ଉଠାଇଥିଲେ। ଶାସକଦଳର ମିଥ୍ୟା ପ୍ରତିଶ୍ରୁତିରେ ନ ଭୁଲି ଚଳିତ ନିର୍ବାଚନରେ ବିଜେପି ପ୍ରାର୍ଥୀ ମାନସଙ୍କୁ ଅଧିକ ଭୋଟରେ ଜିତାଇବାକୁ ମନ୍ତ୍ରୀ ଓ ସାଂସଦ ଜନସାଧାରଣଙ୍କୁ ନିବେଦନ କରିଥିଲେ।

### ତିର୍ତୋଲ ଉପନିର୍ବାଚନ...

କରୁଥିବାରୁ ମୁଁ ଖୁସି। ଏମିତି ଭଲ କାମ କରୁଥାନ୍ତୁ, ମୁଁ ଆପଣମାନଙ୍କ ସହ ରହିଛି। କରୋନା ଦୃଷ୍ଟିରୁ ଭୋଟଦାନ କେନ୍ଦ୍ରକୁ ଯିବା ବେଳେ ସୁରକ୍ଷା ପ୍ରତି ଦୃଷ୍ଟି ଦିଅନ୍ତୁ ବୋଲି ନବୀନ କହିଛନ୍ତି। ଉଲ୍ଲେଖ୍ୟଯୋଗ୍ୟଯେ ଆସନ୍ତା ୩ ତାରିଖରେ ତିର୍ତୋଲ ଓ ବାଲେଶ୍ୱର ସଦର ଅସନରେ ଉପନିର୍ବାଚନ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ଦଳର ଷ୍ଟାର ପ୍ରଚାରକ ହୋଇଥିବା ବେଳେ ଆଜିଠାରୁ ଭର୍ଚୁଆଲ ପ୍ରଚାର ଆରମ୍ଭ କରିଛନ୍ତି। ଆସନ୍ତାକାଲି ବାଲେଶ୍ୱର ସଦର ପ୍ରାର୍ଥୀ ସ୍ୱରୂପ ଦାସଙ୍କ ପାଇଁ ଡିଜିଟାଲ ପ୍ଲାଟଫର୍ମରେ ପ୍ରଚାର କରିବେ।

### ରାଜ୍ୟରେ ଆଉ ୧୨...

ନବରଙ୍ଗପୁର ଜିଲ୍ଲାର ଜଣେ ୬୦ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ପୁରୀ ଜିଲ୍ଲାର ଜଣେ ୮୦ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସେ ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ସୁନ୍ଦରଗଡ ଜିଲ୍ଲାର ଜଣେ ୭୦ ବର୍ଷୀୟ କରୋନା ସଂକ୍ରମିତ ମହିଳା ମୃତ୍ୟୁବରଣ କରିଛନ୍ତି । ଝାରସୁଗୁଡା ଜିଲ୍ଲାର ଜଣେ ୭୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହରେ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ । ଝାରସୁଗୁଡା ଜିଲ୍ଲାର ଜଣେ ୫୮ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ୭୭ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ନୂଆପଡା ଜିଲ୍ଲାର ଜଣେ ୨୨ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ନୂଆପଡା ଜିଲ୍ଲାରେ ଜଣେ ୫୫ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସମ୍ବଲପୁର ଜିଲ୍ଲାର ଜଣେ ୫୯ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । କଟକ ଜିଲ୍ଲାର ଜଣେ ୩୫ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଗଂଜାମ ଜିଲ୍ଲାର ଜଣେ ୬୩ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।

## ଜଳେଶ୍ୱରର ବିଭିନ୍ନ ସମସ୍ୟା ନେଇ ଆଇଆଇସିଙ୍କ ସହ ଆଲୋଚନା : ପାଟ୍ରୋଲିଂ ପ୍ରତି ଗୁରୁତ୍ୱ

ଜଳେଶ୍ୱର,୨୮।୧୦ (ନି.ପ୍ର): ଦିନକୁ ଦିନ ଉପାନ୍ତ ଜଳେଶ୍ୱରର ଆଇନ୍ ପରିସ୍ଥିତିର ଅଧୋଗତି ହେଉଥିବାରୁ ଜଳେଶ୍ୱର ଅଂଚଳର କେତେକ ବୁଦ୍ଧିଜିବୀ ଗତ ମଂଗଳବାର ସନ୍ଧ୍ୟାରେ ଜଳେଶ୍ୱର ପୁଲିସ୍ ଆଇଆଇସି ଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଛନ୍ତି । ଅପରାଧିକରଣ ରୋକିବାଲାଗି ପେଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦେବାକୁ ଆଲୋଚନାରେ ଆଇଆଇସିଙ୍କୁ ଅନୁରୋଧ କରାଯାଇଥିଲା । ପଶ୍ଚିମବଂଗର ଅପରାଧିମାନେ ୬୦ନଂ ଜାତୀୟ ରାଜପଥ ଓ ଓଟିରୋର୍ଡରେ ବ୍ୟାପକ ଅପରାଧ କରୁଥିବା ଏବଂ ଧଳା ଜହର ବ୍ୟବସାୟୀମାନେ ଅଧିକ ସକ୍ରିୟ ହେଉଥିବାରୁ ତାର ନିରାକରଣ, ଛିନ୍‌ତାଇ, ଲୁଟ୍, ବ୍ୟାଙ୍କ ଲୁଟଇତ୍ୟାଦି ଲାଗି ପୁଲିସ୍ ଅଧିକ ଚଳଚଞ୍ଚଳ ହେବା ସହିତ ଏକ ପିସିଆର୍ ଭେନ୍ ପ୍ରଳଚନ ପାଇଁ ଦାବି କରିଥିଲେ । ପ୍ରକାଶଯୋଗ୍ୟ ଅତୀତରେ ଜଳେଶ୍ୱରରେ ବହୁ ବ୍ୟକ୍ତି ପିସିଆର୍ ଭେନ୍ ପ୍ରଚଳନ ଲାଗି ଜିଲା ପ୍ରଶାସନ ଓ ରାଜ୍ୟ ପ୍ରଶାସନକୁ ଲିଖିତଭାବେ ଜଣାଇଥିଲେ । ଜଳେଶ୍ୱର ବଡବଜାର ପୋଲ ଉପରେ ବ୍ୟବସାୟୀଙ୍କର ୪ଚକିଆ ଯାନ ଗୁଡିକ ପାର୍କ ନ କରିବା, ନାବାଳକମାନେ ଦୃତଗତିରେ ଗାଡି ଚାଳନା କରୁଥିବାରୁ ଏଥିପ୍ରତି ପୁଲିସ୍‌ର ଧରପଗଡ ଆରମ୍ଭ ହେବା, ଟେମ୍ପୋ ଡ୍ରାଇଭର ସିଟ୍ ନିକଟରେ ମହିଳାଙ୍କୁ ନ ବସାଇବା, ବ୍ୟାପକ ମଦ କାରବାର ରୋକିବା ସଂପର୍କରେ ଆଲୋଚନା ହୋଇଥିଲା । ଆଜି ଜଳେଶ୍ୱର ବଡବଜାର ପୋଲ ଉପରେ ପୋଲିସ୍ ଉପସ୍ଥିତ ରହି ବେଆଇନ୍ ପାର୍କିଂକୁ ବନ୍ଦ କରିଥିଲେ । ଶେଷରେ ଆଇଆଇସି ଏସଂପର୍କରେ ଧ୍ୟାନ ଦେବେ ବୋଲି ପ୍ରତିଶୃତି ଦେଇଥିଲେ । ଏହି ଆଲୋଚନାରେ ବଣିକ ସଂଘ ସଭାପତି ସୁଧିର କୁମାର ମହାନ୍ତି, ବରିଷ୍ଠ ଆଇନ୍‌ଜିବୀ ରାମଚନ୍ଦ୍ର ଜେନ. ଶରତ କୁମାର ପରିଡା, ଡ. ରମାକାନ୍ତ ଭଂଜ, ସତ୍ୟନାରାୟଣ ଦାସ, ଅବନୀ ଚାନ୍ଦ ଆଲୋଚନାରେ ଭାଗ ନେଇଥିଲେ । କୋଭିଦ୍-୧୯ ଆଇନ୍‌କୁ ଲକ୍ଷ୍ୟରଖି ଏଥିରେ କେବଳ ସଂଗଠନର ପ୍ରତିନିଧିମାନେ ଭାଗ ନେଇଥିଲେ ।

## ୨୦୩୦ ସୁଦ୍ଧା ୪୫% ପଣ୍ୟ ପରିବହନ ଚାହିଦା ବୃଦ୍ଧି କରିବାକୁ ରେଳ ମନ୍ତ୍ରଣାଳୟର ଲକ୍ଷ୍ୟ

ଭୁବନେଶ୍ୱର,୨୮।୧୦ (ନି.ପ୍ର): ପଣ୍ୟ ପରିବହନ କ୍ଷେତ୍ରରେ ନିଜର ପଣ୍ୟ ପରିବହନ ଅଂଶ ବୃଦ୍ଧି କରିବା ଲକ୍ଷ୍ୟରେ ରେଳ ମନ୍ତ୍ରଣାଳୟ ୨୦୩୦ ସୁଦ୍ଧା ବର୍ତମାନର ୨୮% ରୁ ୪୫% ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଯୋଜନା କରୁଛି। ଏହା ହାସଲ କରିବା ପାଇଁ, ଜାତୀୟ ରେଳ ଯୋଜନା (ଏନଆରପି) - ୨୦୩୦ ର ଅଧକ୍ଷ ତଥା ରେଳବାଇ ବୋର୍ଡ ଅଧକ୍ଷ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହିତ ବୋର୍ଡର ଗୁରୁତ୍ୱପୂର୍ଣ୍ଣ ପଦାଧିକାରୀ ମାନଙ୍କ ସହିତ ରେଳବାଇ ଜୋନ ମାନଙ୍କର ମହାପ୍ରବନ୍ଧକ, ବିଭାଗର ମୁଖ୍ୟ, ଡିଆରଏମ୍ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ରେଳ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା। ଏହି ଆଲୋଚନାରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ବିଦ୍ୟା ଭୂଷଣ ଏବଂ ଖୋର୍ଦ୍ଧା ରୋଡ଼, ସମ୍ବଲପୁର ଏବଂ ୱାଲଟିୟର ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ମାନଙ୍କ ସମେତ ପ୍ରମୁଖ ବିଭାଗୀୟ ଓ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଭର୍ଚୁଆଲ୍ ମିଟିଂ ସମୟରେ ଦୁଇଟି ରଣନୀତିକ ନିଷ୍ପତି ଉପରେ ବିଷୟ ବସ୍ତୁ ଉପସ୍ଥାପନା କରାଯାଇଥିଲା, ଯଥା ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ ଏବଂ ଡାଟା ଆନାଲିଟିକ୍ସ ଏବଂ ଏନଆରପି। ଏହି ଯୋଜନାରେ ସାମର୍ଥ୍ୟ ସୃଷ୍ଟି, ଭିତିଭୂମି ବିକାଶ ଏବଂ ଭାରତୀୟ ରେଳବାଇର ବଜାର ଅଂଶର ୪୫ ପ୍ରତିଶତ ପ୍ରତିଯୋଗିତାମୂଳକ ପରିବହନ ଧାରାକୁ ବୃଦ୍ଧି କରିବାକୁ ଯୋଜନା କରାଯାଇଛି। ଏନଆରପି ୨୦୩୦ ସୁଦ୍ଧା କ୍ଷମତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି ଯାହା ପରବର୍ତୀ ଦୁଇ ଦଶନ୍ଧି ଯଥା ୨୦୩୦ ରୁ ୨୦୫୦ ପର୍ଯ୍ୟନ୍ତ ଚାହିଦା ପୂରଣ କରିବ। ଘଜଚ ଉପରେ ଉପସ୍ଥାପନାରେ ମୋଡାଲ୍ ମାଲ ପରିବହନ ଅଂଶ ବୃଦ୍ଧି କରାଇବା ପାଇଁ ରଣନୀତି ଉପରେ ଆଲୋଚନା କରାଯାଇଥିଲା ଏବଂ ଧାର୍ଯ୍ୟ ସମାପ୍ତି ପାଇଁ ଏକ ସମୟସୀମା ସହିତ ଭିତିଭୂମି ପ୍ରକଳ୍ପ ଚିହ୍ନଟ କରାଯାଇଥିଲା। ଟ୍ରେନ ମାନଙ୍କର ୧୩୦ କିଲୋମିଟର ବେଗ ଏବଂ ପରେ ଗୋଲଡେନ୍ ଚତୁର୍ଭୁଜ ଏବଂ ଗୋଲଡେନ୍ ଡାଇଗୋନାଲ୍ ଉପରେ ୧୬୦ କିଲୋମିଟର ବେଗ ଟ୍ରାକ ପାଇଁ ଏନଆରପି ଅନ୍ତର୍ଭୂକ୍ତ କରିବା ସହିତ ମାନବ ରହିତ ଲେଭେଲ କ୍ରସିଂକୁ ହଟାଇବା, ଭାରୀ ମାଲ ପରିବହନ କରିବାକୁ ଥିବା ରୁଟରେ ଉରଉ ନିର୍ମାଣ, ଦୋହରୀକରଣ ଓ ୱାର୍ଡ ନବୀକରଣ ନିର୍ମାଣ କାର୍ଯ୍ୟ ସମାପ୍ତ କରିବା, ଉନ୍ନତ ସିଗନାଲ୍ ସିଷ୍ଟମ ସ୍ଥାପନ, ରାସ୍ତା କଡ଼ରେ ଲମ୍ବା ଲୁପ୍ ବ୍ୟବହାର ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେ ପ୍ରମୁଖ ସେତୁ / ଟନେଲ ନିର୍ମାଣ କରିବା ଇତ୍ୟାଦି । ନଭେମ୍ବର, ୨୦୨୦ ସୁଦ୍ଧା ଜାତୀୟ ରେଳ ଯୋଜନା ଚୂଡାନ୍ତ କରିବାକୁ ପଡିବ। ଜୋନାଲ ରେଳବାଇ ଏବଂ ଅଧିକାରୀଙ୍କ ଠାରୁ ବୋର୍ଡ ମଧ ଏହା ସମ୍ବନ୍ଧରେ ପରାମର୍ଶ ଚାହୁଁଛି। ଅଧିକାରୀମାନଙ୍କୁ ପରିବର୍ତନ ଏଜେଂଟ ହେବାକୁ ପ୍ରସ୍ତୁତ କରିବା ପାଇଁ ଅନୁସୂଚିତ ତାଲିମ କାର୍ଯ୍ୟକ୍ରମ ଇଓ ଏବଂ ଉଉଇ ରେ ଆୟୋଜିତ ହେବ । ପ୍ରତ୍ୟେକ ଜୋନାଲ ରେଳବାଇ ଦ୍ୱାରା ଜଣେ ମୁଖ୍ୟ ପ୍ରଯୁକ୍ତିବିଦ୍ୟା ଅଧିକାରୀ ମନୋନୀତ ହେବେ ଏବଂ ମଣ୍ଡଳ ମାନଙ୍କରେ ଡିଭିଜନାଲ ଟେକ୍ନୋଲୋଜି ଅଧିକାରୀ କାର୍ଯ୍ୟକରିବା ସହ ମୁଖ୍ୟ ପ୍ରଯୁକ୍ତିବିଦ୍ୟା ଅଧିକାରୀ ମାନଙ୍କୁ ପ୍ରାଥମିକ ସ୍ତରର କାର୍ଯ୍ୟଧାରା ସମ୍ବନ୍ଧରେ ଆଲୋଚନା କରିପାରିବ ସହ ଏହାର ସଫଳ ରୂପାୟନ କରିପାରିବେ।

# ବିଜେଡି ପକ୍ଷରୁ ତୁଫାନୀ ନିର୍ବାଚନ ପ୍ରଚାର

ବାଲେଶ୍ୱର,୨୮।୧୦: ଉପ ନିର୍ବାଚନର ତାରିଖ ଯେତିକି ପାଖେଇ ଆସୁଛି ନିର୍ବାଚନର ଉଷ୍ମତା ସେତିକି ସ୍ୱଷ୍ଟ ବାରି ହୋଇ ପଡୁଛି । ବିଭିନ୍ନ ଦଳ ପକ୍ଷରୁ ମଧ ପ୍ରଚାର ସରଗରମ ହୋଇଉଠୁଛି । ଏହି ପରିପ୍ରେକ୍ଷୀରେ ବିଜେଡିର ବରିଷ୍ଠ ନେତା ଓ ମନ୍ତ୍ରୀମାନଙ୍କ ସହ ଅଭିନେତା ଅଭିନେତ୍ରୀ ମାନଙ୍କର ଆକର୍ଷଣୀୟ ପ୍ରଚାର ଏକ ଭିନ୍ନ ରାଜନୈତିକ ମାହଲ ସୃଷ୍ଟି କରିଛି । ଆଜି ମଧ୍ୟାହ୍ନରେ ଦଳ ପକ୍ଷରୁ ସହରର କହିନୁର ପ୍ୟାଲେସରେ ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ, ରାଜ୍ୟସଭା ସାଂସଦ ମୁନ୍ନା ଖାଁ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ପୂର୍ବତନ ବିଧାୟକ ହାଜି ଆୟୁବ୍ ଖାଁ, ସମାଜସେବୀ ସୁବାସିନୀ ଜେନା, ଓଡ଼ିଆ ସିନେ ତାରକା ଅରିନ୍ଦମ୍ ଓ ଯୁବନେତା ମାନସ ଦାସପଟ୍ଟନାୟକ ପ୍ରମୁଖ ଯୋଗଦେଇ ବିଜେଡି ପ୍ରାର୍ଥୀ ସ୍ୱରୂପ ଦାସଙ୍କ ପାଇଁ ଭୋଟଭିକ୍ଷା କରିଥିଲେ । ୱାର୍ଡ଼ ନଂ ୧୧ର ବିଜେଡି ପର୍ଯ୍ୟବେକ୍ଷକ ପ୍ରଭାତ ସିଂହ ଏଥିରେ ସଂଯୋଜନା କରିଥିଲେ । ଇନ୍ତେଖାବ ଅଲ୍ଲି ଖାଁ, ଶେଖ୍ ସକିର,ନୌସଦ ଅଲ୍ଲି, ତାହିରା ବେଗମ, ତବସୁମ୍ ବିବି ପ୍ରମୁଖ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ । ସେହିପରି ୱାର୍ଡ଼ ୧୦ରେ ଆୟୋଜିତ ବାଇକ୍ ଶୋଭାଯାତ୍ରା ଓ ସମାବେଶରେ ରାଜ୍ୟ ମତ୍ସ୍ୟ ନିଗମ ଅସିତ ପଟ୍ଟନାୟକ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, ରାଜ୍ୟସଭା ସାଂସଦ ସୁବାସ ସିଂହ, ରାଜ୍ୟ ସାଧାରଣ ପରିଷଦ ସଦସ୍ୟ ନିହାର ରଂଜନ ବେହେରା, ପୂର୍ବତନ ବିଧାୟକ ଆକାଶ ଦାସନାୟକ, ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ଶୁଭେନ୍ଦୁ ମଙ୍ଗରରାଜ ପ୍ରମୁଖ ଉପସ୍ଥିତ ଥିଲେ । ଉମାଶଙ୍କର ତିଆଡ଼ିଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା । ଅନୁରୂପ ଭାବେ ୫ ନଂ ୱାର୍ଡ଼ରେ ଅନୁଷ୍ଠିତ ପ୍ରଚାର କାର୍ଯ୍ୟକ୍ରମରେ ପ୍ରାର୍ଥୀ ସ୍ୱରୂପ ଦାସ ଓ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ପରେ ଦଳ ପକ୍ଷରୁ ୨୫ନଂ ଜୋନର ବଇଁଚା, ସିନ୍ଧିଆ, ଗୋପିନାଥପୁର, ଓଲନ୍ଦା ସାରଗାଁ ଏବଂ ଓଡଙ୍ଗି ପ୍ରଭୃତି ପଞ୍ଚାୟତ ଓ ୨୬ନଂ ଜୋନର ପରିଖି ପଞ୍ଚାୟତରେ ବିଜେଡିର ତୋଫାନୀ ପ୍ରଚାର ସହିତ ନିର୍ବାଚନ ସଭା ଅନୁଷ୍ଠିତ ହୋଇଥିଲା ।

# ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ : ରିଟର୍ଣ୍ଣିଂ ଅଫିସରଙ୍କଠାରେ ବିଜେପିର ଫେରାଦ



ବାଲେଶ୍ୱର,୨୮।୧୦ (ନି.ପ୍ର): ଆସନ୍ତା ନଭେମ୍ବର ୩ ତାରିଖରେ ହେବାକୁ ଥିବା ବାଲେଶ୍ୱର ସଦର ଉପ-ନିର୍ବାଚନ ପାଇଁ ପ୍ରମୁଖ ଦଳମାନଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ରଣକୌଶଳ ପ୍ରୟୋଗ କରାଯାଉଥିଲେ ବି ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ନେଇ ଆରୋପ ଉଠାଇଛି ବିଜେପି । ପୂର୍ବରୁ ଶାସକ ଦଳ ବିଜେଡିର କର୍ମୀ ଓ ନେତାମାନେ ଆଚରଣ ବିଧି ଉଲ୍ଲଂଘନ କରୁଥିବା ନେଇ ବିଜେପି ଅଭିଯୋଗ କରୁଥିବା ବେଳେ ଏବେ ପ୍ରଶାସନର ବିଭାଗୀୟ ଅଧିକାରୀଙ୍କୁ ଟାର୍ଗେଟ କରିଛି ଦଳ । ବିଶେଷ କରି ଶାସକଦଳ ବିଜେଡିକୁ ସାହାଯ୍ୟ କରିବାକୁ ଯାଇ ପ୍ରଶାସନର ବିଭିନ୍ନ ବିଭାଗ ପକ୍ଷରୁ ଆଚରଣ ବିଧି ଉଲ୍ଲଂଘନ କରି ଉନ୍ନତିମୂଳକ କାର୍ଯ୍ୟ କରାଯାଉଥିବା ବିଜେପି ପ୍ରତିନିଧି ଦଳ ଆଜି ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ଫେରାଦ ହୋଇଛି । ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ ଓ ବିଜେପି ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରିଟର୍ଣ୍ଣିଂ ଅଫିସର ବାଲେଶ୍ୱର ଉପଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପରେ ସମସ୍ତ ଉନ୍ନତିମୂଳକ ପ୍ରକଳ୍ପ କାର୍ଯ୍ୟ ବନ୍ଦ କରାଯାଇଥିବା ବେଳେ ସଦର ନିର୍ବାଚନମଣ୍ଡଳୀର ପୌରାଞ୍ଚଳସ୍ଥିତ କ୍ୟାଥୋଲିକ ପଡ଼ାରେ ନୂତନ ଇଲେକ୍ଟ୍ରିକ୍ ଟ୍ରାନ୍ସଫର୍ମାର ସ୍ଥାପନ ଓ ପାନୀୟ ଜଳ ସଂଯୋଗ କରାଯିବାକୁ ନେଇ ବିଜେପି ନେତାମାନେ ପ୍ରଶ୍ନ ଉଠାଇଛନ୍ତି । ନିର୍ବାଚନ ବେଳେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଶାସକ ବିଜେଡି ଦଳ ଦେଉଥିବା ପ୍ରତିଶ୍ରୁତିକୁ ପୂରଣ ପାଇଁ ପ୍ରଶାସନ କାର୍ଯ୍ୟ କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ସେମାନେ କହିଛନ୍ତି । ଏନେଇ ଅଭିଯୁକ୍ତ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ବିଜେପି ପକ୍ଷରୁ ଦାବି ହୋଇଛି । ଏନେଇ ବିଜେପି କର୍ମକର୍ତ୍ତାମାନେ ଏକ ଦାବିପତ୍ର ରିଟର୍ଣ୍ଣିଂ ଅଫିସରଙ୍କୁ ପ୍ରଦାନ କରିଛନ୍ତି । ଦାବିପତ୍ର ପ୍ରଦାନ ବେଳେ ଶ୍ରୀମତୀ ପାଢ଼ୀ ଓ ଶ୍ରୀ ପଣ୍ଡାଙ୍କ ସମେତ ବିଜେପି ରାଜ୍ୟ ମହିଳା ମୋର୍ଚ୍ଚା ଉପ-ସଭାପତି ସୁଷମା ବିଶ୍ୱାଳ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ହରପ୍ରିୟା ସାହୁ, ଯୁବନେତା ପ୍ରଦୀପ୍ତ କୁମାର ଜେନା, ଅନୀଲ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

ନାମଲେଖା ଚାଲିଛି

"ସା ବିଦ୍ୟା ଯା ବିମୁକ୍ତୟେ"

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ମାତୃ ବିହାର, ମାନସିଂବଜାର, ବାଲେଶ୍ୱର

R.T.E. Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ ଓ ଗରିବ ପିଲାମାନଙ୍କ ପାଇଁ ୨୫% ନିଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି ।

ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ

ଯୋଗାଯୋଗ : ୮୨୮୦୧୫୯୬୩୫ / ୯୪୩୯୧୯୦୯୫୦

# ୬୦ନଂ ଜାତୀୟ ରାଜପଥରେ ବାଇକ୍‌କୁ ପିଟିଲା ଅଜଣା ଗାଡି : ବାଇକ୍ ଚାଳକ ମୃତ

ଜଳେଶ୍ୱର,୨୮।୧୦ (ନି.ପ୍ର): ଆଜି ଅପରାହ୍ନରେ ଜଳେଶ୍ୱର ଥାନା ଅନ୍ତର୍ଗତ ଗୁଆ ଗଡିଆ ଗାଁର ସୁନନ୍ଦ ମାଝି(୩୬) ନିଜ ବାଇକ୍‌ରେ ବାଲେଶ୍ୱରରୁ ଗାଁକୁ ଫେରୁଥିବା ବେଳେ ଏକ ଅଜାଣା ଗାଡି ଧକ୍କାରେ ମୃତ୍ୟବରଣ କରିଛନ୍ତି । ଦିନ ୨.୩୦ମିରେ ସେ ବାଲେଶ୍ୱରରୁ ନିଜ କାର୍ଯ୍ୟସାରି ଫେରୁଥିବା ବେଳେ ହଳଦିପଦା ନିକଟରେ ବିପରିତ ଦିଗରୁ ଆସୁଥିବା ଏକ ଅଜାଣା ଗାଡି ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥରେ ତାର ମୃତ୍ୟୁ ଘଟିଛି । ଏଥିନେଇ ଜଳେଶ୍ୱର ପୁଲିସ୍‌କୁ ଖବର ମିଳିଥିବାରୁ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ । ଫଳରେ ଗାଁରେ ଶୋକର ଛାୟା ଖେଳି ଯାଇଛି ।




# ଗୋଟିଏ ଦିନରେ ୧୫୪୦ କରୋନା ଆକ୍ରାନ୍ତ ଚିହ୍ନଟ : ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୮୫୪୮୨

ଭୁବନେଶ୍ୱର,୨୮।୧୦ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୫୪୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୮୫୪୮୨ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨୬୮୧୧୫ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୧୬୦୩୦ ରହିଛି । ଆଜି ଚିହ୍ନଟ ହୋଇଥିବା ୧୫୪୦ ଜଣଙ୍କ ମଧ୍ୟରୁ ୮୮୬ ଜଣ ସଂଗରୋଧରୁ ହୋଇଥିବା ବେଳେ ୬୫୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ୨୦୮ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଅନୁଗୁଳ ଜିଲ୍ଲାରେ ୧୦୦ , ବାଲେଶ୍ୱର ଜିଲ୍ଲାରେ ୯୨ ଜଣ, ବରଗଡ ଜିଲ୍ଲାରେ ୪୧ , ଭଦ୍ରକ ଜିଲ୍ଲାରେ ୯, ବଲାଙ୍ଗିର ଜିଲ୍ଲାରେ ୬୭, ବୌଦ୍ଧ ଜିଲ୍ଲାରେ ୩ ,କଟକ ଜିଲ୍ଲାରେ ୯୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଦେବଗଡ ଜିଲ୍ଲାରେ ୭, ଢେଙ୍କାନାଳ ଜିଲ୍ଲାରେ ୨୪, ଗଜପତି ଜିଲ୍ଲାରେ ୫, ଗଂଜାମ ଜିଲ୍ଲାରେ ୨୯, ଜଗତସିଂହପୁର ଜିଲ୍ଲାରେ ୭୮, ଯାଜପୁର ଜିଲ୍ଲାରେ ୨୨ . ଝାରସୁଗୁଡା ଜିଲ୍ଲାରେ ୪୨, କଳାହାଣ୍ଡି ଜିଲ୍ଲାରେ ୪୭, କନ୍ଧମାଳ ଜିଲ୍ଲାରେ ୧୪, କେନ୍ଦ୍ରାପଡା ଜିଲ୍ଲାରେ ୬୨ ,କେନ୍ଦୁଝର ଜିଲ୍ଲାରେ ୩୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୨୬ ଜଣ, ମାଲକାନଗିରି ଜିଲ୍ଲାରେ ୪୨, ମୟୁରଭଂଜ ଜିଲ୍ଲାରେ ୯୧, ନବରଙ୍ଗପୁରରେ ୪୩, ନୟାଗଡ ଜିଲ୍ଲାରେ ୩୩, ନୂଆପଡା ଜିଲ୍ଲାରେ ୫୧, ପୁରୀ ଜିଲ୍ଲାରେ ୪୯, ରାୟଗଡା ଜିଲ୍ଲାରେ ୧୦, ସମ୍ବଲପୁର ଜିଲ୍ଲାରେ ୩୨ ,ସୋନପୁର ଜିଲ୍ଲାରେ ୨୯ ତଥା ସୁନ୍ଦରଗଡ ଜିଲ୍ଲାରେ ୧୧୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାଜ୍ୟ ପୁଲରେ ୩୬ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ଗୁଡ଼ାରୀ ପୋଲିସ୍‌ର ସଫଳତା : ୫୭୨ କିଲୋ ଗଞ୍ଜେଇ ସହ ଦୁଇ ଜଣ ଗିରଫ ଓ ଏକ ଟ୍ରକ ଜବତ୍



ଗୁଣୁପୁର,୨୮।୧୦ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ଉପଖଣ୍ଡ ଗୁଡ଼ାରୀ ଥାନାରେ ପୁଣି ଏକ ବଡ଼ ସଫଳତା ହାସଲ ହୋଇ ପାରିଛି । ଗୁଡ଼ାରୀ ପୋଲିସ୍ ଦ୍ୱାରା ବୁଧବାର ସକାଳୁ ସାଢ଼େ ସାତଟା ବେଳେ ୫୭ ଲକ୍ଷ ଟଙ୍କାର ଗଞ୍ଜେ ସହ ଏକ ଟ୍ରକ (ଆର୍‌ଜେ ୧୪ ଜିକେ ୧୦୩୬) ଜବତ ହୋଇଛି । ଗୁଡ଼ାରୀ ଥାନା ଆଇଆଇସି କୌଣସି ସୂତ୍ରରୁ ସୂଚନା ପାଇ ପୋଲିସ୍ ଏସ୍‌ଆଇ ପି ଜାନୀଙ୍କ ନେତୃତ୍ୱରେ ଏକ ଟିମ୍ କୁ ପଠାଇଥିଲେ । ସୂଚନା ଅନୁଯାୟୀ ଗଜପତି ଜିଲ୍ଲାର ରାଇପଙ୍କାଠାରୁ ଉତ୍ତର ପ୍ରଦେଶ କୁ ଗଞ୍ଜେ ଚାଲାଣ ହେଉଥିବା ଜଣାପଡିଥିଲା । ଏହି ଟ୍ରକ୍‌ଟି ରାଇପଙ୍କା ଠାରୁ ଗୁମୁଡା-ପଦ୍ମପୁର ଓ ରାମନାଗୁଡା ହୋଇ ଉତ୍ତରପ୍ରଦେଶ ଯାଉଥିଲା, ଏହାକୁ ଗୁମୁଡା ଆର୍ ଏମ୍ ସି ଅଫିସ୍ ନିକଟରେ ତଥା ରାଜ ରାସ୍ତା ୩୨୬ କଡ଼ରେ ପୋଲିସ୍ କାବୁ କରିଥିଲା । ଗାଡିରୁ ୪ଟି ଲୁହା ପିଲାର ସହ ୧୩ ବସ୍ତା ଗଞ୍ଜେ ଜବତ ହୋଇଛି । ଗାଡ଼ି ଚାଳକ ଓ ମାଲିକଙ୍କୁ ଗିରଫ କରିବା ସହ ବ୍ୟାଙ୍କ୍ ଅଫ୍ ବରୋଦାର ଏକ ଏଟିଏମ୍ କାର୍ଡ ଓ ଏକ ଜିଓ ମୋବାଇଲ ଫୋନକୁ ବି ପୋଲିସ୍ ଜବତ୍ କରିଛି । ପୋଲିସ୍ ଏହି ଚାଲାଣ ବିଷୟରେ ଅଧିକ ଜାଣିବା ପାଇଁ ଅନୁସନ୍ଧାନ ଜାରୀ ରଖିଥିବା ପ୍ରକାଶ କରିଛନ୍ତି ।

# ଭୁବନେଶ୍ୱରରୁ ୧୧୦ ପଜିଟିଭ୍ , ୨୧୯ ସୁସ୍ଥ

ଭୁବନେଶ୍ୱର,୨୮।୧୦ (ନି.ପ୍ର): ୨ ଦିନ ରାଜଧାନୀ ଭୁବନେଶ୍ୱରରେ କରୋନା ଆକ୍ରାନ୍ତଙ୍କ ୧୦୦ ତଳେ ରହିଥିବା ବେଳେ ବୁଧବାର ଦିନ ଆଉ ୧୧୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିରେ ୩୩ ଜଣ ସଂଗରୋଧରୁ ଓ ୭୭ ଜଣ ସ୍ଥାନୀୟ ଅଂଚଳରୁ ଅଛନ୍ତି । ଅନ୍ୟପକ୍ଷରେ ୨୪ ଘଂଟାରେ ଆଉ୨୧୯ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ବେଳେ ୨ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି ।ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ସଂଗରୋଧରୁ ଚିହ୍ନଟ କରୋନା ପଜିଟିଭ ବ୍ୟକ୍ତିମାନଙ୍କ ମଧ୍ୟରେ ଚନ୍ଦ୍ରଶେଖରପୁର ଓ ପୁରୁଣା ଭୁବନେଶ୍ୱରରୁ ୫ଜଣ ଲେଖାଏଁ , ବଡ଼ଗଡ଼, ନୟାପଲ୍ଲୀରୁ ୩ ଜଣ ଲେଖାଏଁ , ପାତ୍ରପଡା, ଘାଟିକିଆ ଓ .ନାଗେଶ୍ୱରଟାଙ୍ଗି ଅଂଚଳରୁ ୨ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି । ସେହିପରି ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ପଟିଆ ଓ ବଡ଼ଗଡ଼ରୁ ୫ ଜଣ ଲେଖାଏଁ , ଶୈଳଶ୍ରୀ ବିହାର, ମଂଚେଶ୍ୱର, ବମିଖାଲ, ନୟାପଲ୍ଲୀ, ସହିଦନଗରରୁ ୪ ଜଣ ଲେଖାଏଁ, ଆଇଆରସି ଭିଲେଜ , ୟୁନିଟ-୩ ଓ ସାମନ୍ତରାପୁରରୁ ୩ ଜଣ ଲେଖାଏଁ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ନୂତନ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୮,୮୯୨କୁ ବୃଦ୍ଧି ପାଇଛି । ସେଥିରୁ ୨୬,୮୨୬ ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବା ବେଳେ ବର୍ତ୍ତମାନ ୧୮୮୫ ଜଣ ସକ୍ରିୟ ଆକ୍ରାନ୍ତ ରହିଛନ୍ତି । ସେହିପରି ୧୬୦ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo